

ପ୍ଲିଜାଲିନ୍‌ଙ୍କୁ ରୌପ୍ୟ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 132 | ଭାଗ ୩୩ | ସଂଖ୍ୟା ୧୩୨ | Bhubaneswar | Saturday 2 August 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୨ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ

### ତାରିଖ ଘୋଷଣା କଲେ ଇସିଆଇ




ନୂଆଦିଲ୍ଲୀ,୧।୮: ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ଆଜି ଏନେଇ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ (ଇସିଆଇ)। କମିଶନ୍ ଦେଇଥିବା ସୂଚନାନୁସାରେ, ଏହି ନିର୍ବାଚନ ସକାଶେ ଆଗ୍ରହୀ ପ୍ରାର୍ଥୀ ଆସନ୍ତା ୨୧ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ୨୨ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଏହାପରେ ୨୫ ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସୁଯୋଗ ରହିବ। ସେହିପରି ସେପ୍ଟେମ୍ବର ୯ ତାରିଖ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ହେବ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମୋଟ ଇଲେକ୍ଟୋରାଲ କଲେଜ ସଂଖ୍ୟା ୭୮୮ ରହିଥିବା ବେଳେ ଏଥିରେ ➪ପୃଷ୍ଠା-୬

## ଆଜି ମହାନଦୀ ଜଳ ବିବାଦ ଶୁଣାଣି

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ମହାନଦୀ ଜଳକୁ ନେଇ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିବାଦ ଲାଗି ରହିଛି। ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲରେ ବାରମ୍ବାର ଆଲୋଚନା ବି ହୋଇଛି, କିନ୍ତୁ ଫଳ ଶୂନ। ନା ଟ୍ରିବ୍ୟୁନାଲରେ ସମାଧାନ ହେଉଛି ନା ଦୁଇ ରାଜ୍ୟ ମଧ୍ୟରେ ହେଉଛି ଆପୋଷ ବୁଝାମଣା। ଏହାରି ଭିତରେ ପୁଣିଥରେ ଆସନ୍ତାକାଲି ଟ୍ରିବ୍ୟୁନାଲରେ ହେବାକୁ ଯାଉଛି ବିବାଦର ଶୁଣାଣି।

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆସନ୍ତାକାଲି ଟ୍ରିବ୍ୟୁନାଲରେ ହେବ ୪୪ତମ ଶୁଣାଣି। ଟ୍ରିପଲ ଇଞ୍ଜିନ ସରକାର ଥିବାରୁ ଏହି ଶୁଣାଣିରୁ କିଛି ନିଷ୍କର୍ଷ ବାହାରିବା ଆଶା ରହିଛି। ଶୁଣାଣି ପୂର୍ବରୁ ଆଜି ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ବିଭିନ୍ନ ଦଳର ନେତା ଏକାଠି ହୋଇ ବିବାଦର ଆପୋଷ ସମାଧାନ ନେଇ ଆଲୋଚନା କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ➪ପୃଷ୍ଠା-୬

# ରାଜସ୍ୱ ହାନି ରୋକିବ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା

- ଜିଏସଟି ଆଇନ-୨୦୧୭ରେ ସଂଶୋଧନ
- ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ସଂଶୋଧନକୁ ମଞ୍ଜୁରୀ
- ଆଉ ୫ ବର୍ଷ ବଢ଼ିଲା ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା
- ନ୍ୟାୟିକ କର୍ମଚାରୀଙ୍କ ନିଯୁକ୍ତି ଓ ସେବା ନିୟମ ସଂଶୋଧନ
- ଓଡ଼ିଶା ଲ' ଅଫିସର୍ସ ନିୟମାବଳୀରେ ସଂଶୋଧନ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ବାଲି ଖନନ, ଇଟାଭାଟି ଓ ପାନ ମସଲା ଆଦି କ୍ଷେତ୍ରରେ ରାଜସ୍ୱ ହାନିକୁ ରୋକିବା ନିମନ୍ତେ ଏଣିକି 'ଟ୍ରାକ ଆଣ୍ଡ ଟ୍ରେସ' ବ୍ୟବସ୍ଥାକୁ ଉପଯୋଗ କରି ଜୋରିମାନା ଆଦାୟ କରାଯିବ। ଏଥିପାଇଁ ଜିଏସଟି ଆଇନ-୨୦୧୭ରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୪ ବିଭାଗର ମୋଟ ୫ଟି ପ୍ରସ୍ତାବ ଉପରେ ଆଲୋଚନା ପରେ ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ଏହି ନିଷ୍ପତ୍ତି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ଓଡ଼ିଶା ଦ୍ରବ୍ୟ ଓ ସେବା କର ଆଇନ-୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଏହା ଫଳରେ ଟିକସଦାତା ଓ ଟିକସ କର୍ତ୍ତୃପକ୍ଷଙ୍କ ପାଇଁ ପ୍ରକ୍ରିୟାକୁ ସରଳୀକରଣ ସହ ସୁବିଧା କରାଯାଇଛି। ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମଧ୍ୟରେ ଇନପୁଟ ଟ୍ୟାକ୍ସ କ୍ରେଡିଟ ପାଇବା କ୍ଷେତ୍ରରେ 'ପ୍ଲାଣ୍ଟ ଏବଂ ମେସିନାରୀ' ଓ 'ପ୍ଲାଣ୍ଟ କିମ୍ବା ମେସିନାରୀ' ମଧ୍ୟରେ ଅସ୍ପଷ୍ଟତାକୁ ଦୂର କରାଯାଇଛି। ଟିକସଦାତାଙ୍କୁ ରିଟର୍ଣ୍ଣ ଫାଇଲ କରିବାରେ ଅଧିକ ସୁବିଧା ପ୍ରଦାନ, ଟିକସ ଫାଙ୍କି ରୋକିବା ପାଇଁ କ୍ରେଡିଟ ନୋଟ ଗ୍ରହୀତାଙ୍କୁ ଆନୁପାତିକ ଭାବେ ଇନପୁଟ ଟ୍ୟାକ୍ସ କ୍ରେଡିଟ ରିଭର୍ସ କରିବା ଜରୁରୀ କରାଯାଇଛି। ସେହିପରି ପାନ ମସଲା, ଇଟାଭାଟି ଓ ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱ ହାନି ରୋକିବା ପାଇଁ 'ଟ୍ରାକ ଆଣ୍ଡ ଟ୍ରେସ' ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥା ଉଲ୍ଲଂଘନ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ବା ଦେୟ କରର ୧୦ ପ୍ରତିଶତ ଜୋରିମାନା (ଯାହା ଅଧିକ ହେବ) ଦେବାକୁ ପଡ଼ିବ। ସେହିପରି 'ସ୍ଥାନୀୟ ପାଣ୍ଠି' ଓ 'ମ୍ୟୁନିସିପାଲ ପାଣ୍ଠି'ର ଶବ୍ଦଗୁଡ଼ିକରେ ସ୍ପଷ୍ଟତା ଅଣାଯାଇଛି। ଭାଉଚର ସମ୍ବନ୍ଧୀୟ ଦେଣନେଣର ସମୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ବ୍ୟବସ୍ଥା ହଟାଇବା ଓ କେବଳ ଜୋରିମାନା ସମ୍ବନ୍ଧୀୟ ଆଦେଶ ବିରୋଧରେ ଅପିଲ କରିବାକୁ ଜୋରିମାନା ରାଶିର ୧୦ ପ୍ରତିଶତ ଆଗୁଆ ଜମା କରିବା ଜରୁରୀ ହୋଇଛି।

ଆର୍ଥିକ ପ୍ରୋତ୍ସାହନର ମଞ୍ଜୁରୀ ପ୍ରକ୍ରିୟାକୁ ସରଳ କରିବା ପାଇଁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ କେତେକ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ୨୦୧୬ ନଭେମ୍ବର ୨୪ ତାରିଖରୁ କାର୍ଯ୍ୟକାରୀ ହେଉଥିବା ➪ପୃଷ୍ଠା-୬

### ଆଇଆଇଟି ଧାନବାଦ ସମାବର୍ତ୍ତନ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

## ଜନତାଙ୍କ ଉନ୍ନତିରେ ନିଜ ଜ୍ଞାନ ଉପଯୋଗ ପାଇଁ ଆହ୍ୱାନ

ଭିଆର୍ ଆଧାରିତ ଖଣି ସିମୁଲେଟର ଲାବୋରେଟୋରୀ ବୁଲିଲେ



ଧାନବାଦ,୧।୮: ଆଇଆଇଟି ଛାତ୍ରଛାତ୍ରୀ ସେମାନଙ୍କ ଜ୍ଞାନକୁ କେବଳ ଶକ୍ତିଶାଳୀ ମେସିନ୍ ତିଆରି କରିବା ଦିଗରେ ନ ଲଗାଇ ଲୋକଙ୍କ ଉନ୍ନତି ସାଧନ କରିବା ଦିଗରେ ଲଗାଇବା ଉଚିତ। ନାଗରିକଙ୍କ ଉତ୍‌ଥାନ ଦିଗରେ ସହଯୋଗୀ ହୋଇ କାମ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାମର୍ଶ ଦେଇଛନ୍ତି। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଝାଡ଼ଖଣ୍ଡର ଧାନବାଦରେ ଆଇଆଇଟି (ଭାରତୀୟ ଖଣି ସ୍କୁଲ) ଧାନବାଦର ୪୫ତମ ସମାବର୍ତ୍ତନ ସମାରୋହରେ ଯୋଗ ଦେବା ଅବସରରେ ଶ୍ରୀ ପ୍ରଧାନ ମାର୍ଗଦର୍ଶନ ପାଇଁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଏହି ଅବସରରେ କହିଛନ୍ତି ଯେ ଆଇଆଇଟି ଧାନବାଦର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମିଲ ହେବା ଅତ୍ୟନ୍ତ ଗୌରବର ➪ପୃଷ୍ଠା-୬

## ଫ୍ୟାସନ ହେଲାଣି ରାଜନେତାଙ୍କ ନାଁରେ ଅଭିଯୋଗ



### ରାଜନୈତିକ ମୋହରା ପାଲଟୁଛନ୍ତି କି ମହିଳା ?

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିରୋଧରେ ବିଜେପି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ସିକନ୍ଦର ଅଲ୍ଲୀଙ୍କ ପତ୍ନୀ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ବିଧାୟକ ତାଙ୍କୁ ଅସଦାଚରଣ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ମହିଳାଙ୍କ ପ୍ରତି ଜଣେ ଜନପ୍ରତିନିଧି ଅସଦାଚରଣ କରିବା କୌଣସି ଦୃଷ୍ଟିକୋଣରୁ ବି ଗ୍ରହଣୀୟ ନୁହେଁ। ଏନେଇ ଜନପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ନାରୀ ଶକ୍ତିକୁ ପୂଜା କରାଯାଉଥିବା ଦେଶରେ ମହିଳାଙ୍କୁ ଅପଶବ୍ଦ ବ୍ୟବହାର କରିବା ମଧ୍ୟ ଗ୍ରହଣୀୟ ନୁହେଁ।

କିନ୍ତୁ କେତେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ମହିଳାଙ୍କୁ ରାଜନୀତିରେ ମୋହରା କରାଯାଉଛି। ଘଟଣାକ୍ରମରେ ଆଦୌ ସମ୍ପୃକ୍ତି ନଥିବା ମହିଳାଙ୍କୁ ଅସ୍ତ୍ର କରାଯାଉଛି। ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଅମରେଶ ଜେନା ଓ ଏବେ ଧର୍ମଶାଳାର ସ୍ୱାଧୀନ ବିଧାୟକ ଶ୍ରୀ ସାହୁଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ତର୍ଜମା କଲେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ରାହଡ଼ପୁର ପାହାଡ଼ ଖନନକୁ ନେଇ ହିମାଂଶୁ ସାହୁଙ୍କ ସମର୍ଥକ ଓ ସିକନ୍ଦର ଅଲ୍ଲୀଙ୍କ ମଧ୍ୟରେ ଏହି ବିବାଦ ଆରମ୍ଭ ହୋଇଛି। ସିକନ୍ଦର ଅଲ୍ଲୀଙ୍କ ଅଭିଯୋଗ ସେ ପୂର୍ବ ଲିଜଧାରୀଙ୍କଠାରୁ ଚୁକ୍ତି କରି ଖନନ କାମ ନେଇଛନ୍ତି। କିନ୍ତୁ ଗତ ଜୁଲାଇ ୧୮ ତାରିଖରେ ➪ପୃଷ୍ଠା-୬

### ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

## ଶାହରୁଖ୍, ବିକ୍ରାନ୍ତ ଓ ରାଣୀ ଶ୍ରେଷ୍ଠ

- 'କଟହଲ୍' ଶ୍ରେଷ୍ଠ ହିନ୍ଦୀ ସିନେମା
- ବୈଭବୀ ମର୍ଚ୍ଚାଣ୍ଟ ଶ୍ରେଷ୍ଠ କୋରିଓଗ୍ରାଫର୍
- 'କେରଳ ଫାଇଲ୍ସ' ଶ୍ରେଷ୍ଠ ସିନେମାଟୋଗ୍ରାଫି



ନୂଆଦିଲ୍ଲୀ,୧।୮: ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୨୦୨୩ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରଗୁଡ଼ିକୁ ଏଥିରେ ସାମିଲ୍ କରାଯାଇଥିବା ବେଳେ 'କଟହଲ୍' ସର୍ବୋତ୍ତମ ହିନ୍ଦୀ ଚଳଚ୍ଚିତ୍ର ବିବେଚିତ ହୋଇଛି। ୨୦୨୩ ମେ' ୧୯ରେ ଏହି ଫିଲ୍ମଟି ନେଟଫ୍ଲିକ୍ସରେ ମୁକ୍ତିଲାଭ କରିଥିଲା। ଏଥିରେ ସାନ୍ୟା ମାଲହୋତ୍ରା, ଅନନ୍ତ ଭି ଜୋଶୀ, ବିଜୟ ରାଜ, ରାଜପାଲ ଯାଦବ, ବ୍ରିଜେନ୍ଦ୍ର କାଲା ଏବଂ ନେହା ସରାଫଙ୍କ ଭଳି କଳାକାର ଅଭିନୟ କରିଥିଲେ।

ସେହିପରି ବଲିଉଡ୍‌ର 'ଯବାନ' ପାଇଁ ସୁପର୍ ଷ୍ଟାର୍ ଶାହରୁଖ ଖାନ ଓ 'ଟ୍ୱେଲ୍‌ଥ ଫେଲ୍' ପାଇଁ ବିକ୍ରାନ୍ତ ମାସେଙ୍କୁ ଶ୍ରେଷ୍ଠ ଅଭିନେତା ବିବେଚିତ କରାଯାଇଛି। ସେହିପରି 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ପାଇଁ ରାଣୀ ମୁଖାର୍ଜୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ମନୋନୀତ କରାଯାଇଛି। ଏଥିସହ ➪ପୃଷ୍ଠା-୬

### 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଲ୍ମ




ଭୁବନେଶ୍ୱର: ଆଜି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ହୋଇଥିବା ବେଳେ ଏଥିରେ ବାଜିମାତ୍ କରିଛି ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ 'ପୁଷ୍କରା'। ଏହାକୁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ବିବେଚିତ କରାଯାଇଛି। ଗତ ୨୦୨୩ରେ ମୁକ୍ତିଲାଭ କରିଥିବା 'ପୁଷ୍କରା' ବେଶ୍ ପ୍ରଶଂସା ➪ପୃଷ୍ଠା-୬

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ଆଉ ଜଣେ ଗିରଫ, ୩୧ରେ ପରୀକ୍ଷା



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ରାଜ୍ୟରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଗତ ବୁଧବାର ଦିନ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଆଉ ଜଣଙ୍କୁ କ୍ରାଇମ୍ ବ୍ରାଞ୍ଚ ଗିରଫ କରିଛି। ଫଳରେ ଏହି ଘଟଣାରେ ଆଜି ପର୍ଯ୍ୟନ୍ତ ମୋଟ ଗିରଫଦାରୀ ସଂଖ୍ୟା ୭କୁ ବୃଦ୍ଧି ପାଇଛି। କ୍ରାଇମ ବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଜି ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ କଳାହାଣ୍ଡି ଜିଲ୍ଲାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ। ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର ଓ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଶୋୟୀଙ୍କ ସହ ଅଭିଯୁକ୍ତ ଶ୍ରୀ ଖମାରୀ ଏହି ଅପରାଧିକ ଷଡ଼ଯନ୍ତ୍ରରେ ସାମିଲ ହୋଇଥିଲେ। ସେ ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କଠାରୁ ପ୍ରଶ୍ନପତ୍ର ପାଇବା ସହ ତାକୁ ନିଜ ହାତଲେଖାରେ ସେଗୁଡ଼ିକୁ ନକଲ କରିଥିଲେ।

ଖମାରୀଙ୍କ ବିରୋଧରେ ଏହି ଲିକ୍ ହୋଇଥିବା ପ୍ରଶ୍ନପତ୍ରଗୁଡ଼ିକୁ ପୂର୍ବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକମାନଙ୍କୁ ବିକ୍ରି କରିବା ନେଇ ଅଭିଯୋଗ ରହିଛି। ଆର୍ଥିକ ➪ପୃଷ୍ଠା-୬

## ହାତୀ ଆକ୍ରମଣରେ ୬ ବନ କର୍ମଚାରୀ ଆହତ

### ଅଚାନକ ହାତୀ ହାବୁଡ଼ରେ ପଡ଼ିଗଲେ



ନୟାଗଡ଼,୧।୮(ସଂଚାର ବ୍ୟୁରୋ): ଦିନକ ତଳେ ଢେଙ୍କାନାଳରେ ଏକ ଦନ୍ତା ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ନୟାଗଡ଼ରେ ୬ ଜଣ ବନ କର୍ମଚାରୀ ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଶରଣକୁଳ ରେଞ୍ଜ୍ ଅଧୀନସ୍ଥ ଗୋଛା ଜଙ୍ଗଲରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଆହତଙ୍କ ମଧ୍ୟରେ ୨ ଜଣ ଫରେଷ୍ଟ ଗାର୍ଡ ଓ ୪ ଜଣ ଟ୍ରାକିଂ ସ୍କ୍ୱାଡ୍ ସଦସ୍ୟ ରହିଛନ୍ତି। ଆହତ ହୋଇଥିବା ଦୁଇ ଫରେଷ୍ଟ ଗାର୍ଡଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସେମାନେ ହେଲେ ନୀଳମଣି ଦଳେଇ ଓ ପ୍ରଶାନ୍ତି ସାହୁ।

ମିଳିଥିବା ସୂଚନାନୁସାରେ, ରଣପୁର ରେଞ୍ଜ ଅଞ୍ଚଳରୁ କିଛି ହାତୀ ଗୋଛା ଜଙ୍ଗଲ ଭିତରକୁ ଆସିଥିବା ଖବର ପାଇ ଶରଣକୁଳ ରେଞ୍ଜର୍ ଦୁଇ ଜଣ ଫରେଷ୍ଟର୍ ଓ ୬ ଜଣ ସ୍କ୍ୱାଡ୍ ଯୁବକ ହାତୀଙ୍କ ଗତିବିଧି ଜାଣିବା ପାଇଁ ଆଜି ସକାଳେ ଜଙ୍ଗଲ ଭିତରକୁ ଯାଇଥିଲେ। ତେବେ ଏହି ସମୟରେ ହଠାତ୍ ସେମାନେ ଜଙ୍ଗଲ ଭିତରେ ଏକ ହାତୀ ସାମ୍ନାରେ ପଡ଼ିଯାଇଥିଲେ। ଫଳରେ ସମସ୍ତେ ଜୀବନ ବଞ୍ଚାଇବାକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ହାତୀଟି ପ୍ରଶାନ୍ତିଙ୍କ ଉପରେ ପାଦ ପକାଇ ଦେଇଥିଲା। ଫଳରେ ତାଙ୍କ ଛାତିରେ ଗଭୀର ଆଘାତ ଲାଗିଛି। ସେହିପରି ନୀଳମଣିଙ୍କ କାନ୍ଧ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଟ୍ରାକିଂ ସ୍କ୍ୱାଡ୍‌ର ସଦସ୍ୟମାନେ ଦୌଡ଼ି ପଳାଉଥିବା ସମୟରେ ପଡ଼ିଯାଇ ଖଣ୍ଡିଆଖାବରା ହୋଇଛନ୍ତି। ଏନେଇ ଡିଏଫ୍‌ଓ ଘଟଣା ଉପରେ ନଜର ରଖାଯାଇଛି ବୋଲି ନୟାଗଡ଼ ଫରେଷ୍ଟ୍ ଡିଭିଜନ୍ ଡିଏଫଓ କହିଛନ୍ତି ।



### କାନ ଡେରିଆ

କାନ୍ଧେ ବୁହାହୋଇ ନାରୀ
ଯାଉଅଛି
କାଦୁଅ ଫଟା ରାସ୍ତାରେ
ଜନନୀ ଯନ୍ତ୍ରଣା ଓଡ଼ିଶା ଛାଡୁନି
କେତେବେଳେ କିଏ ମରେ!
ସବୁ ସେଇ ସରକାରେ...
ମିଡ଼ିଆ ଆଗରେ ଯେତେ
ଦୃଶ୍ୟ ଦିଶେ
କିଛି କ୍ଷଣ ତାହା ଘାରେ
ତାପରେ ଯିଏ ଯା ରାସ୍ତାରେ।

■ ଦେବାଶିଷ

# ଓଏଏସ୍ ସଂଘର ଡବଲ ଷ୍ଟାଣ୍ଡାର୍ଡ

### ସାର୍ଥକଙ୍କ ସାଥ୍‌ଦେବା ନେଇ ସଂଘ ଚୁପ୍

### ବିଏମ୍‌ସି କାଣ୍ଡରେ ସରକାରଙ୍କୁ ନାକେଦମ କରିଥିଲେ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ନିଜ କ୍ୟାଡରର ଜଣେ ବାବୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ସରକାରଙ୍କୁ ନାକେଦମ କରିଥିବା ବେଳେ ଓଏଏସ୍ ସଂଘ କିନ୍ତୁ ପତ୍ନୀଙ୍କୁ ନିର୍ଯାତନା ଦେଇଥିବା ଆଉ ଜଣେ ଓଏଏସ୍ ବାବୁଙ୍କ ବେଳକୁ ପୂରାପୂରି ନିରବ। ପତ୍ନୀଙ୍କ ଏତଲା ଆଧାରରେ ଯୁବ ଓଏଏସ୍ ବାବୁ ଥାନାରେ ହାଜର ହୋଇଥିବା ବେଳେ ସଂଘର ମାମଲତକାରମାନେ କିନ୍ତୁ ପାଟି ଖୋଲୁନାହାନ୍ତି। ସଂଘ ନେତାଙ୍କ ଏଭଳି ଡବଲ ଷ୍ଟାଣ୍ଡାର୍ଡ ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏମାନେ କ'ଣ କେବଳ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସଂଘ କରିଛନ୍ତି ବୋଲି ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି।

ରାଜଧାନୀରେ ଓଏଏସ୍ ବାବୁଙ୍କ କ୍ଷେତ୍ରରେ ଦୁଇଟି ଘଟଣା ଘଟିଛି। ପ୍ରଥମ ଘଟଣାରେ ଜଣେ ଓଏଏସ୍ ବାବୁ ବିଏମ୍‌ସି ଦପ୍ତର ଭିତରେ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣକାରୀଙ୍କୁ ପୁଲିସ୍ ତତ୍କାଳ ବାନ୍ଧିଥିବା ବେଳେ ଜଣେ ବିଜେପି ନେତାଙ୍କ ଗିରଫଦାରୀ ପାଇଁ ଓଏଏସ୍ ସଂଘ ଅଡ଼ି ବସିଥିଲା। ଦାବି ପୂରଣ ପାଇଁ ସଂଘ ନେତାଏ କଲମଛାଡ଼ ସହ ସମୂହ ଛୁଟିରେ ଯିବାକୁ ମଧ୍ୟ ଡାକରା ଦେଇଥିଲେ। ରାଜ୍ୟରେ ବନ୍ୟା ସ୍ଥିତି ଥିବାରୁ ସରକାର ବି ନାଚାର ଥିଲେ। ଫଳରେ ସ୍ଥିତି ସମ୍ଭାଳିବା ପାଇଁ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହୋଇଥିଲେ। ଜଗନ୍ନାଥ ଗିରଫ ହେବାର କେଇ ମିନିଟ୍ ଭିତରେ ସଂଘ ନେତାଏ ସେମାନଙ୍କ ଦାବି ପୂରଣ ଘୋଷଣା କରିବା ସହ ଆନ୍ଦୋଳନ ମଧ୍ୟ ପ୍ରତ୍ୟାହାର କରିଥିଲେ। ଏହି ମାମଲାରେ ଓଏଏସ୍ ସଂଘ ନିଜେ ଖୋଲାଖୋଲି ଭାବେ ଆନ୍ଦୋଳନକୁ ଓହ୍ଲାଇବା ସହ ଆଉ କିଛି କର୍ମଚାରୀ ସଂଘକୁ ଏଥିରେ ସାମିଲ କରିବାରେ ସଫଳ ହୋଇଥିଲା। ସେହି ଘଟଣାରେ ସଂଘ ସଫଳ ହେବା ସହ ସକ୍ରିୟ ହୋଇଥିଲା। ସମସ୍ତେ ଭାବିଥିଲେ ଯେ ଏଥର ଓଏଏସ୍ ସଂଘ ନେତାମାନେ ଓଏଏସ୍ ବାବୁମାନଙ୍କ ସୁଖଦୁଃଖରେ ସାମିଲ ହେବେ। ଏହି ଭାବନା ଭିତରେ ଜଣେ ଓଏଏସ୍ ବାବୁଙ୍କ ଘରଣୀ ଖୋଦ ରାଜଧାନୀରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଓଏଏସ୍ ବାବୁ ସାର୍ଥକ ମହାପାତ୍ର ଚାକିରିଆ ପତ୍ନୀଙ୍କୁ ଅବହେଳା କରୁଥିବା ବେଳେ ସଦ୍ୟଜାତ ଶିଶୁପୁତ୍ରର ମୁହଁ ବି ଚାହିଁନାହାନ୍ତି। ମା' ପୁଅ ଦୁଇ ଜଣଙ୍କୁ ଡାକ୍ତରଖାନାରେ ଛାଡି ଛୁ' ମାରିଥିବା ଅଭିଯୋଗ ଖୋଦ ପତ୍ନୀ ଆଣିବା ସହ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ସାର୍ଥକ ଏବେ ମହିଳା ଥାନାରେ ହାଜର ହୋଇ ଲଢ଼େଇ କରିବେ ବୋଲି କହିଛନ୍ତି।

ତେବେ ଏହି ଘଟଣାରେ ଓଏଏସ୍ ସଂଘ କିଛି ପ୍ରତିକ୍ରିୟା ରଖିବ ବୋଲି ସମସ୍ତେ ଆଶା କରିଥିଲେ। ବିଶେଷକରି ଦୀର୍ଘଦିନ ଧରି ସଂଘ ନାଁରେ ରାଜଧାନୀରେ ଗାଦି ମାଡ଼ି ବସିଥିବା ସଂଘ ନେତାଏ ମହିଳାଙ୍କୁ ସମବେଦନା ଜଣାଇବା ସହ ଓଏଏସ୍ ବାବୁ ଜଣଙ୍କୁ ତାଗିଦା କରିବେ ବୋଲି ଭାବୁଥିଲେ। ହେଲେ ସଂଘର ମାମଲତକାରମାନେ କିନ୍ତୁ ଏ ପ୍ରସଙ୍ଗରେ ପୂରାପୂରି ନିରବ। କାହାରି ତୁଣ୍ଡ ବି ଖୋଲୁନାହିଁ। ଏହା ଦେଖିଲା ପରେ ସଂଘ ନେତାଙ୍କର ଏହା କିଭଳି ଷ୍ଟାଣ୍ଡ୍ ବୋଲି ଆଲୋଚନା ଆରମ୍ଭ ହୋଇଯାଇଛି।

ଉଲ୍ଲେଖନୀୟ ଯେ ➪ପୃଷ୍ଠା-୬

## ରାଜନଗର ବିଧାୟକଙ୍କୁ ଆଶ୍ୱସ୍ତି

**ରାଜନଗର,୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ବିରୋଧରେ ରୁଜୁ ମାମଲା ମାନ୍ୟବର ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟର ମାନ୍ୟବର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଆବେଦନକାରୀ କିମ୍ବା ତାଙ୍କ ଓକିଲ କ୍ରମାଗତ ଭାବେ ଶୁଣାଣିରେ ଅନୁପସ୍ଥିତ ରହିବା ଓ ମାମଲା ତଥ୍ୟ ବିହୀନ ହୋଇଥିବା କାରଣରୁ ମାମଲାକୁ ଖାରଜ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳରୁ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ବିଜୟୀ ହୋଇଥିଲେ । ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ଭାଜପା ପ୍ରାର୍ଥୀ ଲଳିତ କୁମାର ବେହେରା ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ଲଳିତ କୁମାର ତାଙ୍କ ଆବେଦନରେ ଧ୍ରୁବ ନିର୍ବାଚନରେ ଅନିୟମିତତା କରିଛନ୍ତି, ପାର୍ଥୀ ପତ୍ର ଦାଖଲ ବେଳେ ଅନେକ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି, ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ଧ୍ରୁବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲା, ମିଳନ କାନୁନଗୋ, କ୍ଷୀରୋଦ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଆଳି ବିଧାୟକ



**ଆଳି,୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ଜଳରେ ସବୁଠୁ ଅଧିକ ପ୍ରଭାବିତ ଆଳି ବ୍ଲକ ଲଗାତର ବର୍ଷା ଯୋଗୁଁ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟା ଆରମ୍ଭ ହୋଇଛି। ଯାହା ଫଳରେ ୧୭ଟି ପଞ୍ଚାୟତରେ ୭୦ ହଜାର ଲୋକ ଏବଂ ଶହଶହ ଗୋରୁଗାଈ ଆତଙ୍କିତ ଅବସ୍ଥାରେ ଜଳ ବନ୍ଦୀ ହୋଇ ଜୀବନଯାପନ କରୁଛନ୍ତି। ଆଳିର ମାନ୍ୟବର ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଆଳି ବିଡିଓ ଏବଂ ତହସିଲଦାର ଆଳି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳମାନ ପରିଦର୍ଶନ କରି ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ବିଷୟରେ ବୁଝି ବିଭିନ୍ନ ସମସ୍ୟାର ସ୍ଥିତି ପରଖିଥିଲେ । ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ଗୋଖାଦ୍ୟ ଉପରେ ମାନ୍ୟବର ବିଧାୟକ ପ୍ରତାପ କେଶରୀ ଦେବ ଗୁରୁତ୍ୱ ସହ ସରକାରଙ୍କୁ ଅନୁରୋଧ କରିଛନ୍ତି ବନ୍ୟା ପ୍ରପୀଡିତଙ୍କୁ ସାହାଯ୍ୟର ସହଯୋଗର ହାତ ବଢ଼ାଇବାକୁ।

## ବନ୍ୟାସ୍ଥିତି ପରିଖିଲେ ବିଜେପି ବିଧାୟକ ପାର୍ଥୀ

● ମଣିଷଙ୍କଠୁ ବଳି ଗଲାଣି ଗୃହପାଳିତ ପଶୁଙ୍କ ଦୁର୍ଦ୍ଦଶା



**ଆଳି,୧।୮ (ସଂଚାର ବ୍ୟୁରୋ):** ବନ୍ୟାରେ ଆଳି ବ୍ଲକର ଧୋୟା ଅଂଚଳର ଦଶ ପଞ୍ଚାୟତ ଏବେ ବନ୍ୟା ଘେରରେ। ଡଙ୍ଗା ଯୋଗେ ବନ୍ୟା ପରିଦର୍ଶନ କରି ସ୍ଥିତି ପରଖିଛନ୍ତି ଆଳି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା। ନେତାଙ୍କୁ ପାଖରେ ପାଇଁ ଖୁସି ପ୍ରକଟ କରିଛନ୍ତି ବନ୍ୟା ପୀଡ଼ିତ। ବ୍ରାହ୍ମଣୀ,ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ଥିବାରୁ ଦଶ ପଂଚାୟତର ହଜାର ହଜାର ଲୋକ ଜଳ ବନ୍ଦୀ ହୋଇ ରହିଛନ୍ତି। ଏନେଇ ସହଯୋଗର ହାତ ବଢ଼ାଇଛନ୍ତି ଶ୍ରୀ ପଣ୍ଡା । ଦୁଇ ପଞ୍ଚାୟତ ପେତପଡ଼ା ଓ ସଂଶିଧା ପଞ୍ଚାୟତ ସ୍ଥିତି ପରଖି ଚୁଡ଼ା ମୁଢ଼ି ବିସ୍କୁଟ ପାଣି ଦେଇଥିଲେ। ଖୁବ ଶୀଘ୍ର ଲୋକଙ୍କ ଅଭିଯୋଗ ସରକାରଙ୍କୁ ଜଣେଇବା ସହ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ଖୁବ ଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ଦିଆ ଯିବ ବୋଲି କହିଛନ୍ତି। ସେହିପରି ଚାଷ ଜମି ଗୁଡିକ ବନ୍ୟା ଜଳରେ ବୁଡି ରହିଥିବାରୁ ଗାଈଗୋରୁ ଚରିବାକୁ ଯାଇନପାରି ଗୁହାଳରେ ବନ୍ଧା ହୋଇ ରହିଛନ୍ତି । ଏ ନେଇ ଶ୍ରୀ ପଣ୍ଡା କହିଛନ୍ତି ପ୍ରଥମେ ଗାଈ ଗୋରୁଙ୍କ ବ୍ୟବସ୍ଥା କରାଯାଇଛି ଖୁବ ଶୀଘ୍ର ଲୋକଙ୍କ ପାଖରେ ଗୋଖାଦ୍ୟ ପହଞ୍ଚିବ।

**ବନ୍ୟା ପ୍ରଭାବିତଙ୍କ ଉଦ୍ଦେଶ୍ୟରେ ସମର୍ପିତ ସେବା**

## 'ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ'



**କେନ୍ଦ୍ରାପଡ଼ା,୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେ ବନ୍ୟାର ତାଣ୍ଡବ ବଢ଼ି ଚାଲିଛି। ବର୍ଦ୍ଧିତ ଜଳ ପ୍ରଭାବରେ ଆଳି, ପଟ୍ଟାମୁଣ୍ଡାଇ ବ୍ଲକ ସହ ଅନ୍ୟାନ୍ୟ ଅଞ୍ଚଳ ଜଳମଗ୍ନ। ଜଳବନ୍ଦୀ ଜୀବନରେ କଲବଲ ହେଉଛନ୍ତି ଲୋକେ। ଏହି ବିଭୀଷିକାକୁ ଲକ୍ଷ୍ୟ ରଖି କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କପଡା ଗୃହ "ଥିଲେ ଦିଅନ୍ତୁ, ନ ଥିଲେ ନିଅନ୍ତୁ"କୁ ବନ୍ୟା ପ୍ରଭାବିତ ଲୋକ ମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଯେଉଁ ବ୍ୟକ୍ତି ମାନଙ୍କର ବସ୍ତ୍ରର ଆବଶ୍ୟକତା ରହିଛି ସେମାନେ ବିନା ଦ୍ୱିଧାରେ ଆସି କପଡା ନେଇପାରିବେ। ଏହି କପଡା ଗୃହଟି କେନ୍ଦ୍ରାପଡ଼ା ଜିଲ୍ଲାର ସିଦ୍ଧ ବଳଦେବଜୀଉ ମନ୍ଦିର ନିକଟସ୍ଥ ଯାତ୍ରୀ ନିବାସ ନିକଟରେ ରହିଛି। ଆଜି ବନ୍ୟା ପ୍ରଭାବିତ ଲୋକ ମାନଙ୍କ ପାଇଁ କପଡା ଗୃହ ଟି ଉଦ୍ଧିଷ୍ଟ ବୋଲି ଟ୍ରଷ୍ଟ ର ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ ମତ ଦେଇଛନ୍ତି।

### ବାଟିକାରେ ଶିଶୁ ଭବିଷ୍ୟତ ବାଟବଣା

# ନାହିଁ ଶ୍ରେଣୀ ଗୃହ, ହୋଇପାରୁନି ସେବିକା ନିଯୁକ୍ତି

**ଅଭିଭାବକ ମହଲରେ ଅସନ୍ତୋଷ**



**କେନ୍ଦ୍ରାପଡ଼ା,୧।୮ (ସଂଚାର ବ୍ୟୁରୋ):** ସ୍କୁଲରେ ଖୋଲିଛି ବାଟିକା । ଶିଶୁ ବାଟିକାରେ ୫ ବର୍ଷର ଶିଶୁଙ୍କ ନାମ ଲେଖାଯାଉଛି। ଅଙ୍ଗନବାଡ଼ିରୁ ୫ ବର୍ଷ ପୁରିଥିବା ଶିଶୁମାନେ ପ୍ରାଥମିକ ସ୍କୁଲ ଯିବେ। ନିଜ ନାମ ଲେଖାଇବେ। ଯାହାକୁ ଜାତୀୟ ଶିକ୍ଷାନୀତି-୨୦୨୦ ନୀତି ଅନୁଯାୟୀ ଏମାନଙ୍କୁ ଏବେ ସ୍କୁଲରେ ଏକ ବର୍ଷ ପରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ ।

ଏଭଳି ନିଷ୍ପତ୍ତି ପରେ କେନ୍ଦ୍ରାପଡା ଜିଲ୍ଲାର ୨୦ ହଜାରରୁ ଊର୍ଦ୍ଧ୍ୱ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଏବେ ଏମାନେ ବସିବାକୁ ଶ୍ରେଣୀ ଗୃହର ଅଭାବ ଦେଖାଦେଇଛି। ପଢାଇବାକୁ କେହି ନାହିଁ। ସ୍କୁଲରେ ଶିକ୍ଷକ ଏହି ବାଟିକା ଶିଶୁଙ୍କୁ ନେଇ ଚାପରେ ରହୁଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ୯ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ମିଳିଥିବା ତଥ୍ୟ ଅନୁଯାୟୀ ଏବେ ସୁଦ୍ଧା ୨୦ ହଜାରରୁ ଅଧିକ ପିଲା ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଏମାନେ ସ୍କୁଲ ଯାଉଛନ୍ତି। ସ୍ଥାନ ଅଭାବ ହେତୁ ପ୍ରଥମ ଶ୍ରେଣୀ ପିଲାଙ୍କ ସହ ଅଧିକାଂଶ ସ୍କୁଲରେ ବସୁଛନ୍ତି। ଏକାଠି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ପିଲା ବସି ରହିବା ଯୋଗୁଁ ପାଠ ପଢାରେ ସମସ୍ୟା ଦେଖାଦେଉଛି। ଦୀର୍ଘ ୪ ମାସ ହେଲା ଏହି ସମସ୍ୟା ଲାଗି ରହିଛି। ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଏଭଳି ଅଚଳାବସ୍ଥା ଦେଖାଦେଇଛି।

ଶିଶୁ ବାଟିକାରେ ସେବିକା ନିଯୁକ୍ତି ଦାୟିତ୍ୱକୁ ସ୍କୁଲ ପରିଚାଳନା କମିଟି ହାତକୁ ଟେକି ଦେଇଛନ୍ତି ସରକାର। ଯାହାକୁ ନେଇ ଏବେ ପ୍ରତି ପ୍ରାଥମିକ ସ୍କୁଲରେ ଛକାପଞ୍ଝା ଆରମ୍ଭ ହୋଇଛି। ନିଜ ସମର୍ଥକଙ୍କୁ ରଖିବାକୁ ଏକରକମ ଲବି ଚାଲିଛି।

ଜାତୀୟ ଶିକ୍ଷା ନୀତି ଅନୁଯାୟୀ, ୫ ବର୍ଷର ପିଲାଙ୍କୁ ଶିଶୁ ବାଟିକାରେ ଆଡ଼ମିଶନ କରାଯିବ। ଖେଳ କୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ଏହି ସେବିକା ନିଯୁକ୍ତି ନେଇ ଏବେ ଅନେକ ସ୍କୁଲରେ ରାଜନୀତି ଆରମ୍ଭ ହୋଇଛି। ଯେହେତୁ ପ୍ରଧାନ ଶିକ୍ଷକ ସ୍କୁଲ ଅଧକ୍ଷ ଦାୟିତ୍ୱରେ ରହୁଛନ୍ତି, ଏଣୁ ସେମାନଙ୍କ ପ୍ରତି ଚାପ ବଢ଼ିଛି। ତୁରନ୍ତ ବାଟିକାରେ ସେବିକା ନିଯୁକ୍ତି କରିବାକୁ ଶିକ୍ଷକ ଓ ଅଭିଭାବକ ମହଲରୁ ଦାବି ହୋଇଛି।

# ଚଢ଼ା ଦରରେ ସାର କିଣୁଛନ୍ତି ଚାଷୀ

**କୃଷି ବିଭାଗର ଅବହେଳାରୁ ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁନାହିଁ**



**ସାଲେପୁର,୧।୮ (ସଂଚାର ବ୍ୟୁରୋ):** ଏବେ ସମଗ୍ର ରାଜ୍ୟରେ କୃଷିକାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସାଲେପୁର ଅଞ୍ଚଳରେ ଆବଶ୍ୟକୀୟ ସାର ମିଳୁନଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ କରିବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସାଲେପୁର ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଧାନ ଚାଷ ଆରମ୍ଭ ହୋଇଥିବା ବେଳେ ଚାଷୀମାନଙ୍କ ପାଇଁ ଆବଶ୍ୟକୀୟ ସାରର ଅଭାବ ଦେଖାଦେଇଛି। ସାଲେପୁର ବ୍ଲକ ଅଞ୍ଚଳରେ ଥିବା ୧୩ଗୋଟି ସମବାୟ ସମିତିକୁ ଏପର୍ଯ୍ୟନ୍ତ ସାର ଆସିପାରି ନାହିଁ। ଯାହା ଫଳରେ ହଜାର ହଜାର ଚାଷୀ ସମବାୟ ସମିତିରୁ ସାର ନପାଇ ଚଢ଼ା ଦରରେ ବାହାରୁ ବ୍ୟବସାୟୀଙ୍କ ଠାରୁ ସାର କିଣିବାକୁ ବାଧ ହେଉଛନ୍ତି। ଯାହା ଫଳରେ ବର୍ତ୍ତମାନ ୟୁରିଆ ୫୦କି.ଗ୍ରା ପ୍ରତି ମାର୍କଫେଡ଼ରେ ୩୦୦ ଟଙ୍କାରେ ମିଳୁଥିବା ବେଳେ ବାହାରେ ୪୦୦ଟଙ୍କାରେ ଅଧିକ ଦାମ୍ ଦେଇ ଚାଷୀ କିଣୁଛନ୍ତି, ସେହିପରି ପଟାସ୍ ସାର ୫୦କି.ଗ୍ରା ପିଛା ୧୬୦୦ଟଙ୍କା ଥିଲା ବେଳେ ବାହାରେ ଚାଷୀ ୧୮୦୦ଟଙ୍କା ଦେଇ କିଣୁଛନ୍ତି। ଗ୍ରୋମର ସାର ୫୦କି.ଗ୍ରା ପିଛା ୧୭୦୦ଟଙ୍କାରେ ମାର୍କଫେଡ଼ରୁ ମିଳୁଥିବା ବେଳେ ଚାଷୀ ୧୮୦୦ରୁ ଅଧିକ ଟଙ୍କା ଦେଇ କିଣୁଛନ୍ତି। ଯାହାକୁ ନେଇ ବର୍ତ୍ତମାନ ରୁଆପୋତା ସମୟରେ ସାରର ଆବଶ୍ୟକତା ଥିବା ବେଳେ ଅଧିକ ମୂଲ୍ୟରେ ଚାଷୀ ଖୋଲା ବଜାରରୁ ବ୍ୟବସାୟୀଙ୍କ ଠାରୁ କିଣୁଥିବାରୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାଲେପୁର ବ୍ଲକର କୃଷି ବିଭାଗ ଅଧିକାରୀ ସୂର୍ଯ୍ୟକାନ୍ତ ଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ ଯେ ପଏଣ୍ଟ୍ ଅଫ୍ ସେଲ୍ଫ ମେସିନ୍ କାମ ଦେଉନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ୪-୫ଦିନ ଭିତରେ ଏହା ଠିକ୍ ହୋଇଯିବ।

## ଖୋଲିଲା ଭିତରକନିକା, ପ୍ରଥମ ଦିନରେ ୬୧ ପର୍ଯ୍ୟଟକ

● ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ, ମିଠା ଦେଇ ସ୍ୱାଗତ



**ରାଜନଗର,୧।୮ (ସଂଚାର ବ୍ୟୁରୋ):** ଦେଶ ବିଦେଶର ପର୍ଯଟକଙ୍କ ପାଇଁ ଆଜିଠାରୁ ଖୋଲିଛି ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ । ଦୀର୍ଘ ୩ମାସ ପରେ ଭିତରକନିକା ଜାତୀୟ ଉଦ୍ୟାନ ଖୋଲିଥିବାରୁ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଆଜି ପ୍ରଥମ ଦିନରେ ଭିତରକନିକା ବୁଲି ଆସିଥିବା ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଠା ଖୁଆଇ ବନ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଭିତରକନିକାକୁ ପଲିଥିନ ମୁକ୍ତ କରିବା ପାଇଁ ଆଜି ଭିତରକନିକା ଆସିଥିବା ପର୍ଯ୍ୟଟକମାନଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ ବୁଝାଇବା ସହିତ ପଲିଥିନ କିପରି ଜୀବଜନ୍ତୁ ଓ ଜୈବ ବିବିଧତା ଉପରେ ପ୍ରଭାବ ପକାଇଛି, ସେ ନେଇ ବୁଝାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ପ୍ରତିବର୍ଷ ମଇ ୧ରୁ ଜୁଲାଇ ୩୧ ତାରିଖ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥାଏ ।

## ରାସ୍ତା ଅବରୋଧ ହଟାଇଲା ଅଗ୍ନିଶମ ବାହିନୀ

**ମହାକାଳପଡ଼ା,୧।୮(ସଂଚାର ବ୍ୟୁରୋ):** ତେରଗାଁ ପଞ୍ଚାୟତ ବେଲାର ନୂଆଗାଁ ଗ୍ରାମରେ ସାମାନ୍ୟ ବର୍ଷା ପବନରେ ଏକ ବିରାଟ ପୁରୁଣା ଚାଖୁଣ୍ଡା ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା। ଏନେଇ ସୁବ୍ରତ ସେଠୀ ଅଗ୍ନିଶମ ବାହିନୀକୁ ଖବର ଦେବାପରେ କେୟାରବାଙ୍କ ଅଗ୍ନିଶମ ବାହିନୀ ତରଫରୁ ଶିଶିର କୁମାର ଦାସ, ଗୋବର୍ଦ୍ଧନ ଖିଲାର, ସୁରେନ୍ଦ୍ର ମାଝୀ, ବିକାଶ ରଂଜନ ସାହୁ, ପ୍ରତାପ ରଂଜନ ଦାସ ପହଞ୍ଚି ଗଛ କାଟିବା ସହ ରାସ୍ତା ଅବରୋଧ ହଟାଇବା ପରେ ଯାତାୟତ ସୁବିଧା ହୋଇଥିଲା।



# ପାଞ୍ଚଣପଡ଼ା-ବାଟିପଡ଼ା ରିଙ୍ଗବନ୍ଧ ମରଣଯନ୍ତା

**ଆଳି,୧।୮ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ସାନମଙ୍ଗ ପଞ୍ଚାୟତ ପାଞ୍ଚଣପଡ଼ା ବନ୍ଧ ଠାରୁ ବାଟିପଡ଼ା ରିଙ୍ଗ ବନ୍ଧ ପର୍ଯ୍ୟନ୍ତ ୧ କି.ମି ବ୍ୟାପି ରାସ୍ତା ବାଟିପଡ଼ା ଦେଇ ଯାଇଥିବା ଏହି ପ୍ରଧାନମନ୍ତ୍ରୀ ସଡକଟି ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଛି। ଶୁକଦେବ ମାଝିଙ୍କ ଘର ନିକଟରେ ୨୦୦୬ ମସିହାରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ରାସ୍ତାଟି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ।

ଏହି ରାସ୍ତା ଦେଇ ଦୀର୍ଘଦିନ ହେବ ହଜାର ହଜାର ଲୋକ, ସ୍କୁଲ ପିଲା, ଗାଡି, ମୋଟର ଆଦି ପଟ୍ଟାମୁଣ୍ଡାଇକୁ ଯିବା ଆସିବା କରନ୍ତି। ସଂସିଦା, ପାଚଂଣପଡ଼ା, ଠାକୁରପାଟଣା, ମଙ୍ଗରାଜପୁର, ପେତପଡ଼ା, ଜୁଆଣିଆ, ନାଟରା ଆଦି ବହୁ ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ବାଟିପଡ଼ାର ମେଡିକାଲ, ପୋଷ୍ଟଅଫିସ, ବ୍ୟାଙ୍କ, ସ୍କୁଲ ଆଦି ବିଭିନ୍ନ ଅଫିସ କାର୍ଯ୍ୟ ପାଇଁ ଯିବା ଆସିବା କରନ୍ତି। ଉକ୍ତ ରାସ୍ତା ଖାଲଖମାରେ ଭର୍ତି ହୋଇ ରହିଛି। ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ମରାମତି ଅଭାବରୁ ବର୍ଷାଦିନେ ଖାଲଖମା ଭର୍ତି ରାସ୍ତା ଉପରେ ଯିବାଆସିବା କରିବା ସମ୍ଭବପର ହେଉନାହିଁ। ଜନସାଧାରଣ ବାରମ୍ବାର ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ।

ସରକାର ପ୍ରଧାନମନ୍ତ୍ରୀ ସଡକ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ୨୦୦୬ ମସିହାରୁ ହୋଇଥିବା ରାସ୍ତା ଓ ୧ କି.ମି ଅସମ୍ପୂର୍ଣ୍ଣ ରାସ୍ତାଟି ମରଣଯନ୍ତାରେ ପାଲଟିଛି। ତୁରନ୍ତ ଏହି ରାସ୍ତାଟିକୁ ସଠିକ ଭାବେ କାମ କରି ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣ ସରକାରଙ୍କ ନିକଟରେ ଦାବି କରିଛନ୍ତି।



# ଅନୁପ୍ରବେଶକାରୀଙ୍କ ସୁରକ୍ଷାସ୍ଥଳ ମହାକାଳପଡ଼ା



**ମହାକାଳପଡ଼ା,୧।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଅଞ୍ଚଳ ଏବେ ଅନୁପ୍ରବେଶକାରୀଙ୍କ ସୁରକ୍ଷା ସ୍ଥଳ ପାଲଟିଛି। ସନ୍ଦିଗ୍ଧ ଅନୁପ୍ରବେଶକାରୀ ମାନେ ବିଭିନ୍ନ ଆଳରେ ମହାକାଳପଡ଼ା ଅଞ୍ଚଳରେ ପ୍ରବେଶ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଖବର ବିଭିନ୍ନ ସମୟରେ ସାମ୍ନାକୁ ଆସିଛି। ଗତକାଲି ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ବଜାରରେ ହଟାତ୍ ୧୪ଜଣ ସନ୍ଦିଗ୍ଧ ଲୋକ ପହଞ୍ଚିବା ପରେ ଲୋକେ ଭୟଭୀତ ହୋଇପଡିଥିଲେ। ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଏକ ବସ୍ ଯୋଗେ ହଠାତ ଏତେ ସଂଖ୍ୟାରେ ଲୋକ ବଜାରରେ ପହଞ୍ଚିବାରୁ ରାମନଗର ବଜାରରେ ଅଜଣା ଭୟ ସୃଷ୍ଟି ହୋଇଥିଲା। ଧିରେ ଧିରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଭିଡ ଜମାଇଥିଲେ। ଖବରପାଇ ଘଟଣା ସ୍ଥଳରେ ତୁରନ୍ତ ଜମ୍ବୁ ସାମୁଦ୍ରିକ ଥାନା ପୋଲିସ୍ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ସନ୍ଦିଗ୍ଧ ମାନଙ୍କ ବେଶ ପରିପାଟିରୁ ଅଧିକାଂଶ ସଂଖ୍ୟା ଲଘୁ ସମ୍ପ୍ରଦାୟର ବୋଲି ଜଣା ପଡିଥିଲା ।

ତେବେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଆସିଥିବା ସମସ୍ତ ସନ୍ଦିଗ୍ଧ ମାନଙ୍କୁ ପୁଲିସ୍ ଅଟକ ରଖି ପୁଙ୍ଖାନୁପଙ୍ଖ ଭାବେ ଯାଞ୍ଚ କରୁଛି। ପ୍ରାଥମିକ ତଦନ୍ତରୁ ଜଣାପଡୁଛି ସେମାନେ ବିହାର ରାଜ୍ୟରୁ ଆସିଛନ୍ତି। ସମସ୍ତ ଦିଗରୁ ତଦନ୍ତ ପରେ ଘଟଣା କଣ ସ୍ପଷ୍ଟ ହେବ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମାନଙ୍କୁ କିଏ ଓ କେଉଁ ଉଦ୍ଦେଶ୍ୟରେ ଆଣୁଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ଘଟଣାକୁ ପୁଲିସ ଗୁରୁତର ସହ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଜେପିର ସାଂଗଠନିକ ବୈଠକ

## ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ



**ସାଲେପୁର,୧।୮ (ସଂଚାର ବ୍ୟୁରୋ):** ବିଜେପି କାର୍ଯ୍ୟାଳୟ ଭାତପଡ଼ାଠାରେ ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଟକ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, କୁଞ୍ଜମୋହନ ସେଠୀ, ବିକ୍ରମ କେଶରୀ ବଳ, ସତ୍ୟବାଦୀ ଚଇନି ଯୋଗଦେଇଥିବାବେଳେ ଟାଙ୍ଗୀ ସାଲେପୁର ବ୍ଲକର ବିଭିନ୍ନ ମଣ୍ଡଳର ମଣ୍ଡଳ ସଭାପତିମାନେ ମଧ ଯୋଗଦେଇଥିଲେ। ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନକୁ କିଭଳି ସୁଦୃଢ଼ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କର ଯୋଜନାରୁ ଯେପରି ପ୍ରକୃତ ହିତାଧିକାରୀମାନେ ବାଦ୍ ନପଡନ୍ତି, ସେ ଦିଗରେ ଗୁରୁତ୍ୱ ଦେବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ଯଶୋବନ୍ତ ରାଉତ, ପୂର୍ବତନ ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ଦିଲ୍ଲୀପ ରାଉତ, ଅସିତ୍ ମହାନ୍ତି, ରମେଶ କୁମାର ନାୟକଙ୍କ ସମେତ ଶତାଧିକ କର୍ମୀ ଏହି ବୈଠକରେ ଯୋଗଦେଇଥିଲେ।

### ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# ସୁନାଗରିକ ହେବା ପାଇଁ ଶିକ୍ଷା ନିତାନ୍ତ ଆବଶ୍ୟକ

**କାକଟପୁର/ଅସ୍ତରଙ୍ଗ,୧।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ତଥା ସହକାରୀ ଶିକ୍ଷକ ପୀତବାସ ଦୀକ୍ଷିତି ନିଜ ଚାକିରି କାଳରୁ ଜୁଲାଇ ୩୧ତାରିଖରେ ଅବସର ନେଇଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା କାକଟପୁର ମାନ୍ୟବର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟ ବକ୍ତା ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି କାକଟପୁର ପଂଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୁଧାନନ୍ଦ ପରିଡ଼ା, ସମାଜସେବୀ ରତିକାନ୍ତ ବେହେରା, ଅଭିଜ୍ଞ ଖବରଦାତା ତଥା ସମାଜ ସେବୀ ପ୍ରଦୀପ୍ତ କୁମାର ଦୀକ୍ଷିତି, ଶିକ୍ଷାବିତି ନିରଦ ମହାନ୍ତି, ଅର୍ଣ୍ଣବ କୁମାର ବେହେରା, ପୂର୍ବତନ ମଣ୍ଡଳ ଶିକ୍ଷାଅଧିକାରିଣୀ ପଙ୍କଜିନୀ ଦେଇ ପ୍ରମୁଖ ଉପସ୍ଥିତ ରହି ଶ୍ରୀଯୁକ୍ତ ଦୀକ୍ଷିତିଙ୍କ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ରହିବା ଦିନଠାରୁ ନିସ୍ୱାର୍ଥପର ଭାବେ କିଭଳି ଶିକ୍ଷାଦାନ କରିବା ସହ ଛାତ୍ର, ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟ ଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ଗୁଣଗାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ରୀନାଲତା ପରିଡା ଓ ଆଲୁମିନା କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁ ନିଜ ଅଭିଭାଷଣରେ କହିଥିଲେ ଶ୍ରୀଯୁକ୍ତ ପୀତବାସ ଦୀକ୍ଷିତି ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ଯେତିକି ପ୍ରେରଣା ଓ ଉତ୍ସାହ ଦେଉଥିଲେ ସମପରିମାଣ ରେ କନିଷ୍ଟ ଗୁରୁଜୀ ଓ ଗୁରୁମା ଙ୍କୁ ଉତ୍ତମ ମାର୍ଗଦର୍ଶନ ଦେଇ ଆସୁଥିଲେ ବୋଲି କହିଥିଲେ।

ବିଦ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ଦୀକ୍ଷିତିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସ୍ଥିତ ଅତିଥି, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟର ଅତି ପ୍ରିୟ ଶିକ୍ଷକ ଶ୍ରୀଯୁକ୍ତ ପୀତବାସ ଦୀକ୍ଷିତିଙ୍କୁ ବିରାଟ ପଟୁଆରରେ ଶୋଭାଯାତ୍ରା ମାଧ୍ୟମରେ ବିଦ୍ୟାଳୟ ଠାରୁ ନେଇ ଗୁରୁଜୀଙ୍କ ବାସଭବନରେ ଛାଡିଥିଲେ।

## ବନୀକରଣ ଉଦ୍ଦେଶ୍ୟରେ 'ଗଛ ପାଇଁ ଶହେଟି କବିତା'




**କାକଟପୁର/ଅସ୍ତରଙ୍ଗ,୧।୮ (ସଂଚାର ବ୍ୟୁରୋ):** ବନୀକରଣ ପାଇଁ ବଟାନିକାଲ ଇଂରାଜୀ ବର୍ଣ୍ଣମାଳା ଉଦ୍ୟାନ। ପୁରୀ ଜିଲ୍ଲା କାକଟପୁର ବ୍ଲକ ପିଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଉଦ୍ୟାନରେ ଇଂରାଜୀ ବର୍ଣ୍ଣମାଳାର ୨୬ଗୋଟି ଅକ୍ଷର 'ଏ' ଠାରୁ 'ଜେଡ' ପର୍ଯ୍ୟନ୍ତ ଲାଗିଛି। ଇଂରାଜୀ ଅକ୍ଷର 'ଏ' ଅକ୍ଷର ଲାଗିଛି ଆଜାଦିରାଚତା ଇଣ୍ଡିକା (ନିମ୍ବ), 'ବି'ରେ ଲାଗିଛି ବାଉହିନିଆ ଭେରୀଏଗେଟା (କାଞ୍ଚନ) ଭଳି ଗଛ। ସେହିପରି ଶେଷରେ 'ଜେଡ' ଲାଗିଛି ଜିଞ୍ଜିର ଅଫିସିନାଲ (ଅଦା) ଭଳି ଗଛ।

ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପ୍ରବେଶ ଦ୍ୱାରରେ ଇଂରାଜୀ ବର୍ଣ୍ଣମାଳା ଶିକ୍ଷା ଦେବାକୁ ଚେଷ୍ଟା କରିଛନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀ। ଶୁକ୍ରବାର ଜିଲ୍ଲା ଅତିରିକ୍ତ ଶିକ୍ଷାଅଧିକାରୀ ହିମାଂଶୁ ଭୂଷଣ ସମର୍ଥ ବୁଲି ଦେଖିବା ସହ ଖୁସି ମଧ ଅନୁଭବ କରିଥିଲେ। ଏ ନେଇ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରତାପ ରାଉତ କୁହନ୍ତି ପିଲାଟିଏ ଷଷ୍ଠ କିମ୍ବା ଅଷ୍ଟମ ଶ୍ରେଣୀରେ ଆଲଫା ବେଟିକାଲ ଧାରଣା ବହୁତ କମ୍ ଥାଏ। ବଡ଼ ଅକ୍ଷର ଇଂରାଜୀ ବର୍ଣ୍ଣମାଳା ଲେଖାଯାଇଛି, ଛୋଟ ଅକ୍ଷର ଇଂରାଜୀ ବର୍ଣ୍ଣମାଳା କିପରି ଲେଖା ହୋଇଛି ସେ ସମ୍ପର୍କରେ ଜ୍ଞାନ ଆସିବ। ଜ୍ଞାନ ପାଇବା ସହ ଗଛକୁ ଚିହ୍ନିବ, ଗଛ ବିଷୟରେ ଜାଣିବ, ଗଛ ପ୍ରତି ମମତା ବଢ଼ିବ।

ଗଛ ପାଇଁ ଶହେଟି କବିତା ଶୁକ୍ରବାର କାର୍ଯ୍ୟକ୍ରମ ହୋଇଥିଲା। ଗଛ ନଥିଲେ ଜୀବନ ନାହିଁ, ଗଛ ନଥିଲେ ପବନ ନାହିଁ, ଗଛ ନଥିଲେ ଛାଇ ନାହିଁ। ଯାହା ଫଳରେ ପିଲାଙ୍କୁ ଅକ୍ଷର ଶିଖିବା ସହିତ ଗଛ ବିଷୟରେ ଜାଣିବାକୁ ଆକୃଷ୍ଟ କରିବ ବୋଲି ଆଶା କରିଛନ୍ତି ବୁଦ୍ଧିଜୀବୀ। ଅନ୍ୟ ପଟେ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିଆରା ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

## କଲେଜ ସାମ୍ନାରେ ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କାକଟପୁର/ଅସ୍ତରଙ୍ଗ,୧।୮ (ସଂଚାର ବ୍ୟୁରୋ):** କୌଣସି କାରଣ ବଶତଃ ଅସ୍ତରଙ୍ଗ ଅଞ୍ଚଳର ଏକ ବେସରକାରୀ କଲେଜ ସାମ୍ନାରେ ଜଣେ ଯୁବକ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ମଧାହ୍ନ ସମୟରେ କଲେଜ ସାମ୍ନାରେ ଏକ ଝିଅ ଓ ପୁଅ ମଧରେ ଦୀର୍ଘ ସମୟ ବଚସା ହୋଇଥିଲା। ପରେ ଝିଅ ଜଣକ ପୁଅର ସ୍କୁଟିକୁ ଗୋଇଠା ମାରିବା ସହ ପରସ୍ପର ମଧରେ ଦୀର୍ଘ ସମୟ ବଚଷା ହୋଇଥିଲା। ପରେ ଉକ୍ତ କଲେଜ ଅଧାପକ ଯୁବକ ଜଣକୁ ଡାକି ଘଟଣା ସମ୍ପର୍କରେ ବୁଝିଥିଲେ। କିନ୍ତୁ ରାଗ ଜର୍ଜରିତ ଯୁବକ ପେଟ୍ରୋଲ ଆଣି ଆତ୍ମହତ୍ୟା କରିବାକୁ ଉଦ୍ୟମ୍ କରିଥିଲେ। ଯୁବକ ଜଣକ କିଏ ଓ କାହିଁକି ଏପରି ନିଷ୍ପତି ନେଇଥିଲେ ତାହା ସନ୍ଦେହ ଘେରରେ। ଏ ଘଟଣାକୁ ସ୍ଥାନୀୟ ପୁଲିସ ଗୁରୁତର ସହ ନେଇ କଲେଜରେ ପହଂଚି ଯାଞ୍ଚ କରିବା ସହ ସିସିଟିଭି ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି। ନଚେତ ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ ଉଙ୍କି ମାରିଛି।



କେଜେ ପଟେଲ୍ ଇଫକୋର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଛନ୍ତି। ସେ ଗୁରୁବାର ଅବସର ନେଇଥିବା ଡ. ୟୁଏସ୍ ଅବସ୍ଥୀଙ୍କ ସ୍ଥାନରେ ଏହି ପଦରେ ନିଯୁକ୍ତି ପାଇଛନ୍ତି।

## ତ୍ୱରାନ୍ୱିତ ହେଲା ଶକ୍ତିଶ୍ରୀ ଯୋଜନା

# ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତିଅପା ମନୋନୟନ ନିର୍ଦ୍ଦେଶ

- ୪ ତାରିଖ ସୁଦ୍ଧା ଦାୟିତ୍ୱ ନେବେ ଶକ୍ତିଶ୍ରୀ ସଂଯୋଜିକା
- ଜିଲ୍ଲାପାଳ ମନୋନୀତ କରିବେ ୫ ଶକ୍ତିଅପା

**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ) :** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମକୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ୧।୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ବନ୍ଧରେ ଘୋଷଣା କରିଥିଲେ। ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଏକ ସ୍ଥାୟୀ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନ କରାଯିବ, ଯାହାକି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ସହ ସେମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ସୁପରିଚାଳନା ପାଇଁ ଜଣେ ଛାତ୍ରୀ ଶକ୍ତିଶ୍ରୀ ସାଥୀ ଓ ଜଣେ ଅଧ୍ୟାପିକା ଶକ୍ତିଶ୍ରୀ ସଂଯୋଜିକା ଭାବେ କାର୍ଯ୍ୟ କରିବେ। ଏଥିସହ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ମହିଳା ଶକ୍ତିଅପା ଭାବେ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର କାର୍ଯ୍ୟକାରିତା ପାଇଁ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଜଣେ ମହିଳା ଅଧ୍ୟାପିକାଙ୍କୁ ଶକ୍ତିଶ୍ରୀ ସଂଯୋଜିକା ଭାବେ ଚୟନ କରିବା ପାଇଁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ଏଥିସହ ଆସନ୍ତା ୪ ତାରିଖ ସୁଦ୍ଧା ଶକ୍ତିଶ୍ରୀ ସଂଯୋଜିକାଙ୍କୁ ଚୟନ କରି ଦାୟିତ୍ୱ ପ୍ରଦାନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତିଶ୍ରୀ ସଂଯୋଜିକାମାନେ ଲିଙ୍ଗଗତ ସମାନତା ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ଏ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜନ କରିବେ। ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନକୁ ସୁନିଶ୍ଚିତ କରାଇବା ସହ ଛାତ୍ରୀମାନଙ୍କର ଆଇନଗତ ଅଧିକାର ସମ୍ବନ୍ଧରେ କର୍ମଶାଳା, ସେମିନାର ଆଦିର ଆୟୋଜନ କରାଇବେ। ଯଦି କେବେ ପ୍ରତିକୂଳ ପରିସ୍ଥିତି ଉପୁଜେ, ତା'ହେଲେ ଉକ୍ତ ଛାତ୍ରୀଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ସହ ଆଇନଗତ ସାହାଯ୍ୟ ପ୍ରଦାନ କରିବାରେ ମାର୍ଗଦର୍ଶନ କରାଇବେ।

ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଶକ୍ତିଶ୍ରୀ ସାଥୀ ଭାବେ କାର୍ଯ୍ୟ କରୁଥିବା ଛାତ୍ରୀଙ୍କ ପାଇଁ ଶକ୍ତିଶ୍ରୀ ସଂଯୋଜିକା ମେଣ୍ଟର ଭଳି କାର୍ଯ୍ୟ କରିବେ। ଜିଲ୍ଲାପାଳଙ୍କ ଦ୍ୱାରା ଚୟନ ହୋଇଥିବା ଶକ୍ତିଶ୍ରୀ ଅପା, ସ୍ଥାନୀୟ ପ୍ରଶାସନ, ଏନଜିଓ ଆଦି ସହ ସମନ୍ୱୟ ରକ୍ଷା କରି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ପରିଚାଳନା କରିବେ। ସେମାନେ ମହିଳାମାନଙ୍କର ସମାନତା ଅଧିକାର, ସୁରକ୍ଷା ଓ ସଶକ୍ତିକରଣ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାର ଆୟୋଜନ କରାଇବେ। ସେହିପରି ପ୍ରତି ଜିଲ୍ଲାରେ ୫ ଜଣ ମହିଳାଙ୍କୁ ଶକ୍ତିଅପା ଭାବେ ମନୋନୀତ କରି ସେମାନଙ୍କ ସବିଶେଷ ବିବରଣୀ, ଯୋଗାଯୋଗ ସମ୍ବନ୍ଧୀୟ ତଥ୍ୟ ଆସନ୍ତା ୨୦ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନେ ମହିଳା ଓ ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଜଣେ ମହିଳା ସାମାଜିକ କର୍ମୀ, ଅବସରପ୍ରାପ୍ତ ମହିଳା ସରକାରୀ କର୍ମଚାରୀ, ଆଇନଗତ ଅଧିକାର ଓ ଡିଜିଟାଲ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ମହିଳା ବିଶେଷଜ୍ଞ, ମହିଳା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତ, ପ୍ରତିଷ୍ଠିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବା ବିଶ୍ୱବିଦ୍ୟାଳୟ ଛାତ୍ର କଲ୍ୟାଣ ସମିତିର ସଂଯୋଜକ ଭାବେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀଙ୍କୁ ଶକ୍ତିଅପା ରୂପେ ମନୋନୀତ କରିବେ।




## ମାହାଙ୍ଗା ବ୍ଲକ ସମସ୍ତ କର୍ମଚାରୀଙ୍କ ଦରମା ବନ୍ଦ

**ସାଲେପୁର, ୧।୮ (ସଂଚାର ବ୍ୟୁରୋ) :** କଟକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏମରଜେନ୍ସିରେ ଅଫିସ ନ ଆସିବା ଏବଂ ବାୟୋମେଟ୍ରିକ ନ ଲଗାଇବାରୁ ଦରମା ବନ୍ଦ ମାହାଙ୍ଗା ବ୍ଲକର ସମସ୍ତ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଉନ୍ନୟନ ଅଧିକାରୀ ବ୍ଲକର ସମସ୍ତ କର୍ମଚାରୀଙ୍କ ଦରମା ବନ୍ଦ କରିଛନ୍ତି। ହେଲେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ମିଳିଛି ଅନୁମୋଦନ

**ପୁରୀ, ୧।୮ (ସଂଚାର ବ୍ୟୁରୋ) :** ପୁରୀ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦରକୁ ପ୍ରମୁଖ ବହୁ ଅନୁମୋଦନ ମିଳିଲାଣି। ଏନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ସୋମବାର ରାଜ୍ୟସଭାରେ ଉତ୍ତର ରଖିଛନ୍ତି। ଏହି



ବିମାନବନ୍ଦର ସ୍ଥିତି କ'ଣ ବୋଲି ପୁରୀ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏକ ପ୍ରଶ୍ନ କରିଥିଲେ।

ସାଂସଦ ଶ୍ରୀ ଖୁଣ୍ଟିଆଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉତ୍ତର ଦେଇଥିଲେ, ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ନୀତି୨୦୦୮ ଅନୁଯାୟୀ ବିମାନବନ୍ଦର ପ୍ରତିଷ୍ଠା ନିମନ୍ତେ ଦୁଇଟି ପର୍ଯ୍ୟାୟରେ ଅନୁମୋଦନ ଆବଶ୍ୟକ । ତାହା ହେଲା ବିମାନବନ୍ଦର ନିମନ୍ତେ ଭୂମି ଅନୁମୋଦନ(ସାଇଟ୍ କ୍ଲିୟରାନ୍ସ) ଓ ନୀତିଗତ ଅନୁମୋଦନ(ଇନ୍-ପ୍ରିନ୍ସିପିଲ ଆପ୍ରୁଭାଲ) । ୨୦୨୩ ସେପ୍ଟେମ୍ବରରେ ରାଜ୍ୟ ସରକାର ସାଇଟ୍ କ୍ଲିୟରାନ୍ସ ଅନୁମୋଦନ କରିଥିଲେ । ୨୦୨୫ ମେ'ରେ ବେସାମରିକ ବିମାନଚଳାଚଳ ମନ୍ତ୍ରଣାଳୟ 'ଇନ୍-ପ୍ରିନ୍ସିପିଲ' ଅନୁମତି ନେଇଛି । ୨୦୨୫ ଜୁନ୍‌ରେ ଏକ୍ସପର୍ଟ ଅପ୍ରାଇଜାଲ କମିଟି ପରିବେଶ କ୍ଲିୟରାନ୍ସ ପାଇଁ ସୁପାରିସ କରିଛନ୍ତି। ବିଭିନ୍ନ ଅଂଶିଦାରମାନଙ୍କ ସହ ପରାମର୍ଶ ପରେ ଷ୍ଟିୟରିଂ କମିଟି ସୁପାରିସ ପରେ ଏହି ପ୍ରକଳ୍ପ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରଣାଳୟ କୌଣସି ଆପତ୍ତି(ନୋ-ଅବଜେକ୍ସନ) ନଥିବା ଅନୁମତି ଦେଇସାରିଛି ।

ରାଜ୍ୟର ଆର୍ଥିକ କାରବାର ବିକାଶରେ ଏହି ପ୍ରକଳ୍ପ ସହାୟକ ହେବ । ଯାତ୍ରୀଙ୍କ ଯାତାୟାତ ସୁବିଧା ବଢ଼ାଇବା ସହ ପର୍ଯ୍ୟଟନ ବିକାଶ, ନିଯୁକ୍ତି ସୃଷ୍ଟି କରିବ । ଏଥିସହ ବିଭିନ୍ନ ପ୍ରକଳ୍ପ ଟ୍ୟାକ୍ସ ଓ ଷ୍ଟାମ୍ପ ଡ୍ୟୁଟି ଆଦାୟ ବୃଦ୍ଧି ପାଇବ । ଏହା କେନ୍ଦ୍ର ଓ ରାଜ୍ୟର ସାମଗ୍ରିକ ଉନ୍ନତିରେ ସହାୟକ ହେବ । ଇଣ୍ଟରନ୍ୟାସନାଲ ସିଭିଲ ଆଭିଏସନଅର୍ଗାନାଇଜେସନ (ଆଇସିଏଓ) ସର୍ଭେ ମୁତାବକ ଏହା ବାୟୁ ମାର୍ଗକୁ ପ୍ରଶସ୍ତ କରିବା ପରେ ୩.୨୫ ହାରରେ ଆର୍ଥିକ ଓ ୬.୧ ହାରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ, ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ପ୍ରାୟ ୪.୬ ମିଲିୟନ ଯାତ୍ରୀ ପରିବହନ କ୍ଷମତା ବିଶିଷ୍ଟ ବିମାନ ବନ୍ଦର କରିବା ନିମନ୍ତେ କାର୍ଯ୍ୟ ହେଉଛି । ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ପ୍ରଭାବିତଙ୍କୁ ଥଇଥାନ ଓ ପୁନର୍ବାସ, ପାଣି ବ୍ୟବସ୍ଥା ଓ ପରିବେଶ ଅନୁମତି ସୁନିଶ୍ଚିତ କରିବା ଦାୟିତ୍ୱ ରାଜ୍ୟ ସରକାର ନେଇଛନ୍ତି । ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ, ସୁନିଶ୍ଚିତ ଆବଶ୍ୟକ ପଡୁଥିବା ଅନୁମତି ଓ ଅର୍ଥ ପ୍ରଦାନ ପ୍ରଭୃତି ପ୍ରକଳ୍ପ ଶେଷ କରିବା ଉପରେ ନିର୍ଭର କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ରତ୍ନଭଣ୍ଡାର ଗଣତି କରିବେ ଆର୍‌ବିଆଇ ଏକ୍ସପର୍ଟ



**ଭୁବନେଶ୍ୱର/ପୁରୀ, ୧।୮:** ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏକ ବଡ଼ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨ ଜଣ ଏକ୍ସପର୍ଟ ଦେବା ପାଇଁ ଆର୍‌ବିଆଇକୁ ସରକାର ଚିଠି ଲେଖିଛନ୍ତି। ଏହା ପରେ ଆର୍‌ବିଆଇ ମଧ୍ୟ ୨ ଜଣ ଏକ୍ସପର୍ଟଙ୍କ ନାଁ ଦେଇଛି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ। ଏହି କମିଟି ଅନୁମତିରେ ରତ୍ନ ସବୁ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ସେ ପ୍ରକ୍ରିୟା ସରିବା ପରେ ଆର୍‌ବିଆଇ ଅଧିକାରୀଙ୍କୁ ତାରିଖ ଜଣାଯିବ। ଏହାପରେ ଏକ୍ସପର୍ଟ ଆସି ଗଣତିମଣତି କରିବେ ବୋଲି ଆଇନମନ୍ତ୍ରୀ କହିଛନ୍ତି।

## ପୁରୁଣା ପେନସନ୍ ଲାଗୁ ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ)** ଆଜି ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ (ୟୁପିଏସ୍) ପ୍ରତିବାଦରେ ଦେଶର ସବୁ ରାଜ୍ୟର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ପ୍ରାୟ ୪ ଲକ୍ଷ ଓ ଦେଶର ପ୍ରାୟ ଏକ କୋଟି କର୍ମଚାରୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀମାନେ ପୁରୁଣା ପେନ୍‌ସନ୍ ଲାଗୁ କରିବା ସକାଶେ ଦାବି କରିଛନ୍ତି। କର୍ମଚାରୀମାନେ ଏନ୍‌ପିଏସ୍ ଓ ଓପିଏସ୍ ବଦଳରେ କେବଳ ପୁରୁଣା ପେନ୍‌ସନ୍ ଲାଗୁ କରିବା ସକାଶେ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଧାରଣା ଦେଇଆସୁଥିଲେ ମଧ୍ୟ ଏଥିପ୍ରତି କେହି ବି କର୍ଣ୍ଣପାତ କରୁନାହାଁନ୍ତି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଯେତେବେଳେ ବିରୋଧୀ ଦଳର ମୁଖ୍ୟ ସଚେତକ ଭାବେ ଆନ୍ଦୋଳନରତ କର୍ମଚାରୀଙ୍କୁ ଭେଟିଥିଲେ, ସେତେବେଳେ ସେ ତତ୍କାଳୀନ ସରକାରଙ୍କୁ ସମାଲୋଚନା କରିଥିଲେ। ଝାଡ଼ଖଣ୍ଡ ଓ ରାଜସ୍ଥାନ ଆଦ ରାଜ୍ୟରେ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ଓଡ଼ିଶାରେ ଲାଗୁ ହେବାର କ'ଣ ସମସ୍ୟା ରହିଛି ବୋଲି କହିଥିଲେ। ଏହା ପଛରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବା ସେ ଅଭିଯୋଗ କରିଥିଲେ। ଏଥିସହ ତାଙ୍କ ଦଳ କ୍ଷମତାକୁ ଆସିଲେ ନିଶ୍ଚିତ ଭାବେ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କ ଉପରେ ରାଜ୍ୟ ପେନ୍‌ସନ୍‌ଭୋଗୀ ଯଥେଷ୍ଟ ଭରସା କରିଛନ୍ତି। ୨୦୦୪ ପରେ କେନ୍ଦ୍ର ସରକାର ଏନ୍‌ପିଏସ୍ ଲାଗୁ କରିଥିଲେ। ଏବେ ୟୁପିଏସ୍‌କୁ ବିନା ଆଲୋଚନାରେ ରାଜ୍ୟ ସରକାର ଜୋର୍‌ଜବରଦସ୍ତି କର୍ମଚାରୀଙ୍କ ଉପରେ ଲଦି ଦେଉଛନ୍ତି। ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଆଜି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଜ୍ୟ ସରକାର ୯୦ ଦିନ ଭିତରେ କର୍ମଚାରୀଙ୍କର ଦୀର୍ଘ ୪୦ ବର୍ଷର ଦାବି ପ୍ରତି କର୍ଣ୍ଣପାତ ନ କଲେ, କର୍ମଚାରୀମାନେ ବାଧ୍ୟ ହୋଇ ସପରିବାର ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଆଜି ଦାବିପତ୍ର ପ୍ରଦାନ ସମୟରେ ପୁରୁଣା ପେନ୍‌ସନ୍ ପାଇଁ ଜାତୀୟ ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ, ଦିଲ୍ଲୀପ ଦାସ, ରଶ୍ମିରଞ୍ଜନ ପାଢ଼ୀ, ଦେବୀ ଧଳ, ସଂଯୋଜକ ଇତ୍‌କାର ଅହମ୍ମଦ, ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବିଭୂପ୍ରସାଦ ସାହୁ, ବିକ୍ରମ ରଥ, ବ୍ରହ୍ମାନନ୍ଦ ମହାରଣା, ଖଗେନ୍ଦ୍ର ପାଲ୍, ସୁରେଶ ପଟ୍ଟନାୟକ, ସୁନୀଲ୍ ପ୍ରଧାନ, ଶ୍ରୀକାନ୍ତ ବାରିକ, ବିମଳ ଚୌଧୁରୀ, ବିନୋଦ କୁମାର ବଳ, ଅଜୟ ଧଳ, ସୁରେଶ ପ୍ରଧାନ, ଉପସଭାପତି କ୍ଷୀତିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପିଜି ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଉଦ୍‌ଯାପିତ

**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଭାଗ ସ୍ନାତକୋତ୍ତର ବା ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ପାଞ୍ଚଦିନିଆ ପ୍ରଶିକ୍ଷଣ ଆଜି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ପୂର୍ବତନ ପ୍ରାଣୀ ବିଜ୍ଞାନୀ ଆସୋସିଏଟ୍ ପ୍ରଫେସର ଡ. ଜୟକୃଷ୍ଣ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ, ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର, ଉପନିର୍ଦ୍ଦେଶିକା ସିଏଚ୍ ବିଜୟଲକ୍ଷ୍ମୀ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୦୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସେମାନଙ୍କୁ ଅନେକ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ସେମାନଙ୍କ ବ୍ୟକ୍ତିଗତ ବିକାଶ ଦିଗରେ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଶିକ୍ଷକମାନେ ପ୍ରଶିକ୍ଷିତ ହେଲେ ସେମାନେ ଆଗାମୀ ପିଢ଼ିକୁ ସଠିକ୍ ଢଙ୍ଗରେ ଗଢ଼ିପାରିବେ। ଏହି ଅବସରରେ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ କହିଛନ୍ତି ଯେ ଏହି ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ହିଁ ଶିକ୍ଷକମାନଙ୍କ ଶିକ୍ଷକତା ଯାତ୍ରାର ଶୁଭାରମ୍ଭ ହୋଇଛି। ଏଠିଠାରୁ ବାହାରିବା ପରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଦ୍ୟାଳୟର ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ପ୍ରଫେସର ଡ. ପାଣିଗ୍ରାହୀ ଉଦଯାପନୀ ଅଧିବେଶନରେ ଯୋଗଦେଇ ଜଣେ ଭଲ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ହେବା ପାଇଁ ପ୍ରେରିତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର ପ୍ରଶିକ୍ଷଣର ରିପୋର୍ଟ ପ୍ରଦାନ କରିଥିବା ଉପନିର୍ଦ୍ଦେଶିକା ସିଏଚ୍ ବିଜୟଲକ୍ଷ୍ମୀ ପିଜିଟିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରିଶେଷରେ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ମାଳି ଧନ୍ୟବାଦ ଦେଇଥିଲେ।




## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସ୍ୱଚ୍ଛତା ଅଭିଯାନ

**ଖୋର୍ଦ୍ଧା ରୋଡ୍, ୧।୮ (ସଂଚାର ବ୍ୟୁରୋ):** ଭାରତୀୟ ରେଳବାଇର ଏକ ସ୍ୱଚ୍ଛ ଓ ସବୁଜ ଭାରତ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ସ୍ୱାଧୀନତା ଦିବସ ପାଳନ ଓ ବ୍ୟାପକ ଜାତୀୟ ସ୍ୱଚ୍ଛ ଭାରତ ମିଶନ ସହ ସମନ୍ୱୟ ରଖି ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି। ରେଳ ଷ୍ଟେସନ ଏବଂ ରେଳ ପ୍ରତିଷ୍ଠାନଗୁଡ଼ିକରେ ରେଳ କର୍ମଚାରୀ ଓ ସଫେଇ କର୍ମଚାରୀଙ୍କ ଦ୍ୱାରା ନିଆଯାଇଥିବା ସ୍ୱଚ୍ଛତା ପ୍ରତିଜ୍ଞା ସହ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ଅଭିଯାନର ମୁଖ୍ୟ ଆକର୍ଷଣ ମଧ୍ୟରେ ଆଜିଠାରୁ ୩ ତାରିଖ ପର୍ଯ୍ୟନ୍ତ ସେଲ୍‌ଫି ବୁଥ ମାଧ୍ୟମରେ ସଚେତନତା ପ୍ରସାର କରିବା ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ରେଳ ଯାତ୍ରୀମାନଙ୍କୁ ସାମିଲ କରିବା। ଜନସଚେତନତା ଅଭିଯାନ ମଧ୍ୟରୁ ଡଷ୍ଟବିନ୍ ବ୍ୟବହାର, ଆବର୍ଜନାବିରୋଧୀ ଏବଂ ଜୈବ-ଶୌଚାଳୟ ବ୍ୟବହାର ଭଳି ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ କେନ୍ଦ୍ରିତ କରିବା ଇତ୍ୟାଦି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଟ୍ରେନ୍ ଓ ଷ୍ଟେସନଗୁଡ଼ିକରେ ନିୟମିତ ଘୋଷଣା ସହ ସ୍ୱଚ୍ଛତା ପ୍ରତିଜ୍ଞା ପୁସ୍ତିକା ବଣ୍ଟନ ଦ୍ୱାରା ସଚେତନତା କରାଇବା, ଡଷ୍ଟବିନ୍ ବ୍ୟବହାର ପ୍ରତି ଯାତ୍ରୀମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରାଇବା ଓ ପୋଷ୍ଟର ପ୍ରଦର୍ଶନ ଓ ଅଡିଓ-ଭିଜୁଆଲ୍ ଅଭିଯାନ ମାଧ୍ୟମରେ ପରିବେଶଗତ ସ୍ଥିରତା, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ନିଷ୍କାସନ ଓ ରେଳପଥ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ।

୧୬ ଅଗଷ୍ଟରୁ ୩୧ ଅକ୍ଟୋବର ମଧ୍ୟରେ ଟ୍ରେନରେ ଶୌଚାଳୟ, ଭେଷ୍ଟିବୁଲ୍ସ, ଲିନେନ୍ କ୍ଷେତ୍ର ସଫା ଓ ପରିଷ୍କାର ପ୍ରତି ଗୁରୁତ୍ୱାରୋପ କରାଇବା, ଆଇଆର୍‌ସିଟିସି ସହ ସମନ୍ୱୟରେ କୀଟପତଙ୍ଗ ଓ ମୂଷା ନିୟନ୍ତ୍ରଣ ପ୍ରତି ଯତ୍ନବାନ ହେବା, କୋଚ୍‌ଗୁଡିକୁ ଯାଞ୍ଚ, ଜୈବିକ-ଶୌଚାଳୟ ସଫା କରିବା, ଓବିଏଚ୍‌ଏସ୍ ପରାମର୍ଶ ଅଭିଯାନ ପ୍ରତି ବିଶେଷ ଧ୍ୟାନ ଦେବା, ପ୍ୟାଣ୍ଟ୍ରି କାର, ଖାଦ୍ୟ ଷ୍ଟଲ୍, ବେସ୍ ରୋଷେଇ ଘର ଓ କ୍ୟାଣ୍ଟିନରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱାରୋପ କରାଇବା ଓ ଅଳିଆ ପୃଥକୀକରଣ, ପ୍ଲାଷ୍ଟିକ୍-ମୁକ୍ତ ପ୍ଲାଟଫର୍ମ ଓ ଜୈବିକ-କମ୍ପୋଷ୍ଟିଂ ପଦକ୍ଷେପ ପ୍ରତି ବିଶେଷ ଧ୍ୟାନ ଦେବାକୁ ଏହି ଅଭିଯାନର ଉଦ୍ଦେଶ୍ୟ ରଖାଯାଇଛି। ଏହି ବ୍ୟାପକ ସ୍ୱଚ୍ଛତା ଅଭିଯାନ ରେଳ ଯାତ୍ରୀଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରୁଛି ଯେଉଁଥିରେ ସମସ୍ତଙ୍କୁ 'ଡଷ୍ଟବିନ୍ ବ୍ୟବହାର କରନ୍ତୁ-ରେଳପଥକୁ ସଫା ରଖନ୍ତୁ' ପାଇଁ ଅନୁରୋଧ କରାଯାଇଛି। ଏହି ବ୍ୟାପକ ଅଭିଯାନ ରେଳପଥ ଇକୋସିଷ୍ଟମରେ ସଫାସୁତରା, ପରିଷ୍କାର ଓ ପରିବେଶ-ନିରନ୍ତରତାରେ ଏକ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।



# ମହାନଦୀ ବିବାଦର ସମାଧାନ କରନ୍ତୁ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧।୮:** ଓଡ଼ିଶାର ବୃହତ୍ତମ ନଦୀ ତଥା ରାଜ୍ୟର ଜୀବନରେଖା କୁହାଯାଉଥିବା ମହାନଦୀକୁ ଅପମୃତ୍ୟୁ ମୁଖରୁ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରିବା ଲାଗି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମତ ପ୍ରକାଶ ପାଇଛି।

ହୀରାକୁଦ ନଦୀବନ୍ଧର ଉପର ମୁଣ୍ଡରେ ଛତିଶଗଡ଼ ଅନେକ ବନ୍ଧ ବାନ୍ଧି କଳକାରଖାନାଗୁଡ଼ିକୁ ପାଣି ଯୋଗାଇବା ଫଳରେ ଅଣ ମୌସୁମୀ ଋତୁରେ ମହାନଦୀର ଶଯ୍ୟା ଶୁଖିଲା ପଡୁଛି । ଏଥିଯୋଗୁ ମଣିଷ, ଗୃହପାଳିତ ପଶୁ, ବନ୍ୟ ଜନ୍ତୁଙ୍କ ସମେତ ପ୍ରାକୃତିକ ପରିବେଶ ଉଜୁଡୁଛି । ମହାନଦୀ ଶଯ୍ୟା ଶୁଖିଲା ପଡ଼ିବାରୁ ଏହାର ଶାଖା ନଦୀ ଏମିତିକି ଚିଲିକା ହ୍ରଦ ମଧ୍ୟ ବହୁ ପରିମାଣରେ ପୋତି ହୋଇପଡୁଛି ଏବଂ ଭୂତଳ ଜଳସ୍ତର ନିମ୍ନଗାମୀ ହେବାରୁ ପାନୀୟ ଜଳ ସଂକଟ ଉପୁଜୁଛି । ମହାନଦୀ ଶୁଖିଲା ପଡ଼ିବା ପରିପ୍ରେକ୍ଷୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଓଡ଼ିଶାର କୃଷକ ଓ କୃଷି ଶ୍ରମିକମାନେ ।



ଏକତରଫା ଭାବେ ମହାନଦୀ ଓ ତାହାର ଉପନଦୀଗୁଡ଼ିକ ଉପରେ ଛତିଶଗଡ଼ରେ ଶତାଧିକ ବନ୍ଧ ବନ୍ଧା ଯାଇଛି । ଏଥିଯୋଗୁ ଓଡ଼ିଶାରେ ସାଙ୍ଘାତିକ ସମସ୍ୟା ଉପୁଜୁଥିବା ପରିପ୍ରେକ୍ଷୀରେ ଦୁଇ ରାଜ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ଜଳ ବିବାଦ ସମସ୍ୟାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ୍ ଗଠିତ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏଯାବତ୍ ଏହି ଟ୍ରିବ୍ୟୁନାଲ୍ ତାଙ୍କର ଚୂଡ଼ାନ୍ତ ରିପୋର୍ଟ ଦେଇନାହାନ୍ତି । ନିକଟ ଅତୀତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଆପୋଷ ଆଲୋଚନା ମାଧ୍ୟମରେ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଉପୁଜିଥିବା ମହାନଦୀ ବିବାଦର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । କେବଳ ସେତିକି ନୁହେଁ, ଦୁଇ ରାଜ୍ୟ ମଧ୍ୟରେ ଏ ପ୍ରସଂଗରେ କଥାବାର୍ତ୍ତା ଚାଲିଥିବା ଘେନି ରାଜ୍ୟ ସରକାରଙ୍କ ଆଡଭୋକେଟ୍ ଜେନେରାଲ ମନ୍ତବ୍ୟ ଦେଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି ।

ତେବେ କେଉଁ ପ୍ରସଂଗରେ ଦୁଇ ରାଜ୍ୟ ମଧ୍ୟରେ ଏଯାବତ୍ କ'ଣ ସବୁ ଆଲୋଚନା ହୋଇଛି ତାହା ସ୍ପଷ୍ଟ କରାଯାଇ ନାହିଁ । ଏ ପରିପ୍ରେକ୍ଷୀରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିବାଦରେ ହସ୍ତକ୍ଷେପ କରି ତାଙ୍କ ଉପସ୍ଥିତିରେ ଦୁଇ ରାଜ୍ୟର ପ୍ରତିନିଧିଙ୍କ ମଧ୍ୟରେ ବୈଠକ କରି ମହାନଦୀ ଜଳ ବିବାଦର ସମାଧାନ କରିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ନିବେଦନ କରିଛି ।

ମହାନଦୀର ଜଳ ସଂପଦକୁ କାରଖାନା ଓ ଖଣି ମାଲିକଙ୍କ ହାତରେ ଟେକି ନଦେଇ ମହାନଦୀକୁ ବଞ୍ଚିବା ପାଇଁ ଏହାର ଜଳ ଧାରାକୁ ବ୍ୟବହାର କରିବା ଲାଗି ଏହି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି । ମହାନଦୀରେ ଯେଭଳି କିରୋଟ ସମୟରେ ବି ୧.୭୪ ନିୟୁତ ଏକର ଫୁଟ ଜଳ ଅତିକମ୍‌ରେ ପ୍ରବାହିତ ହୁଏ ତାହା ଉପରେ ଦୃଷ୍ଟି ଦେବା ଲାଗି ଦାବି କରିବା ସହିତ ମହାନଦୀର ଉପନଦୀ, ଶାଖା ନଦୀ ଏବଂ ଚିଲିକା ହ୍ରଦର ସଂରକ୍ଷଣ ଲାଗି ଏଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ କୁହାଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମାନରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପଞ୍ଚାନନ କାନୁନ୍‌ଗୋ ଓ ପ୍ରସାଦ ହରିଚନ୍ଦନ, ବିଧାୟକ ଗଣେଶ୍ୱର ବେହେରା, ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ସିପିଏମ୍ ନେତା ପ୍ରଦୀପ୍ତ ନାୟକ, ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇ ଏମ୍‌ଏଲ୍‌ର ଅଶୋକ ପ୍ରଧାନ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ ସମେତ ବହୁ ପରିବେଶବିତ୍, ଗଣଆନ୍ଦୋଳନର ପ୍ରତିନିଧି ଏଥିରେ ଭାଗ ନେଇ କେନ୍ଦ୍ର ସରକାର ଓଡ଼ିଶାକୁ ବିକାଶର ମୁଖଶାଳା କରିବେ ବୋଲି ଯେଉଁ ଘୋଷଣା କରୁଛନ୍ତି ତାହାର ବାସ୍ତବ ରୂପାୟନ ପାଇଁ ମହାନଦୀ ସମସ୍ୟାର ତୁରନ୍ତ ସମାଧାନ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ଏହି ସମାବେଶରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଛି ଏବଂ ସାରା ରାଜ୍ୟରେ ନଦୀ ଓ ହ୍ରଦଗୁଡ଼ିକର ସୁରକ୍ଷା ପ୍ରତି ଯେଉଁଳି ବିପତ୍ତି ଉପୁଜିଛି ତାହାର ପ୍ରତିକାର ଲାଗି ବ୍ୟାପକ ଗଣଆନ୍ଦୋଳନ ପାଇଁ ମତ ପ୍ରକାଶ ପାଇଛି। (ତଥ୍ୟ)

● ଧାନକିଣା ନେଇ ବର୍ଷିଲା ନବନିର୍ମାଣ କୃଷକ ସଙ୍ଗଠନ

## ପଞ୍ଜିକରଣ ସୂତ୍ରକୁ ଜଟିଳ କରୁଛନ୍ତି ସରକାର

**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ):** ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସବସିଡି ଦେବାକୁ ସରକାର ଘୋଷଣା କରିବା ପରେ ଚାଷୀଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ବଢ଼ିଥିଲା। କିନ୍ତୁ ଚଳିତ ବର୍ଷ ଚାଷୀମାନେ ଯେପରି ଧାନ ବିକ୍ରି କରିନପାରିବେ, ସେଥିସକାଶେ ସରକାର ଏବେଠାରୁ ପଞ୍ଜିକରଣର ପ୍ରକ୍ରିୟାକୁ ଜଟିଳ କରିଛନ୍ତି। ଏହି କାରଣରୁ ପୂର୍ବରୁ ଜଣେ ଚାଷୀ ଦୁଇରୁ ତିନି ଏକର ଜମି ପଞ୍ଜିକୃତ କରିଥିଲା ବେଳେ ଏବେ ଗୋଟିଏ ଏକର କିମ୍ବା ତା'ଠାରୁ କମ୍ ଜମି ପଞ୍ଜିକୃତ କରୁଛନ୍ତି। କାରଣ ପୂର୍ବରୁ ଜଣେ ଚାଷୀ ପୈତୃକ ପଟ୍ଟା ପାଉତି ମାଧ୍ୟମରେ ପଞ୍ଜିକରଣ କରୁଥିଲେ ଓ ସେଥିରେ ଉଲ୍ଲେଖ ଥିବା ସମସ୍ତ ଜମିର ଧାନ ବିକ୍ରି କରୁଥିଲେ। କିନ୍ତୁ ଚଳିତ ବର୍ଷ ସରକାର ନିୟମ କରିଛନ୍ତି ଯେ ପଞ୍ଜିକରଣ ସମୟରେ ଜଣେ ଚାଷୀ ନିଜ ବାପା ଓ ଭାଇଙ୍କ ନାମରେ ଥିବା ଜମି ଚାଷ କଲେ ସେ ଜମିର ଧାନ ବିକ୍ରି କରିବା ସକାଶେ ସେମାନଙ୍କଠାରୁ ଅନୁମତିପତ୍ର ଆଣିବେ। ସେହିପରି ଉତ୍ତରାଧିକାରୀ ସତ୍ତ୍ୱ ପାଇଁ ସର୍ବନିମ୍ନ ୭୦ ଦିନ ସମୟ ଲାଗୁଥିବାରୁ ଏହି ନିୟମ ଆଧାରରେ କେହି ଚାଷୀ ପଞ୍ଜିକରଣ କରିବା କାଠିକର ପାଠ। ସରକାରଙ୍କ ଏପରି ନିୟମ ପରିବାର ଭିତରେ ବିବାଦ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏପରି ନିୟମ କରି ସରକାର ଚାଷୀଙ୍କ ପାଇଁ ଧାନମଣ୍ଡି ବାଟ ବନ୍ଦ କରିଦେଇଛନ୍ତି ବୋଲି ଅଭିଯୋଗ କରିଛି ନବନିର୍ମାଣ କୃଷକ ସଙ୍ଗଠନ। ଚାଷୀମାନଙ୍କୁ ସବ୍‌ସିଡି ନ ଦେବା ସକାଶେ ଏହା ସରକାରଙ୍କ ଷଡ଼ଯନ୍ତ୍ର ବୋଲି ଏକ ପ୍ରେସ୍ ବିବୃତିରେ ଅଭିଯୋଗ କରିଛନ୍ତି ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ। ସେ କହିଛନ୍ତି ଯେ ସରକାର ଏପରି ଚାଷୀବିରୋଧୀ ମନୋଭାବ ଛାଡ଼ିବା ଦରକାର। କାଳିଆ ଯୋଜନାରେ ସରକାର ୭୦ ଲକ୍ଷ ଚାଷୀଙ୍କୁ ପ୍ରୋତ୍ସାହନ ଦେଉଥିବା ବେଳେ ଧାନ କିଣାରେ ମାତ୍ର ୪୩ ଲକ୍ଷ ଚାଷୀ ସାମିଲ୍ ହୋଇଥିବାରୁ ଏଥିରୁ ପାଖାପାଖି ୨୭ ଲକ୍ଷ ଚାଷୀ ବାଦ୍ ପଡ଼ିଛନ୍ତି। ତେଣୁ ନିଜକୁ ଚାଷୀଙ୍କ ସରକାର ବୋଲି ଦାବି କରୁଥିବା ମୋହନ ସରକାର ତୁରନ୍ତ ଏହି ନିଷ୍ପତ୍ତି ବଦଳାଇବାର ଆବଶ୍ୟକତା ରହିଛି। ନଚେତ୍ ଆଗାମୀ ଦିନରେ ଚାଷୀମାନେ ସବୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରୀ ନନ୍ଦ ଚେତାବନୀ ଦେଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ



# କଂଗ୍ରେସମୁକ୍ତ ଇଣ୍ଡିଆ

ଆସନ୍ତା ମାସ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ, ବିଜେପି ଏବଂ ଆପ ମଧ୍ୟରେ ତ୍ରିମୁଖୀ ମୁକାବିଲା ହେବାକୁ ଯାଉଛି। ୨୦୧୪ରୁ ଦିଲ୍ଲୀରେ ଏହି ପରମ୍ପରା ଚାଲିଆସୁଛି। ଗତ ଲୋକସଭା ନିର୍ବାଚନରେ ଦିଲ୍ଲୀରେ କଂଗ୍ରେସ ଏବଂ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ (ଆପ) ପରସ୍ପର ସହ ଆସନ ବୁଝାମଣା କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ବିଜେପି ସପକ୍ଷରେ ଯାଇଥିଲା। ଏଥର ବିଧାନସଭା ନିର୍ବାଚନରେ ଆପ ଏକାକି ଲଢ଼ିବ ବୋଲି ନିଷ୍ପତ୍ତି ହୋଇଛି। ସମ୍ଭବତଃ ସରକାର ବିରୋଧୀ ଭୋଟକୁ ବିଭାଜିତ କରିବା ନିମନ୍ତେ ଆପ ଏବଂ କଂଗ୍ରେସ ମଧ୍ୟରେ ଗୁପ୍ତ ବୁଝାମଣା ହୋଇଥାଇପାରେ। ତେଣୁ କଂଗ୍ରେସ ଏବେ ଆପ ବିରୋଧ;ରେ ବର୍ଷୁଛି। ଆପ ମଧ୍ୟ ଦିଲ୍ଲୀରେ କଂଗ୍ରେସକୁ ବିଜେପିର ବି ଟିମ ବୋଲି କହୁଛି। ଯାହା ବି ହେଉ ଦିଲ୍ଲୀରେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ ହେଉଛି ମୁଖ୍ୟ ରାଜନୈତିକ ଶକ୍ତି। ଏହାକୁ ସମସ୍ତ ଅଣକଂଗ୍ରେସ ବିରୋଧୀ ଦଳ ସମର୍ଥନ କରୁଛନ୍ତି। ଦେଶରେ ଏକ ତୃତୀୟ ମେଣ୍ଟ ବା କଂଗ୍ରେସ ମୁକ୍ତ ଇଣ୍ଡିଆ ବ୍ଲକ ଗଠନ ଉଦ୍ୟମର ଏହା ଆଉ ଏକ ପରୀକ୍ଷଣ ହେବ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପକୁ ମମତା ସମର୍ଥନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବେ ଦିଲ୍ଲୀ ଦରବାର ଦଖଲ ଲାଗି ସାନି ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିଲାଗି ସେ ଏକା ପାରିବେ ନାହିଁ। ଦିଲ୍ଲୀ ଦଖଲ ଲାଗି ସେ ଶକ୍ତିଶାଳି ମିତ୍ର ସଂଗ୍ରହ କରୁଛନ୍ତି। ଏଥିରେ ମୁଖ୍ୟ ପ୍ରତିବନ୍ଧକ ସାଜି ସାଜିଥିବା କଂଗ୍ରେସକୁ ରାସ୍ତାରୁ ହଟାଇବା ଲାଗି ସେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି। କଂଗ୍ରେସ ବିରୋଧରେ ତାଙ୍କର ଅଭିଯୋଗ ମଧ୍ୟ ଯଥାର୍ଥ। ଲୋକସଭା ନିର୍ବାଚନ ଏବଂ ଏହା ପରବର୍ତ୍ତୀ ସମୟରେ ଯେତେ ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ହୋଇଛି ସେଥିରୁ ଅଧିକାଂଶ ମୁକାବିଲାରେ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି। ଜାମ୍ମୁ-କାଶ୍ମୀର ଏବଂ ଝାଡ଼ଖଣ୍ଡରେ ଇଣ୍ଡିଆ ବ୍ଲକ ବିଜୟୀ ହୋଇଛି। କିନ୍ତୁ ସେଠାରେ କଂଗ୍ରେସ ନୁହେଁ, ନ୍ୟାସନାଲ କନଫରେନ୍ସ ଏବଂ ଜେଏମଏମ ଭଳି ଆଞ୍ଚଳିକ ଦଳ ବିଜୟୀ ହୋଇଛି। ଉଭୟ ରାଜ୍ୟରେ କଂଗ୍ରେସ ମୁଖ୍ୟ ଦଳ ନଥିଲା। କେବଳ ସହଯୋଗୀ ଥିଲା। ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲା ଏବଂ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଲଢ଼ିଥିଲା। ଅନ୍ୟ ପକ୍ଷରେ ହରିୟାନା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ଥିଲା ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି। ସେଠାରେ ବିଜେପିକୁ ଏହା ରୋକିବାରେ ବିଫଳ ହେଲା। ଏହାର ଏକ ମୁଖ୍ୟ କାରଣ ହେଲା କଂଗ୍ରେସ ନିଜ ସହଯୋଗୀମାନଙ୍କୁ ଏକାଠି କରିବାରେ ବିଫଳ ହୋଇଛି। ହରିୟାନାରେ ଏହା ଆପ ସହ ଆସନ ବୁଝାମଣା କରିଥିଲେ ବିଜେପିକୁ ପରାଜିତ କରାଯାଇପାରିଥାଆନ୍ତା। ମହାରାଷ୍ଟ୍ରରେ ଯଦିଓ ଇଣ୍ଡି ମେଣ୍ଟ ମିଳିତ ଭାବେ ଲଢ଼ୁଥିଲା, କିନ୍ତୁ ଉପଯୁକ୍ତ ରଣନୀତି ଅଭାବରୁ ଏହା ପରାଜିତ ହେଲା। କଂଗ୍ରେସ ବିଫଳ ହେବାର ଏକ ମୁଖ୍ୟ କାରଣ ହେଲା ଦଳରେ ମିଳିତ ନେତୃତ୍ୱର ଅଭାବ। ରାହୁଲଙ୍କ ବ୍ୟତିତ ଦଳରେ ଆଉ କେହି ସେଭଳି ପ୍ରଭାବୀ ନେତା ନାହାଁନ୍ତି। ସମସ୍ତେ ଗାନ୍ଧି ପରିବାରର ଜୟ ଜୟକାର କରିବାରେ ବ୍ୟସ୍ତ। ନିଜକୁ ଜଣେ ଟାଣୁଆ ନେତା ଭାବେ ପ୍ରତିଷ୍ଠା କରିବାର ସତସାହସ କାହାର ନାହିଁ। କିନ୍ତୁବିଜେପିରେ ପୀଢ଼ୀ ପରେ ପୀଢ଼ୀ ନୂଆ ନେତା ଆଗକୁ ଆସୁଛନ୍ତି। ବିଜେପିରେ ଏକ ନେତୃମଣ୍ଡଳୀ ରହିଛି, ଯାହା କଂଗ୍ରେସରେ ନାହିଁ। କଂଗ୍ରେସ ନେତୃତ୍ୱରେ ବିରୋଧୀ ମହାମେଣ୍ଟ ବାରମ୍ବାର ବିଫଳ ହେବା ପରେ ଏବେ ପୁନର୍ବାର ଏକ ନୂଆ ବିକଳ୍ପ ବା ତୃତୀୟ ମେଣ୍ଟ ଗଠନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାର ପରିକଳ୍ପନା କରିଛନ୍ତି ମମତା ବାନାର୍ଜୀ। ପୂର୍ବରୁ ମଧ୍ୟ ସେ ବାରମ୍ବାର ଏହି ପ୍ରୟାସ କରିଛନ୍ତି। ଏହାର ଫଳସ୍ୱରୂପ ଆଜି ଇଣ୍ଡିଆ ବ୍ଲକ ଗଠିତ ହୋଇଛି। ଏବେ ମମତା ଏକ ନୂଆ ବିକଳ୍ପ ମେଣ୍ଟ ଗଠନ ପ୍ରସ୍ତାବ ରଖିଛନ୍ତି। କଂଗ୍ରେସକୁ ବାଦ ଦେଇ ଅନ୍ୟ ପ୍ରମୁଖ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ଶକ୍ତିଶାଳି ରାଷ୍ଟ୍ରୀୟ ମେଣ୍ଟ ଗଠନ ପାଇଁ ସେ ଆଗ୍ରହୀ ଅଛନ୍ତି। ତାଙ୍କ ଚିନ୍ତାଧାରାକୁ ସମାଜବାଦୀ ପାର୍ଟୀ, ଆରଜେଡି, ଏନସିପି ଭଳି ଇଣ୍ଡିମେଣ୍ଟର ବଡ଼ ବଡ଼ ଅଂଶୀଦାର ଦଳମାନେ ସମର୍ଥନ କରିଛନ୍ତି। ଏପରିକି ଇଣ୍ଡିଆ ବ୍ଲକରେ ସାମିଲ ନଥିବା ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମଧ୍ୟ ମମତାଙ୍କ ବିଚାରଧାରାକୁ ସମର୍ଥନ କରୁଛି। ଅର୍ଥାତ ମମତା ଯଦି ଏଭଳି ଏକ ମେଣ୍ଟ ଗଠନ କରିବେ ତେବେ ଦେଶର ବିଭିନ୍ନ ରାଜ୍ୟର ଅନେକ ଆଞ୍ଚଳିକ ଦଳ ଏଥିରେ ସାମିଲ ହେବେ। ଏନଡିଏରେ ସାମିଲ ହୋଇଥିବା କିଛି ଦଳ ମଧ୍ୟ ଏହି ମେଣ୍ଟରେ ସାମିଲ ହୋଇପାରନ୍ତି। କାରଣ ସେମାନେ ବାଧ୍ୟବାଧକତାରେ ଏନଡିଏରେ ରହିଛନ୍ତି। ବିଜେପି ସହ ସେମାନଙ୍କର ସମ୍ପର୍କ ସେତେଟା ଭଲ ନାହିଁ। ଉଦାହରଣ ସ୍ୱରୂପ କର୍ଣ୍ଣାଟକରେ ଜେଡିଏସ, ବିହାରରେ ନୀତିଶଙ୍କ ଜେଡିୟୁ ମମତାଙ୍କ ପ୍ରସ୍ତାବିତ ମେଣ୍ଟରେ ସାମିଲ ହୋଇପାରନ୍ତି। ସେହିପରି ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଥିବା ବିଜେଡି, ବିଆରଏସ, ୱାଇଏସଆର କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତି। କଂଗ୍ରେସ ସାମିଲ ନହେଲେ ମଧ୍ୟ ଏମାନେ ଲୋକସଭରେ ୨୫୦ ଆସନ ପାଇବାକୁ ସକ୍ଷମ। ଏବେ କଂଗ୍ରେସ ଓ ବିଜେପିକୁ ବାଦ ଦେଲେ ବାକି ସବୁ ଦଳର ଲୋକସଭା ସଭ୍ୟଙ୍କ ସଂଖ୍ୟା ହେଉଛି ୨୦୪। ଏହା ସହଜରେ ୩୦୦ ପର୍ଯ୍ୟନ୍ତ ଯାଇପାରିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାହା ପ୍ରସ୍ତାବ ଦେଇଛନ୍ତି ସେଥିରେ କିଛି ନୂତନତ୍ୱ ନାହିଁ। କିନ୍ତୁ ଏବେ ଏକ ନୂଆ କଥା ଆଗକୁ ଆସିଛି। ତାହା ହେଲା ନିଜେ ମମତା ବାନାର୍ଜୀ ମେଣ୍ଟର ନେତୃତ୍ୱ ନେବାକୁ ଆଗେଇ ଆସିଛନ୍ତି। କିନ୍ତୁ ମମତା କଂଗ୍ରେସକୁ ବାଦ ଦେବା।କୁ ବା ଏହାକୁ ଅଣଦେଖା କରିବାକୁ କହି ନାହାଁନ୍ତି ସେ କେବଳ ନେତୃତ୍ୱ ପରିବର୍ତ୍ତନ କଥା କହିଛନ୍ତି। ଆଞ୍ଚଳିକ ଦଳମାନଙ୍କର ପ୍ରସ୍ତାବିତ ମେଣ୍ଟ କିଛି ରାଜ୍ୟରେ କଂଗ୍ରେସ ସହିତ ଆସନ ବୁଝାମଣା କରିପାରେ। ଯଦି ନୂଆ ମେଣ୍ଟ ନିର୍ବାଚନରେ ସଫଳତା ହାସଲ କରିବ ତେବେ କଂଗ୍ରେସ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବ। ମମତାଙ୍କ ଏଭଳି ଚିନ୍ତାଧାରା କାର୍ଯ୍ୟକାରୀ ହେବା ସହଜ ନୁହେଁ। ଏଥିପାଇଁ ଆହୁରି ବହୁ ପରିଶ୍ରମ କରିବାକୁ ପଡ଼ିବ। ଯଦି ଏବେଠାରୁଏଥିଲାଗି ପ୍ରସ୍ତୁତି ଆରମ୍ଭ ହୁଏ ତେବେ ୨୦୨୯ରେ ଏହା ବାସ୍ତବତାରେ ପରିଣତ ହୋଇପାରେ। କଂଗ୍ରେସ ଓ ବାମପନ୍ଥୀ ମେଣ୍ଟ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବେ। ମମତାଙ୍କ ଏହି ଲକ୍ଷ୍ୟ ହାସଲ ଲାଗି ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହାର ପ୍ରଥମ ପରୀକ୍ଷଣ ହେବ। ଯଦି ଏହା ସଫଳ ହେବ ତେବେ ଜାତୀୟ ରାଜନୀତିକୁ ଏହା ବ୍ୟାପକଭାବେ ପ୍ରଭାବିତ କରିବ। ୨୦୧୪ ପୂର୍ବରୁ ଦିଲ୍ଲୀରେ ସବୁ ବେଳେ ବିଜେପି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଆସୁଥିଲା। ୨୦୧୪ରେ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆପ ନାମରେ ଏକ ନୂତନ ରାଜନୈତିକ ଦଳର ଜନ୍ମ ନେବା ପରେ ଚିତ୍ର ପୁରା ବଦଳିଗଲା। କଂଗ୍ରେସକୁ କ୍ଷମତାଚ୍ୟୁତ କରି ଆପ ଦିଲ୍ଲୀରେ କ୍ଷମତା ଦଖଲ କଲା। ସେବେଠାରୁ ଏହା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅପରାଜେୟ ରହିଆସିଛି। ଯଦିଓ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଲୋକସଭା ନିର୍ବାଚନରେ ବିଜେପି ଦିଲ୍ଲୀର ସମସ୍ତ ୭ଟି ଯାକ ଆସନକୁ ଦଖଲ କରିଆସୁଥିଲେ ମଧ୍ୟ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟୀ ବିଜୟୀ ହୋଇଆସୁଛି। ଏଭଳି ବିଚତ୍ରତା ଭାରତର ଅନ୍ୟ ରାଜ୍ର ବା କେନ୍ଦ୍ର ଶାସିତ ଅଞ୍ଚଳରେ କ୍ୱଚିତ ଦେଖିବାକୁ ମିଳିଥାଏ। ଦିଲ୍ଲୀବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଙ୍କୁ ଏବଂ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଅରବିନ୍ଦ କେଜରିୱାଲଙ୍କୁ ଦେଖିବାକୁ ଚାହାଁନ୍ତି। ଗତ ଲୋକସଭା ନିର୍ବାଚନରେ ମଧ୍ୟ ବିଜେପି ଦିଲ୍ଲୀର ସମସ୍ତ ଲୋକସଭା ଆସନରେ ବିଜୟୀ ହୋଇଥିଲା। କିନ୍ତୁ ଏହା ସତ୍ତ୍ୱେ ବିଧାନସଭା ନିର୍ବାଚନରେ ସଫଳତା ନେଇ ଏହା ଶତ ପ୍ରତିଶତ ନିଶ୍ଚିତ ନୁହେଁ। କାରଣ ଦିଲ୍ଲୀବାସୀ ସବୁ ବେଳେ ବିଧାନସଭା ନିର୍ବାଚନରେ ଭିନ୍ନ ମତ ପ୍ରଦାନ କରି ଆସିଛନ୍ତି। ଯାହାକୁ ବିଜେପି ଦିଲ୍ଲୀର ଭାବି ମୁଖ୍ୟମନ୍ତ୍ରୀ ଭାବେ ଉପସ୍ଥାପନ କରିପାରିବ ବା ଯାହାଙ୍କ ନେତୃତ୍ୱ ସପକ୍ଷରେ ଜନାଦେଶ ଯିବ। ଦିଲ୍ଲୀବାସୀ ଏଥର କାହାକୁ ବାଛିବେ ତାହା ସେମାନଙ୍କ ବିଜ୍ଞତା ଉପରେ ନିର୍ଭରକରେ। ଭାରତରେ ସାଧାରଣ ଜନତା ବା ଭୋଟରମାନେ ସବୁ ବେଳେ ବ୍ୟକ୍ତିଗତ ଫାଇଦା ଏବଂ ତତ୍କାଳ ଲାଭକୁ ଗୁରୁତ୍ୱ ଦିଅନ୍ତି। ଦେଶ ବା ରାଜ୍ୟର ସ୍ୱାର୍ଥରକ୍ଷାକୁ ସେମାନେ ସେଭଳି ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ ବିଭିନ୍ନ ନିର୍ବାଚନରେ ରାଜନୈତିକ ଦଳମାନଙ୍କର ବିଭିନ୍ନ ପ୍ରଲୋଭନ ଉଦ୍ୟମ ସଫଳ ହୋଇଆସୁଛି। ଦିଲ୍ଲୀରେ ଏଥର ଆମ ଆଦମୀ ପାର୍ଟୀକୁ ହରାଇବା ନିମନ୍ତେ ବିଜେପି ସବୁ କିଛି ବାଜି ଲଗାଇ ଦେଇଛି। କେଜରିୱାଲ, ମନିଷ ସିସୋଦିଆଙ୍କ ଭଳି ଦଳର ଅନେକ ନେତାଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି। ସେମାନେ ଗିରଫ ହୋଇ ଜେଲରେ ବେଶ କିଛି ଦିନ କାଟିବା ପରେ ଜାମିନରେ ଆସିଛନ୍ତି। ଏହାକୁ ଦିଲ୍ଲୀବାସୀ ଏଥର ନିର୍ବାଚନରେ କେତେଦୂର ଗୁରୁତ୍ୱ ଦେଉଛନ୍ତି, କେଜରିୱାଲଙ୍କ ଉପରେ ପୁନଃବିଶ୍ୱାସ ସ୍ଥାପନ କରୁଛନ୍ତି କି ନାହିଁ ତାହା ଦେଖିବାର କଥା।

# ଭାରତୀୟ ମୌସୁମୀ ବାୟୁର ପରିବର୍ତ୍ତନ ଓ ତା'ର କୁପ୍ରଭାବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମୌସୁମୀ ବାୟୁ ଯାହାକି ବଂଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୂହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ। ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ। ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ। ମୌସୁମୀ ଯେତେବେଳେ ବର୍ଷିବାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧରେ ଆର୍ଦ୍ରତା ସୃଷ୍ଟି କରେ। ଯେହେତୁ ମୌସୁମୀ ଉତ୍ତପ୍ତ ଏବଂ ଶୁଷ୍କ ଋତୁପରେ ଆସେ। ବର୍ଷା ତାପମାତ୍ରାକୁ କମାଇ ଦିଏ। ଜୁନ ମଧଭାଗରୁ ଜୁଲାଇ ମଧଭାଗ ମଧରେ ସେଣ୍ଟିଗ୍ରେଡରୁ ସେଣ୍ଟିଗ୍ରେଡକୁ କମିଯିବାର ଦେଖାଯାଏ। ଏହି ସମୟରେ ଭାରତର ଅନେକ ଅଂଶରେ ବନ୍ୟା ସମସ୍ୟା ଦେଖାଯାଏ। ଭୀଷଣ ବୃଷ୍ଟିପାତ ଯୋଗୁଁ ଏପରି ହୁଏ ଆହୁରି ମଧ ଆମର ଜଳ ସମ୍ପଦକୁ ଠିକ୍ ଭାବରେ ପରିଚାଳନାର ଅଭାବ ଥିବାରୁ, ଆହୁରି ମଧ ଏହି ଋତୁରେ ଅନେକ ଅଞ୍ଚଳରେ ମରୁଡି ଅନୁଭୂତ ହୁଏ।

ପରିବ୍ୟାପ୍ତ, ଉଚ୍ଚ ଓ ଜଟିଳ ଭୂଗଠନ ଯୋଗୁଁ ହିମାଳୟର ବିଭିନ୍ନ ଅଂଶରେ ଭିନ୍ନ ଜଳବାୟୁ ଅନୁଭୂତ ହୋଇଥାଏ। ନିମ୍ନ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଓ ତିବ୍ବତ ପଟେ ଶୁଷ୍କ ଶୀତଳ ମରୁଭୂମି ଦେଖିବାକୁ ମିଳେ। ପଶ୍ଚିମାଂଶକୁ ଛାଡ଼ିଦେଲେ ହିମାଳୟ ପର୍ବତମାଳାର ଦକ୍ଷିଣ ପଟର ଭୂଭାଗ ମୌସୁମୀ ପ୍ରବାହର ବଳୟରେ ଆସେ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଯୋଗୁଁ ଏଠାରେ ଜୁନ୍ ମାସରୁ ନେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥାଏ। ହିମାଳୟରେ ବର୍ଷ ଯୋଗୁଁ ଗମନାଗମନ ଓ ପରିବହନ ବାଧାପ୍ରାପ୍ତ ହୋଇଥାଏ ଓ ସ୍ଥାନେ ସ୍ଥାନେ ଅତଡ଼ା ଧସିଯାଏ। ତେଣୁ ମୌସୁମୀ ସମୟରେ (ଅପ୍ରେଲ୍-ମଇରୁ ସେପ୍ଟେମ୍ବର-ଅକ୍ଟୋବର ପର୍ଯ୍ୟନ୍ତ) ପର୍ଯ୍ୟଟନ, ପର୍ବତାରୋହଣ, ଟ୍ରେକିଂ ଇତ୍ୟାଦି କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ। ନେପାଳ ଓ ସିକ୍କିମର ଲୋକେ ୫ଟି ଋତୁ ଥିବା ବିଶ୍ୱାସ କରନ୍ତି – ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ବସନ୍ତ। କୋପ୍ପେନ୍ ଜଳବାୟୁ ବର୍ଗୀକରଣ ଅନୁସାରେ ହିମାଳୟର ନିମ୍ନ ଓ ମଧ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଓ ଶୀତ ଦିନରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ। ଉଚ୍ଚ ଦେଶରେ ଉପକ୍ରାନ୍ତୀୟ ଉଚ୍ଚଭୂମି ଜଳବାୟୁ ଅନୁଭୂତ ହୋଇଥାଏ। ପଶ୍ଚିମ ପାର୍ଶ୍ୱର ସିନ୍ଧୁ ଓ କାଶ୍ମୀର ଉପତ୍ୟକାରେ ମୌସୁମୀ ପ୍ରବାହ ଯୋଗୁଁ ଅଧିକ ବୃଷ୍ଟିପାତ ହୋଇନଥାଏ ବରଂ ବସନ୍ତ ସମୟରେ ଅଧିକ ବର୍ଷା ହୋଇଥାଏ। ଉତ୍ତର ପଟର ତିବ୍ବତୀୟ ହିମାଳୟ ଶୁଷ୍କ ଶୀତଳ ମରୁ ଅଞ୍ଚଳ ଓ ଏହାର ପଶ୍ଚିମାଂଶରେ ବାୟୁ ପ୍ରବାହର ମାତ୍ରା ଅଧିକ। ଏଠାରେ ସବୁଜିମାର ଅଭାବ ଦେଖାଯାଏ ଓ ଶୀତ ଦିନେ ଅସହ୍ୟ ଥଣ୍ଡା ହୁଏ। ଶୀତ ଋତୁର ଶେଷ ଓ ବସନ୍ତ ଋତୁରେ ଏଠାରେ ତୁଷାରପାତ ରୂପେ ବର୍ଷା ହୁଏ।

ଭାରତୀୟ ଉପମହାଦେଶ ଓ ତିବ୍ବତୀୟ ମାଳଭୂମିର ଜଳବାୟୁ ଉପରେ ହିମାଳୟର ଗଭୀର ପ୍ରଭାବ ରହିଛି। ହିମାଳୟ ଯୋଗୁଁ ଦକ୍ଷିଣମୁଖୀ ଶୀତଲହରି ଭାରତୀୟ ଉପମହାଦେଶରେ ପ୍ରବେଶ କରିପାରେ ନାହିଁ, ତେଣୁ ଦକ୍ଷିଣ ଏସିଆର ଜଳବାୟୁକୁ ଉଷ୍ମ ରଖିବାରେ ସହାୟକ ହୁଏ। ପୁଣି ହିମାଳୟ ଯୋଗୁଁ ଉତ୍ତରମୁଖୀ ମୌସୁମୀ ପ୍ରବାହ ଭାରତ ବାହାରକୁ ଯାଇପାରେ ନାହିଁ। ହିମାଳୟ ଯୋଗୁଁ କେନ୍ଦ୍ରୀୟ ଏସିଆରେ ତାକ୍ଲାମାକାନ୍ ଓ ଗୋବି ମରୁଭୂମି ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ। ଏହା ଅନିୟମିତ ଅଟେ। ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା। ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ। କେରଳ, ପଶ୍ଚିମବଙ୍ଗ, ଓଡିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧବର୍ତ୍ତୀ ଅଞ୍ଚଳ ହରିୟାଣା, ମଧପ୍ରଦେଶ କମ୍ ବର୍ଷା ପାଇଥାଏ। ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ ଏହା ଅନେକ ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ କରାଏ। ଏହାକୁ ମୌସୁମୀର ପାଗଳାମୀ କୁହାଯାଏ। ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ମୌସୁମୀ ପ୍ରଥମେ ପହଞ୍ଚେ।

ତେବେ ଏହି ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ। ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧରେ ସହରୀକାରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି। ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋଡ଼ଓଫ୍ଲୋରୋ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢ଼ିଯାଇଅଛି। ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି। ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି। ଏହା ତାପକୁ ବଢ଼ାଇ ଦେବାରେ ସାହାଯ୍ୟ କରୁଛି। ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍‌ବାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢ଼ାଇଦିଏ। ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ। ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍‌ବପୂର୍ଣ୍ଣ ପ୍ରଭାବ ପକାଇବ। ଏହି ଅଧାୟରେ ଅଧୟନ ପରେ ଆମ୍ଭେମାନେ ପରିଷ୍କାର ଭାବରେ ଦେଖିବା ଯେ, ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି। ଆମ ଖାଦ୍ୟ, ଆମ ପର୍ବପର୍ବାଣୀ ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡିତ ଅଛି। ଯଦି ଋତୁଗୁଡିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ। ତେଣୁ ସଠିକ ମୌସୁମୀ ପ୍ରଭାବ କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବ। ପକାଇଥାଏ। ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ଉଚିତ୍, ଏହା ହୋଇପାରିଲେ ମୌସୁମୀ ନିୟମିତ ହେବା ସହିତ ଆମ ଜୀବନ ପ୍ରଣାଳୀ ସୁଖମୟ ହେବ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**



# ବ୍ରାଣ୍ଡେଡ୍ ବନାମ ଜେନେରିକ୍



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଲକ୍ଷ ଲକ୍ଷ ଲୋକ ଯେ କୌଣସି ରୋଗରୁ ଉପଶମ ପାଇଁ ଔଷଧ ଉପରେ ନିର୍ଭର କରନ୍ତି। କିନ୍ତୁ ଔଷଧ ବଜାରରେ ବ୍ରାଣ୍ଡେଡ୍ କିମ୍ବା ଜେନେରିକ୍ ଔଷଧ ବିଷୟରେ ଏକ ବଡ଼ ପ୍ରଶ୍ନ ସର୍ବଦା ଆଲୋଚନାରେ ରହିଥାଏ? ଏହି ଦୁଇଟି ମଧରେ ପାର୍ଥକ୍ୟ ବୁଝିବା ଗୁରୁତ୍ୱପୂର୍ଣ୍ଣ। ଏହା ଜାଣିବା ଆବଶ୍ୟକ ଯେ ଔଷଧ କମ୍ପାନୀଗୁଡ଼ିକ ନିରୀହ ଗ୍ରାହକମାନଙ୍କୁ କିପରି ଶୋଷଣ କରୁଛନ୍ତି। ଏହା ଏପରି ଏକ ବିଷୟ ଯାହା ଯନ୍ତ୍ରଣାର ବ୍ୟବସାୟକୁ ଜନ୍ମ ଦେଇଛି। ସର୍ବପ୍ରଥମେ ଆମକୁ ବୁଝିବାକୁ ପଡିବ ବ୍ରାଣ୍ଡେଡ୍ ଓ ଜେନେରିକ୍ ଔଷଧ କ'ଣ? ବ୍ରାଣ୍ଡେଡ୍ ଔଷଧଗୁଡ଼ିକ ଏକ କମ୍ପାନୀ ବ୍ରାଣ୍ଡ ନାମରେ ବିକ୍ରି କରାଯାଏ। ଏହି ଔଷଧଗୁଡ଼ିକ ସାଧାରଣତଃ ମହଙ୍ଗା ହୋଇଥାଏ କାରଣ ଏଥିରେ କମ୍ପାନୀର ବ୍ରାଣ୍ଡ ମୂଲ୍ୟ, ମାର୍କେଟିଂ ଖର୍ଚ୍ଚ, ଗବେଷଣା ଏବଂ ବିକାଶ ଖର୍ଚ୍ଚ ଅନ୍ତର୍ଭୁକ୍ତ ହୋଇଥାଏ। ଅନ୍ୟପକ୍ଷରେ ଜେନେରିକ୍ ଔଷଧ ହେଉଛି ଯେଉଁଥିରେ ବ୍ରାଣ୍ଡେଡ୍ ଔଷଧରେ ଥିବା ସମାନ ସକ୍ରିୟ ରାସାୟନିକ ତତ୍ତ୍ୱ ଥାଏ କିନ୍ତୁ ସେଗୁଡ଼ିକ କୌଣସି ବ୍ରାଣ୍ଡ ନାମରେ ବିକ୍ରି ହୁଏ ନାହିଁ। ଜେନେରିକ୍ ଔଷଧଗୁଡ଼ିକ ସାଧାରଣତଃ ଶସ୍ତା ହୋଇଥାଏ କାରଣ ସେମାନଙ୍କର ମାର୍କେଟିଂ ଖର୍ଚ୍ଚ ନାହିଁ। ଉଦାହରଣ ସ୍ୱରୂପ କ୍ରୋସିନର ଜେନେରିକ୍ ବିକଳ୍ପ ହେଉଛି ପାରାସିଟାମଲ୍ ଯାହା ସମାନ ଭାବରେ କାମ କରେ କିନ୍ତୁ ବହୁତ କମ୍ ମୂଲ୍ୟ। ଭାରତ ଭଳି ଦେଶ ଯେଉଁଠାରେ ଅଧିକାଂଶ ଜନସଂଖ୍ୟା ମଧବିତ୍ତ ଏବଂ ନିମ୍ନ ବର୍ଗର ସେମାନେ ଆୟ ଦୃଷ୍ଟିରୁ ଜେନେରିକ୍ ଔଷଧର ବ୍ୟବହାର କରନ୍ତି। ଭାରତ ସରକାର ଜେନେରିକ୍ ଔଷଧକୁ ପ୍ରୋତ୍ସାହିତ କରିବା ପାଇଁ 'ଜନ ଔଷଧ ଯୋଜନା' ଆରମ୍ଭ କରିଛନ୍ତି। ଏହା ଅଧୀନରେ ସାରା ଦେଶରେ ଜନ ଔଷଧି କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ଜେନେରିକ୍ ଔଷଧ ବ୍ରାଣ୍ଡେଡ୍ ଔଷଧ ତୁଳନାରେ ୫୦-୯୦% ଶସ୍ତାରେ ଉପଲବ୍ଧ। ଉଦାହରଣ ସ୍ୱରୂପ ଉଚ୍ଚ ରକ୍ତଚାପ ପାଇଁ ବ୍ୟବହୃତ ଟେଲମିସାର୍ଟନର ୧୦ ଟି ଟାବଲେଟ୍ ୨୦୦ - ୩୦୦ଟଙ୍କା ହୋଇପାରେ। ସେହି ସମୟରେ ଟେଲମିସାର୍ଟନର ଜେନେରିକ୍ ଔଷଧ ୨୦-୫୦ ଟଙ୍କା। ଗରିବ ଏବଂ ମଧବିତ୍ତ ଶ୍ରେଣୀର ରୋଗୀଙ୍କ ପାଇଁ ଏହି ପାର୍ଥକ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ।

ବିଶେଷଜ୍ଞଙ୍କ ମତରେ ଔଷଧ କମ୍ପାନୀଗୁଡ଼ିକ ଶୋଷଣ କରିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କର ମାର୍କେଟିଂ ରଣନୀତି ଏବଂ ବ୍ରାଣ୍ଡିଂ। ଏହି କମ୍ପାନୀଗୁଡ଼ିକ ବ୍ରାଣ୍ଡେଡ୍ ଔଷଧକୁ ପ୍ରୋତ୍ସାହିତ କରିବା ପାଇଁ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରନ୍ତି। ରୋଗୀମାନଙ୍କୁ ବ୍ରାଣ୍ଡେଡ୍ ଔଷଧ ପାଇଁ ଡାକ୍ତରମାନଙ୍କୁ ମାଗଣା ନମୁନା, ବିଦେଶ ଯାତ୍ରା ଏବଂ ଅନ୍ୟାନ୍ୟ ପ୍ରଲୋଭନ ପ୍ରଦାନ କରାଯାଏ। ଫଳସ୍ୱରୂପ ଯେଉଁମାନେ ଔଷଧର ବୈଷୟିକ ବିବରଣୀ ବିଷୟରେ ଅଜ୍ଞ ଥାଆନ୍ତି ସେମାନେ ମହଙ୍ଗା ଔଷଧ କିଣିବାକୁ ବାଧ ହୁଅନ୍ତି। ଅନେକ ଫାର୍ମା କମ୍ପାନୀ ମଧ ସମାନ ଔଷଧକୁ ଭିନ୍ନ ଭିନ୍ନ ବ୍ରାଣ୍ଡ ନାମରେ ବିକ୍ରି କରନ୍ତି। ଯାହା ବଜାରରେ ଦ୍ୱନ୍ଦ୍ୱ ସୃଷ୍ଟି କରେ। ଉଦାହରଣ ସ୍ୱରୂପ ପାରାସିଟାମଲକୁ ବିଭିନ୍ନ କମ୍ପାନୀ କ୍ରୋସିନ, କାଲପୋଲ, ଡୋଲୋ ଇତ୍ୟାଦି ନାମରେ ବିକ୍ରି କରନ୍ତି। ବାସ୍ତବରେ ଏସବୁର କାମ ପ୍ରାୟ ସମାନ। ରୋଗୀମାନେ ଭାବନ୍ତି ଯେ ବ୍ରାଣ୍ଡେଡ୍ ଔଷଧ ଅଧିକ ପ୍ରଭାବଶାଳୀ। ବାସ୍ତବରେ ଜେନେରିକ୍ ଔଷଧ ଏବଂ ବ୍ରାଣ୍ଡେଡ୍ ସମାନ କାମ କରେ। ଭାରତରେ ଜେନେରିକ୍ ଔଷଧ ସମ୍ପର୍କରେ ଅନେକ ମିଥ୍ୟା ପ୍ରଚଳିତ ଅଛି। ଯାହା ଫାର୍ମା କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସାରିତ। ସାଧାରଣ ବିଶ୍ୱାସ ହେଉଛି ଯେ ଜେନେରିକ୍ ଔଷଧଗୁଡ଼ିକ ନିମ୍ନମାନର। ଭାରତରେ ଜେନେରିକ୍ ଔଷଧର ଉତ୍ପାଦନ ଡ୍ରଗ୍ସ ଏବଂ କସମେଟିକ୍ସ ଆଇନ ୧୯୪୦ ଅନୁଯାୟୀ କଠୋର ନିୟମ ଅଧୀନରେ। ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ନିଶ୍ଚିତ କରନ୍ତି ଯେ ଜେନେରିକ୍ ଔଷଧଗୁଡ଼ିକ ଗୁଣବତ୍ତା ଏବଂ ପ୍ରଭାବଶାଳୀତାରେ ବ୍ରାଣ୍ଡେଡ୍ ଔଷଧ ସହିତ ସମକକ୍ଷ। ତଥାପି ଜେନେରିକ୍ ଔଷଧ ପ୍ରସ୍ତୁତ କରୁଥିବା କିଛି ଛୋଟ ଔଷଧ କମ୍ପାନୀଗୁଡ଼ିକର ଗୁଣବତ୍ତା ନିୟନ୍ତ୍ରଣର ଅଭାବ ଥାଇପାରେ। ଏହି ସମସ୍ୟା କେବଳ ଜେନେରିକ୍ ଔଷଧ ପର୍ଯ୍ୟନ୍ତ ସୀମିତ ନୁହେଁ। କିଛି ବ୍ରାଣ୍ଡେଡ୍ ଔଷଧରେ ମଧ ଗୁଣବତ୍ତାର ଅଭାବ ଥିବା ଜଣାପଡ଼ିଛି। ତେଣୁ ରୋଗୀମାନେ କେବଳ ବିଶ୍ୱସ୍ତ ଜନ ଔଷଧି କେନ୍ଦ୍ର କିମ୍ବା ଲାଇସେନ୍ସପ୍ରାପ୍ତ ଫାର୍ମାସିରୁ ଔଷଧ କିଣିବା ଉଚିତ। ଭାରତ ସରକାର ଜେନେରିକ୍ ଔଷଧକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ବହୁତ କିଛି କରିବାକୁ ବାକି ଅଛି। ଜନ ଔଷଧି କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା, ସଚେତନତା ଅଭିଯାନ ଚଳାଇବା ଏବଂ ଜେନେରିକ୍ ଔଷଧ ଲେଖିବା ପାଇଁ ଡାକ୍ତରମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ରୋଗୀମାନେ ଡାକ୍ତରଙ୍କୁ ପଚାରିବା ଉଚିତ ଯେ ଜେନେରିକ୍ ଔଷଧ ବ୍ରାଣ୍ଡେଡ୍ ଔଷଧର ବିକଳ୍ପ ହୋଇପାରେ କି ନାହିଁ। ଫାର୍ମା କମ୍ପାନୀଗୁଡ଼ିକ ମଧ ସେମାନଙ୍କର ଦାୟିତ୍ୱ ବୁଝିବା ଉଚିତ। ଲାଭ ଅର୍ଜନ କରିବା ଭୁଲ ନୁହେଁ କିନ୍ତୁ ରୋଗୀଙ୍କ ଜୀବନ ସହିତ ଖେଳିବା ଅନୈତିକ। ସରକାର ଏପରି ନୀତି କାର୍ଯ୍ୟକାରୀ କରିବା ଉଚିତ ଯାହା ଫାର୍ମା କମ୍ପାନୀଗୁଡ଼ିକୁ ଜେନେରିକ୍ ଔଷଧ ଉତ୍ପାଦନ ଏବଂ ବଣ୍ଟନ କରିବାକୁ ଉତ୍ସାହିତ କରେ। ଔଷଧର ମୂଲ୍ୟ ଉପରେ କଡ଼ା ନିୟନ୍ତ୍ରଣ ରହିବା ଉଚିତ ଯାହା ଦ୍ୱାରା ରୋଗୀମାନେ ସୁଲଭ ମୂଲ୍ୟରେ ଔଷଧ ପାଇପାରିବେ। ଭାରତ ଭଳି ଦେଶରେ ଯେଉଁଠାରେ ସ୍ୱାସ୍ଥ୍ୟ ସେବା ଅନେକ ଲୋକଙ୍କ ପାଇଁ ଉପଲବ୍ଧ ନୁହେଁ ଜେନେରିକ୍ ଔଷଧ ଏକ ବରଦାନ। କିନ୍ତୁ ଫାର୍ମା କମ୍ପାନୀଗୁଡ଼ିକର ଲୋଭ ଏବଂ ଭ୍ରାମକ ବଜାରକରଣ ଯୋଗୁଁ ରୋଗୀମାନେ ଅଯଥା ମହଙ୍ଗା ଔଷଧ କିଣିବାକୁ ବାଧ ହେଉଛନ୍ତି। ସଚେତନତା ଏବଂ ସଠିକ୍ ନୀତି ମାଧମରେ ହିଁ ଏହି ଶୋଷଣ ବନ୍ଦ ହେବ ଏବଂ ପ୍ରତ୍ୟେକ ଭାରତୀୟଙ୍କୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମିଳିବ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

# ଋଷିଆରୁ କେତେ ଖଣିଜ ତେଲ କିଣେ ଭାରତ ?



**ସୁବାସ ଷଡ଼ଙ୍ଗୀ**

ଆମେ ଋଷିଆରୁ ଖଣିଜ ତେଲ ଆମଦାନୀ କରୁଛୁ, ଏହାକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମ ଉପରେ କ୍ଷୁବ୍ଧ। ସ୍ପଷ୍ଟ ଭାବରେ ଧମକ ଦେଇ କହିଛନ୍ତି, ଋଷିଆରୁ ତେଲ ଏବଂ ଅସ୍ତ୍ର ଆମଦାନୀ କରୁଥିବାରୁ ଭାରତକୁ 'ଜରିମାନା' ଦେବାକୁ ହେବ। ଖାଲି ସେତିକି ନୁହେଁ, ଶୁଳ୍କ ମଧ ପଚିଶ ଭାଗ ଲାଗୁ କରାଯାଇଛି ବୋଲି ଘୋଷଣା କରିଛନ୍ତି। ଭାରତୀୟ ଏବଂ ଋଶ ଅର୍ଥନୀତିକୁ ସେ 'ମୃତ' ବୋଲି କଟାକ୍ଷ କରିଛନ୍ତି। ତେବେ କଥା ହେଉଛି, ଭାରତ ଆମେରିକାରୁ ମଧ ଖଣିଜ ତେଲ ଆମଦାନୀ କରିଥାଏ। ଋଶିଆ ସହିତ ବାଣିଜ୍ୟ ନେଇ ଟ୍ରମ୍ପଙ୍କର କ୍ଷୋଭ। କଣ ପାଇଁ ଏତେ ରାଗ? ମୂଳତଃ ଭାରତ ସହିତ ଗତ ଆର୍ଥିକ ବର୍ଷରେ ଋଶିଆର ବାଣିଜ୍ୟ କାରବାର ବୃଦ୍ଧି ପାଇ ହୋଇଥିଲା ୬.୮ ହଜାର କୋଟି ଡଲାର। ଭାରତୀୟ ମୁଦ୍ରାରେ ଏହାକୁ ହିସାବ କଲେ, ତେବେ ପରିମାଣ ହେବ ଛଅ ଲକ୍ଷ କୋଟି ଟଙ୍କା। ତାରି ଭିତରେ ଭାରତରୁ ଋଷିଆକୁ ରପ୍ତାନୀ କରାଯାଇଛି ପ୍ରାୟ ୪୯୦ କୋଟି ଡଲାର, ଯାହାକୁ ଭାରତୀୟ ମୁଦ୍ରାରେ ପରିଣତ କଲେ ହେବ ପ୍ରାୟ ବୟାଳିଶ ହଜାର କୋଟି ଟଙ୍କାର ପଣ୍ୟ। ଭାରତ ଆମଦାନୀ କରିଛି, ୬.୩ ହଜାର କୋଟି ଡଲାର, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୫.୫ ଲକ୍ଷ କୋଟି ଟଙ୍କାର ପଣ୍ୟ।

ଭାରତ ଦୀର୍ଘ ଦିନ ଧରି ଋଷିଆ ସହିତ ଖଣିଜ ତେଲ କାରବାର କରିଆସୁଛି। ଆଗରୁ ଋଶିଆରୁ କମ ତେଲ ଆମଦାନୀ କରାଯାଉଥିଲା। ଏବେ ଆମଦାନୀର ପରିମାଣ ବଢ଼ିଛି। ତେଲ ଆମଦାନୀକାରୀ ଦେଶ ହିସାବରେ ସମଗ୍ର ବିଶ୍ୱରେ ଭାରତର ସ୍ଥାନ ହେଉଛି ତୃତୀୟ। ଆମ ମୋଟ ଆମଦାନୀର ଶତକଡ ୩୫ ଭାଗ ଖଣିଜ ତେଲ ଆସିଥାଏ ଋଶିଆରୁ। ଏମିତି ଦେଖିବାକୁ ଗଲେ, ଋଶିଆ ଠାରୁ ଆମେ ସବୁଠୁ ଅଧିକ ତେଲ ଆମଦାନୀ କରୁ। ଆଗରୁ ଖଣିଜ ତେଲ ଆମଦାନୀ ପାଇଁ ଆମକୁ ସାଉଦି ଆରବ, ସଂଯୁକ୍ତ ଆରବ ଅମିରଶାହି ଭଳି ପଶ୍ଚିମ ଏସିଆ ଦେଶଗୁଡିକ ଉପରେ ନିର୍ଭର କରିବାକୁ ପଡୁଥିଲା। କିଛି ବର୍ଷ ତଳେ ଋଶିଆ ୟୁକ୍ରେନ ଉପରେ ଆକ୍ରମଣ କଲା। ପୂର୍ବ ୟୁରୋପରେ ଆରମ୍ଭ ହୋଇଯାଏ ଯୁଦ୍ଧ। ସେଇ ସମୟରେ ଋଶିଆ ଉପରେ ଆମେରିକା ସହ ପାଶ୍ଚାତ୍ୟ ବିଶ୍ୱର କିଛି ଦେଶ ନିଷେଧାଦେଶ ଜାରି କରନ୍ତି। କିନ୍ତୁ ଭାରତ ସେଥିରେ ସାମିଲ ହୁଏ ନାହିଁ। ସେଇ ପରି ଋଶିଆ ମଧ ନିଜ ଖଣିଜ ତେଲ ବିକ୍ରି ବୃଦ୍ଧି କରେ। ଭାରତକୁ ଅପେକ୍ଷାକୃତ କମ ଦାମରେ ତେଲ ଯୋଗାଇଦିଏ। ଯାହାଫଳରେ ଭାରତ ଋଶିଆରୁ ଅଧିକ ଖଣିଜ ତେଲ ଆମଦାନୀ କରୁଛି। ଏବେ ତାହା ୩୫ ଶତାଂଶରେ ପହଂଚିଛି। ଏହାଦ୍ୱାରା ଭାରତର ମଧ ଲାଭ ହେଉଛି। ଅନେକ ଟଙ୍କା ବଂଚୁଛି। ମାତ୍ର ପାଶ୍ଚାତ୍ୟ ବିଶ୍ୱ ଏଇ ଘଟଣାକୁ ନେଇ ଆମ ଉପରେ କ୍ଷୁବ୍ଧ।

କେବଳ ତେଲ ନୁହେଁ, ଆମେ ଋଶିଆଠାରୁ ପ୍ରଚୁର ପରିମାଣରେ ଅସ୍ତ୍ର କିଣିଥାଉ। ଏହାହିଁ ହେଉଛି ଟ୍ରମ୍ପଙ୍କ ରାଗର ମୂ କାରଣ। ଭାରତ ନିଜ ଚାହିଦାର ସବୁଠୁ ଅଧିକ ପରିମାଣର ଅସ୍ତ୍ର ଋଶିଆଠାରୁ କିଣିଥାଏ। ଗତ କିଛି ବର୍ଷ ହେଲା ଅସ୍ତ୍ର ଆମଦାନୀ ଭାରତ ବଢ଼ାଇଛି। ଭାରତ ଯୁଦ୍ଧବିମାନ, ଟ୍ୟାଙ୍କ, ଶକ୍ତିଶାଳୀ କ୍ଷେପଣାସ୍ତ୍ର ଋଶିଆଠାରୁ କିଣୁଛି। ଏମିତି ଦେଖିବାକୁ ଗଲେ ଅସ୍ତ୍ର ଆମଦାନୀରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ଦେଶ। ତେଣୁ ସମସ୍ତଙ୍କ ନଜର ଆମ ଉପରେ। ଏବେ କିନ୍ତୁ ଭାରତ ଅସ୍ତ୍ର ଆମଦାନୀ କମ କରିବାକୁ ଠିକ କରିଛି। ବରଂ ଆମେରିକା , ୟୁରୋପ ଭଳିଦେଶରୁ ଅଧିକ ଅସ୍ତ୍ର ଆମଦାନୀ କରୁଛି। ଗତ ପାଂଚ ବର୍ଷ ଭିତରେ ଋଶିଆରୁ କୌଣସି ଅସ୍ତ୍ର କିଣିବ ବୋଲି ନୂତନ ରାଜିନାମା ଭାରତ ପକ୍ଷରୁ କରାଯାଇ ନାହିଁ।

ଭାରତ ସହିତ ଋଶିଆର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ସୁନଜରରେ ଦେଖୁ ନାହାନ୍ତି। ସେଇପରି ଦକ୍ଷିଣପୂର୍ବ ଏସିଆରେ ଆମେରିକାର ଅନ୍ୟତମ ପ୍ରତିଦ୍ୱନ୍ଦି ହେଲା ଚୀନ। ଭାରତ ସହିତ ଅଧିକ ବନ୍ଧୁତ୍ୱ ରଖି ଚୀନ ଭାରତର ନିକଟତର ହେବାରେ ଲାଗିଛି। ଯାହାକୁ ଆମେରିକା ସୁନଜରରେ ଦେଖୁନାହିଁ। ଚୀନ ଓ ଋଶିଆ ସହିତ ଭାରତ ଅଧିକ ନିକଟତର ହେବା କାରଣରୁ ଆମ ଉପରେ ଆମେରିକାର ରାଗ। ଗତ ବର୍ଷ ଅକ୍ଟୋବର ମାସରେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଋଷ ଗସ୍ତରେ ଯାଇଥିଲେ। ଚଳିତ ବର୍ଷ ଋଷ ରାଷ୍ଟ୍ରପତି ଭାରତ ଆସିବା କଥା। ଏପରି ପରିସ୍ଥିତିରେ ଦକ୍ଷିଣ ପୂର୍ବ ଏସିଆରେ ନିଜର ବିକଳ୍ପ ହିସାବରେ ପାକିସ୍ଥାନକୁ ସାହାଯ୍ୟ କରି ଆପଣାର କରିନେବାକୁ ଚାହେଁ ଆମେରିକା। ନିକଟରେ ପାକିସ୍ଥାନ ସହିତ ଏକ ବଡ ଧରଣର ଏକ ଚକ୍ତି କରିଛି ଆମେରିକା। କଟାକ୍ଷ କରି ଆମେରିକାର ରାଷ୍ଟ୍ରପତି କହିଛନ୍ତି, କିଛିବର୍ଷ ପରେ ପାକିସ୍ଥାନରୁ ଭାରତ ଖଣିଜ ତେଲ କିଣିବ। ଏହା ଅସମ୍ଭବ ହୋଇଥିଲେ ମଧ ଟ୍ରମ୍ପଙ୍କ କଟାକ୍ଷ ଭାରତକୁ ଚିନ୍ତାରେ ପକାଇଛି। ପାକିସ୍ଥାନରେ କୌଣସି ତେଲଖଣି ନାହିଁ। ସେ ପୁରାପୁରି ଖଣିଜ ତେଲ ବାହାର ଦେଶରୁ ଆମଦାନୀ କରିଥାଏ। ବରଂ ଆମ ଦେଶରେ ଅନେକ ତେଲ ଖଣିରୁ ଉତ୍ପାଦନ ହେଉଛଇ। ଏଇ ସବୁ ରାଗରେ ଟ୍ୟମ୍ପ ଭାରତ ଉପରେ ପଚିଶ ଭାଗ ଶୁଳ୍କ ଲଗାଇବା କଥା ଘୋଷଣା କରିଛନ୍ତି। ଜରିମାନା କେତେ ହେବ ତାହା ଘୋଷଣା କରିନଥିଲେ ମଧ ବସିବ ବୋଲି ଧମକ ଦେଇ ଆଲୋଚନାକୁ ଆସିବା ପାଇଁ ଭାରତକୁ ବାଧ କରୁଛନ୍ତି।

ଭାରତ ପକ୍ଷରୁ କୁହାଯାଇଛି, ଜାତୀୟ ସ୍ୱାର୍ଥକୁ ଆଖି ଆଗରେ ରଖି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଏମିତି ଦେଖିବାକୁ ଗଲେ ଦକ୍ଷିଣ ଏସିଆ ଦେଶ ଗୁଡିକ ମଧରେ ପାକିସ୍ଥାନ ଉପରେ ସବୁଠାରୁ କମ ଶୁଳ୍କ ଜାରି କରିଛି ଆମେରିକା। ଭାରତ ପାଇଁ ଶୁଳ୍କ କୋହଳ କରାଯିବା ନେଇ ସୂଚନା ମଧ ଦେଇଛନ୍ତି। ଏମିତି ଅବସ୍ଥାରେ ପ୍ରଧାନମନ୍ତ୍ରୀ ମୋଦି ମଧ ଟ୍ରମ୍ପ ବିରୋଧରେ କିଛି କହି ନାହାନ୍ତି। ଏଣୁ ଭାରତ କେଉଁ ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।



## ପାକିସ୍ତାନ ସୀମାରୁ ନିଖୋଜ ହେଲେ ବିଏସ୍‌ଏଫ୍ ଯବାନ, ସର୍ଚ୍ଚ ଅପରେଶନ ଆରମ୍ଭ



**ନୂଆଦିଲ୍ଲୀ,୧।୮:** ଜମ୍ମୁ ଓ କଶ୍ମୀରର ଶ୍ରୀନଗରରେ କାର୍ଯ୍ୟରତ ଜଣେ ବିଏସ୍‌ଏଫ୍ ଯବାନ ଗୁରୁବାର, ଜୁଲାଇ ୩୧ ରାତିରେ ପନ୍ଥାଚୌକସ୍ଥିତ ୬୦ ନମ୍ବର ବାଟାଲିୟନ ମୁଖ୍ୟାଳୟରୁ ନିଖୋଜ ହୋଇଛନ୍ତି। ନିଖୋଜ ଯବାନ ସୁଗମ ଚୌଧୁରୀଙ୍କୁ ଖୋଜିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି, କିନ୍ତୁ ଆଖପାଖ ଅଞ୍ଚଳରେ ବିସ୍ତୃତ ଖୋଜାଖୋଜି ସତ୍ତ୍ୱେ ତାଙ୍କର କୌଣସି ସୂଚନା ମିଳିନାହିଁ। ଏକ ନିଖୋଜ ଅଭିଯୋଗ ଦାୟର କରାଯାଇଛି ଏବଂ ତଦନ୍ତ ଜାରି ରହିଛି। ଏହି ଘଟଣା ଜମ୍ମୁ ଓ କଶ୍ମୀରରେ ସୁରକ୍ଷା ବାହିନୀଙ୍କ ତୀବ୍ର ଆତଙ୍କବାଦ ବିରୋଧୀ ଅଭିଯାନ ମଧ୍ୟରେ ଘଟିଛି। ଗତ ଏପ୍ରିଲ ୨୨ରେ ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ଗତ ୧୦୦ ଦିନରେ ସୁରକ୍ଷା ବାହିନୀ ୧୨ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୬ ଜଣ ପାକିସ୍ତାନୀ ଏବଂ ବାକି ୬ ଜଣ ସ୍ଥାନୀୟ ଆତଙ୍କବାଦୀ ଥିଲେ। ପହଲଗାମ ଆକ୍ରମଣର ମୁଖ୍ୟ ମାଷ୍ଟରମାଇଣ୍ଡଙ୍କ ସମେତ ଦୁଇ ଆତଙ୍କବାଦୀଙ୍କୁ ଜୁଲାଇ ୨୮ରେ ଶ୍ରୀନଗରର ଡାଚିଗାମ ଅଞ୍ଚଳରେ 'ଅପରେସନ ମହାଦେବ'ରେ ନିପାତ କରାଯାଇଥିଲା। ପରେ ଜୁଲାଇ ୨୯ରେ 'ଅପରେସନ ଶିବଶକ୍ତି' ଅଧୀନରେ ପୁଞ୍ଚ ସେକ୍ଟରରେ ଆଉ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଏହା ସହ ଅନେକ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଗିରଫ କରାଯାଇଛି। ସୁରକ୍ଷା ସୂତ୍ର ଅନୁଯାୟୀ, ଜମ୍ମୁ ଓ କଶ୍ମୀରରେ ସୁରକ୍ଷା ବାହିନୀ ନିୟମିତ ଅଭିଯାନ ଜାରି ରଖିଛନ୍ତି, ଯାହା ଏହି ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ପାଇଁ ଅନୁସନ୍ଧାନକୁ ଆହୁରି ତୀବ୍ର କରିଛି।

# ଆମେରିକା ବିରୋଧରେ ଭାରତର କଡ଼ା ଆଭିମୁଖ୍ୟ



**ୱାଶିଂଟନ୍,୧।୮:** ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ୨୫ ପ୍ରତିଶତ ଟାରିଫ୍ ଘୋଷଣା ପରେ, ଭାରତ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସଂସଦରୁ ଆମେରିକାକୁ ଏକ କଠୋର ବାର୍ତ୍ତା ଦିଆଯାଇଛି। ବର୍ତ୍ତମାନ ଭାରତ ଯୁଦ୍ଧ ବିମାନ ଏଫ୍-୩୫ସମ୍ପର୍କରେ ଆମେରିକାକୁ କଡ଼ା ଶିକ୍ଷା ଦେବାକୁ ପ୍ରସ୍ତୁତ ହେଉଛି। ଭାରତ ସରକାର ଏଫ୍-୩୫ କିଣିବା ବିଷୟରେ କୌଣସି ସରକାରୀ ଆଲୋଚନା ମଧ୍ୟ ଆରମ୍ଭ କରିନାହାଁନ୍ତି।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତକୁ ଏଫ୍-୩୫ ବିକ୍ରୟ କରିବାକୁ ଚାପ ପକାଉଛନ୍ତି। କିନ୍ତୁ ଭାରତ ଏହାର ତ୍ରୁଟି ଯୋଗୁ ଏଫ୍-୩୫ କିଣିବାକୁ ଆଗ୍ରହୀ ନୁହେଁ। ଏଫ୍-୩୫ ଅପେକ୍ଷା ଅନେକ ଭଲ ବିକଳ୍ପ ଅଛି। ଟ୍ରମ୍ପଙ୍କ ଟାରିଫ୍ ପଛରେ ଏକ ଉଦ୍ଦେଶ୍ୟ ହେଉଛି ଭାରତ ଉପରେ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଚାପ ପକାଇବା। ଟ୍ରମ୍ପ ପରୋକ୍ଷ ଧମକ ମଧ୍ୟ ଦେଇଥିଲେ। ସେ କହିଥିଲେ, ଭାରତ ଏଫ୍-୩୫ଏବଂ ଅନ୍ୟାନ୍ୟ ଆମେରିକୀୟ ଅସ୍ତ୍ରଶସ୍ତ୍ର କିଣିବା ଉଚିତ ନଚେତ୍ ଆମେରିକା ପାକିସ୍ତାନକୁ ସମର୍ଥନ କରିବ।କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ସଂସଦରୁ ଆମେରିକାକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ସେ ଲୋକସଭାରେ କହିଛନ୍ତି, ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଏବଂ ଆଗକୁ ବଢ଼ାଇବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ମୋଦି ସରକାର ଚାଷୀ, ଶ୍ରମିକ, ଉଦ୍ୟୋଗୀ, ରପ୍ତାନିକାରୀ, ଏମଏସଏମଇ ଏବଂ ଶିଳ୍ପର ସମସ୍ତ ଅଂଶୀଦାରଙ୍କ ସୁରକ୍ଷା ଏବଂ ପ୍ରୋତ୍ସାହନକୁ ସର୍ବାଧିକ ଗୁରୁତ୍ୱ ଦିଏ। କଂଗ୍ରେସ ଏମ୍‌ପି ଶଶି ଥରୁର ୨୫ ପ୍ରତିଶତ ଟାରିଫ ଏବଂ ଜରିମାନା ଉପରେ କହିଛନ୍ତି, ଟ୍ରେଡ୍ ଡିଲ୍ ଉପରେ ଚାଲିଥିବା ଆଲୋଚନା ମଧ୍ୟରେ ଏହା କେବଳ ଏକ ବାର୍ଗେନିଂ ରଣନୀତି ହୋଇପାରେ। ଥରୁର କହିଛନ୍ତି, ଯଦି ଏକ ଭଲ ଚୁକ୍ତି ସମ୍ଭବ ନ ହୁଏ, ତେବେ ଆମକୁ ପଛକୁ ହଟିବାକୁ ପଡ଼ିପାରେ। ଥରୁର ଆମେରିକାକୁ କଟାକ୍ଷ କରି କହିଛନ୍ତି, ଏହା ପାକିସ୍ତାନ ସହିତ ତୈଳ ଭଣ୍ଡାର ବିକାଶ ପାଇଁ କାମ କରିବ ଏବଂ ପାକିସ୍ତାନରେ ତେଲ ଖୋଜିବା ପାଇଁ ସେମାନଙ୍କୁ ଶୁଭକାମନା ଜଣାଉଛି।

ପୂର୍ବରୁ, ଆମେରିକା ରାଷ୍ଟ୍ରପତି କହିଥିଲେ, ସବୁକିଛି ଠିକ ନାହିଁ। ସେଥିପାଇଁ ଭାରତକୁ ରୁଷିଆରୁ କିଣିବା ପାଇଁ ୨୫ ପ୍ରତିଶତ ଟାରିଫ୍ ଏବଂ ଜରିମାନା ଦେବାକୁ ପଡିବ। ସେ କହିଥିଲେ, ଭାରତ ଆମର ବନ୍ଧୁ, କିନ୍ତୁ ଆମେ ଗତ କିଛି ବର୍ଷ ମଧ୍ୟରେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ ବାଣିଜ୍ୟ କରିଛୁ, କାରଣ ସେମାନଙ୍କର ଟାରିଫ୍ ବହୁତ ଅଧିକ, ଯାହା ବିଶ୍ୱରେ ସର୍ବାଧିକ।

## ରୁଷ ସୈନିକଙ୍କ ମଧ୍ୟରେ ଏଚ୍‌ଆଇଭି ସଂକ୍ରମଣ ବଢୁଛି



**ମସ୍କୋ,୧।୮:** ବିଶ୍ୱରେ ସର୍ବାଧିକ ଏଚ୍‌ଆଇଭି ସଂକ୍ରମଣ ହାର ଥିବା ଦେଶମାନଙ୍କ ମଧ୍ୟରେ ରୁଷ ପୂର୍ବରୁ ରହିଛି। ଏବେ ୟୁକ୍ରେନ ଯୁଦ୍ଧ ଏହି ପରିସ୍ଥିତିକୁ ଆହୁରି ଭୟଙ୍କର କରିଦେଇଛି। ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଷ ସୈନିକଙ୍କ ମଧ୍ୟରେ ଏଚ୍‌ଆଇଭି ସଂକ୍ରମଣ ହାର ୨୦ ରୁ ୪୦ ଗୁଣ ବୃଦ୍ଧି ପାଇଛି । ଏହି ବୃଦ୍ଧିର ଅନେକ ସମ୍ଭାବ୍ୟ କାରଣ ଅଛି । ପ୍ରଥମତଃ, ଯୁଦ୍ଧର ଚାପପୂର୍ଣ୍ଣ ପରିବେଶରେ ସୈନିକମାନଙ୍କର ମାନସିକ ଅବସ୍ଥା ଅତ୍ୟନ୍ତ ଚାପରେ ରହିଥାଏ । ସେମାନେ ଏପରି ମାନସିକତାରେ ବଞ୍ଚୁଛନ୍ତି ଯେଉଁଠାରେ କାଲି ନ ଥାଇପାରେ ଏବଂ ଏହି ଚିନ୍ତାଧାରା ସେମାନଙ୍କୁ ଅସୁରକ୍ଷିତ ଯୌନ ସମ୍ପର୍କ ଏବଂ ନିଶା ଆଡକୁ ନେଇଯାଏ। ରିପୋର୍ଟରୁ ଏହା ମଧ୍ୟ ଜଣାପଡିଛି ଯେ କିଛି ସୈନିକ ସମାନ ସିରିଞ୍ଜରୁ ଔଷଧ ବ୍ୟବହାର କରୁଛନ୍ତି, ଯାହା ସଂକ୍ରମଣର ଆଶଙ୍କା ବହୁ ଗୁଣରେ ବୃଦ୍ଧି କରେ । ୟୁକ୍ରେନ ସୀମାରେ ଅବସ୍ଥିତ ରୁଷ ସାମରିକ ଘାଟିଗୁଡ଼ିକରେ ସ୍ୱାସ୍ଥ୍ୟ ସେବାର ଏକ ବଡ଼ ଅଭାବ ରହିଛି। କଣ୍ଡୋମ ଭଳି ମୌଳିକ ସୁବିଧାର ଅଭାବ, କୌଣସି ସୁରକ୍ଷା ବ୍ୟବସ୍ଥା ବିନା କ୍ଷେତ୍ର ହସ୍ପିଟାଲରେ ସଂକ୍ରମିତ ସୈନିକଙ୍କ ଚିକିତ୍ସା ଏବଂ କୌଣସି ବନ୍ଧ୍ୟାକରଣ ଏଚଆଇଭି ସଂକ୍ରମଣକୁ ଦ୍ରୁତ ଗତିରେ ପ୍ରସାର କରିବାରେ ସହାୟକ ପ୍ରମାଣିତ ହେଉଛି । ଏକ ରିପୋର୍ଟରେ କୁହାଯାଇଛି ଯେ ଜରୁରୀକାଳୀନ ପରିସ୍ଥିତିରେ ଅନେକ ସଂକ୍ରମିତ ସୈନିକଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଏ, କିନ୍ତୁ ସମୟ ଏବଂ ସମ୍ବଳ ଅଭାବରୁ ସେଠାରେ ସତର୍କତା ଅବଲମ୍ବନ କରାଯାଏ ନାହିଁ ।

## ପୂର୍ବତନ କିରାଣିଙ୍କ ୩୦ କୋଟିର ମାଲିକ
### ମାସିକ ଦରମା ୧୫,୦୦୦

**ବେଙ୍ଗାଲୁରୁ,୧।୮:** ସାଧାରଣ କିରାଣିଙ୍କ ୩୦ କୋଟିରୁ ଅଧିକ ସମ୍ପତ୍ତି। ମାସକୁ ୧୫,୦୦୦ ଟଙ୍କା ଦରମା ପାଉଥିବା କିରାଣିଙ୍କ ଏତେ ସମ୍ପତ୍ତି କେମିତି ହେଲା ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କର୍ଣ୍ଣାଟକର କୋପ୍ପାଲ ଜିଲାରେ କର୍ଣ୍ଣାଟକ ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ଲିମିଟେଡ (କେଆର୍‌ଆଇଡିଏଲ୍)ର ପୂର୍ବତନ କିରାଣି କାଲାକପ୍ପା ନିଦାଗୁଣ୍ଡିଙ୍କ ନାମରେ ଲୋକାୟୁକ୍ତ ଛାପାରେ ୩୦ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଠାବ ହୋଇଛି। ମାସିକ ୧୫,୦୦୦ ଟଙ୍କା ଦରମାରେ ଦିନ ମଜୁରିଆ ଭାବେ କାମ କରୁଥିବା ନିଦାଗୁଣ୍ଡିଙ୍କ ନାମରେ ୨୪ଟି ଆବାସିକ ଘର, ୪ଟି ଜମି ପ୍ଲଟ, ୪୦ ଏକର କୃଷି ଜମି, ୩୫୦ ଗ୍ରାମ ସୁନା ଅଳଙ୍କାର, ୧.୫ କିଲୋଗ୍ରାମ ରୁପା ଅଳଙ୍କାର ଏବଂ ୪ଟି ଯାନ (ଦୁଇଟି କାର ଓ ଦୁଇଟି ଦୁଇଚକିଆ) ଜବତ ହୋଇଛି। ନିଦାଗୁଣ୍ଡି ଓ ପୂର୍ବତନ କେଆର୍‌ଆଇଡିଏଲ୍ ଇଞ୍ଜିନିୟର ଜେଡଏମ ଚିଞ୍ଚୋଲକରଙ୍କ ବିରୋଧରେ ୯୬ଟି ଅସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଜାଲ ଦସ୍ତାବିଜ ଓ ନକଲି ବିଲ ତିଆରି କରି ୭୨ କୋଟି ଟଙ୍କାରୁ ଅଧିକ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଛି। ଲୋକାୟୁକ୍ତଙ୍କୁ ଅଭିଯୋଗ ପରେ କୋର୍ଟ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଥିଲା। କୋପ୍ପାଲ ବିଧାୟକ କେ. ରାଘବେନ୍ଦ୍ର ହିଟନାଲ କହିଛନ୍ତି, ସରକାର ଏହି ମାମଲାକୁ ଗୁରୁତ୍ୱ ସହ ନେଇଛନ୍ତି ଏବଂ ବିସ୍ତୃତ ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।





## ହିମାଚଳ ପ୍ରଦେଶରେ ଭୂସ୍ଖଳନ:୨ ଜୀବନ ହାନୀ

**ନୂଆଦିଲ୍ଲୀ,୧।୮:** ହିମାଚଳ ପ୍ରଦେଶରେ ପୁଣି ପ୍ରବଳ ବର୍ଷା । ଲଗାତର ବର୍ଷା ଯୋଗୁଁ ମଣ୍ଡି ପାଣ୍ଡୋହ ଡ୍ୟାମ ନିକଟରେ ଭୂସ୍ଖଳନ । ଭୂସ୍ଖଳନ ଯୋଗୁଁ ଚଣ୍ଡିଗଡ଼-ମନାଲି ଜାତୀୟ ରାଜପଥ ଅବରୋଧ ହୋଇଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଘଟଣାସ୍ଥଳରେ ପହଞ୍ଚି ରାସ୍ତା ସଫା କରୁଛନ୍ତି କର୍ତ୍ତୃପକ୍ଷ । ସୂଚନାନୁଯାୟୀ, ଗତକାଲି ରାତିରୁ ମଣ୍ଡିରେ ଲାଗାତର ବର୍ଷା ଜାରି ରହିଛି । ଲଗତାର ବର୍ଷା ଯୋଗୁ ଭୂସ୍ଖଳନ ହୋଇଥିବା କହିଛନ୍ତି ମଣ୍ଡି ଏସପି । ପୂର୍ବରୁ ମଣ୍ଡିରେ ଫ୍ଲାସ ଫ୍ଲଡ ଯୋଗୁ ୨ ଜଣଙ୍କର ମୃତ ହୋଇଥିଲା। ଭୂସ୍ଖଳନ ଯୋଗୁଁ ମାଟିରେ ପ୍ରାୟ ୫୦ ଗାଡି ଦବି ଯାଇଥିଲା । ଚଣ୍ଡିଗଡ଼- ମନାଲୀ ଏବଂ ପଠାନକୋଟ - ମଣ୍ଡି ଏନଏଚ୍ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ।



## ଅନିଲ ଅମ୍ବାନୀଙ୍କୁ ଇଡିର ସମନ



**ନୂଆଦିଲ୍ଲୀ,୧।୮:** ଇଡ଼ି ଜାଲରେ ରିଲାଏନ୍ସ ଗ୍ରୁପର ଚେୟାରମ୍ୟାନ୍ ଏବଂ ଏମ୍‌ଡି ଅନିଲ୍ ଅମ୍ବାନୀ । ୧୭,୦୦୦କୋଟି ଟଙ୍କାର ଋଣ ଠକେଇ ମାମଲାର ପଚରାଉଚରା ପାଇଁ ଇଡି ତାଙ୍କୁ ସମନ କରିଛି । ଅଗଷ୍ଟ ୫ ତାରିଖରେ ନୂଆଦିଲ୍ଲୀରେ ଥିବା ଇଡି ମୁଖ୍ୟାଳୟରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛି ଇଡି । ଏହି ମାମଲାକୁ ନେଇ ଇଡି ପକ୍ଷରୁ ଅନିଲ ଅମ୍ବାନୀଙ୍କ ସହିତ ଜଡିତ ସଂସ୍ଥାଗୁଡିକ ଉପରେ ଚଢାଉ କରାଯାଇଥିଲା । ସୂଚନାନୁଯାୟୀ, ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ଏହି ମାମଲା ରୁଜୁ କରାଯାଇଛି । ଇଡି ରିଲ୍ଲ ଗ୍ରୁପ୍ ସହିତ ଜଡିତ ଥିବା ୫୦ଟି ସଂସ୍ଥା ଉପରେ ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ୨୫ଜଣ ଲୋକଙ୍କ ଉପରେ ଚଢାଉ କରିଥିଲା। ଗ୍ରୁପର ଅନେକ କମ୍ପାନୀ ୧୦ ହଜାର କୋଟି ଟଙ୍କାରୁ ଅଧିକ ଋଣକୁ ପାଣ୍ଠିକୁ ଅପବ୍ୟବହାର କରି ବିଭିନ୍ନ ପାଣ୍ଠି ଏବଂ ସେଲ୍ ଫାର୍ମକୁ ପଠାଉଥିଲେ ବୋଲି ତଦନ୍ତରୁ ଜଣାପଡିଛି। ୟେସ୍ ବ୍ୟାଙ୍କରୁ ପ୍ରାୟ ୩ ହଜାର କୋଟି ଟଙ୍କା ଋଣ ଠକେଇ କରାଯାଇଛି ବୋଲି ସୂଚନା ମିଳିଛି । ଏହା ବ୍ୟତୀତ ରିଲାଏନ୍ସ ଲିମିଟେଡ୍ ଦ୍ୱାରା ପ୍ରାୟ ୧୪ ହଜାର କୋଟି ଟଙ୍କାର ଋଣ ଠକେଇର ଅଭିଯୋଗ ମଧ୍ୟ ରହିଛି । ଯାହାର ତଦନ୍ତ ପରିସର ଭୁକ୍ତ ରହିଛି ।

## ୩୧ ବର୍ଷ ପରେ ଖାଲିହେବ ମୁଲାୟମଙ୍କୁ ମିଳିଥିବା କୋଠି



**ନୂଆଦିଲ୍ଲୀ, ୧।୮:** ଶାସନିକ ଅଧିକାରୀଙ୍କ କହିବା ଅନୁଯାୟୀ, ନିୟମ ଅନୁସାରେ ସରକାରୀ ଆବଣ୍ଟନର ମୂଳ ଲାଭାର୍ଥୀଙ୍କ ମୃତ୍ୟୁ ହେଲେ ସମ୍ପତ୍ତିର ମ୍ୟୁଟେସନ ଆବଶ୍ୟକ। କିନ୍ତୁ ଏହା କରାଯାଇ ନାହିଁ। ଅଧିକାରୀମାନେ କହିଛନ୍ତି ଯେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଏବଂ ବିଭାଗୀୟ ଆବଶ୍ୟକତା ପାଇଁ ଭବନର ଚାହିଦା ବଢ଼ିଚାଲିଛି। ତେଣୁ ଜମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୋଠି ଫେରାଇ ନେବାକୁ ନିଷ୍ପତ୍ତି ନିଆଯାଇଛି।

ଏହି କୋଠି ୧୯୯୪ ମସିହାରେ ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସପି) ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବଙ୍କ ନାମରେ ଆବଣ୍ଟିତ ହୋଇଥିଲା। ଏହାର ଭଡ଼ା ବର୍ତ୍ତମାନ ବେଶ ଚର୍ଚ୍ଚାରେ ରହିଛି। ଏବେ ଏହି କୋଠି ଖାଲି କରିବାକୁ ଆଦେଶ ଦିଆଯାଇଛି। ପ୍ରଶାସନ ଏହା ପଛରେ କାରଣ ମଧ୍ୟ ଦର୍ଶାଇଛି। ଉତ୍ତର ପ୍ରଦେଶର ମୁରାଦାବାଦରେ ସମାଜବାଦୀ ପାର୍ଟିକୁ ଦିଆଯାଇଥିବା ସରକାରୀ କୋଠିର ଆବଣ୍ଟନ ରଦ୍ଦ କରାଯାଇଛି। ଏହି କୋଠି ଏସପି ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବଙ୍କ ନାମରେ ଆବଣ୍ଟିତ ହୋଇଥିଲା। ବର୍ତ୍ତମାନ ଏହି କୋଠିରେ ଏସପିର ଜିଲ୍ଲା କାର୍ଯ୍ୟାଳୟ ଚାଲିଛି।

ଜିଲ୍ଲା ପ୍ରଶାସନ ଏସପିର ସ୍ଥାନୀୟ କର୍ମକର୍ତ୍ତାଙ୍କୁ ୩୦ ଦିନ ମଧ୍ୟରେ ଏହି କୋଠି ଖାଲି କରିବାକୁ ଆଦେଶ ଦେଇଛି। ଏହି କୋଠି ପ୍ରାୟ ୧୦୦୦ ବର୍ଗ ମିଟର ଅଞ୍ଚଳରେ ପରିବ୍ୟାପ୍ତ । ଏହା ମୁରାଦାବାଦର ପ୍ରମୁଖ ଅଞ୍ଚଳ ସିଭିଲ ଲାଇନ୍ସ ନିକଟସ୍ଥ ଗ୍ରାମ ଛାଓନୀ ପାଖରେ ଅବସ୍ଥିତ। ଏହି ଅଞ୍ଚଳରେ ପୋଲିସ ଟ୍ରେନିଂ କଲେଜ ସମେତ ଅନେକ ସରକାରୀ ସଂସ୍ଥା ରହିଛି। ଏହି କୋଠିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ଯେତେବେଳେ ଏହା ଆବଣ୍ଟିତ ହୋଇଥିଲା, ସେତେବେଳେ ଏହାର ମାସିକ ଭଡ଼ା ୨୫୦ ଟଙ୍କା ଥିଲା।

ପ୍ରଶାସନ କହିଛି ଯେ ମୁଲାୟମ ସିଂହ ଯାଦବଙ୍କ ମୃତ୍ୟୁ ପରେ କୋଠିର ମ୍ୟୁଟେସନ କରାଯାଇ ନାହିଁ। ତେଣୁ ପ୍ରଶାସନ କୋଠି ଖାଲି କରାଇବାକୁ ଆଦେଶ ଦେଇଛି। ପ୍ରଶାସନିକ ଅଧିକାରୀଙ୍କ କହିବା ଅନୁଯାୟୀ, ନିୟମ ଅନୁସାରେ ସରକାରୀ ଆବଣ୍ଟନର ମୂଳ ଲାଭାର୍ଥୀଙ୍କ ମୃତ୍ୟୁ ହେଲେ ସମ୍ପତ୍ତିର ମ୍ୟୁଟେସନ ଆବଶ୍ୟକ। କିନ୍ତୁ ଏହା କରାଯାଇ ନାହିଁ। ଅଧିକାରୀମାନେ କହିଛନ୍ତି ଯେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଏବଂ ବିଭାଗୀୟ ଆବଶ୍ୟକତା ପାଇଁ ଭବନର ଚାହିଦା ବଢ଼ିଚାଲିଛି। ତେଣୁ ଜମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୋଠି ଫେରାଇ ନେବାକୁ ନିଷ୍ପତ୍ତି ନିଆଯାଇଛି।

ଏଡିଏମ (ଫାଇନାନ୍ସ) ସମାଜବାଦୀ ପାର୍ଟିର ଜିଲ୍ଲାଧ୍ୟକ୍ଷ (ମୁରାଦାବାଦ)ଙ୍କୁ ନୋଟିସ ଜାରି କରିଛନ୍ତି। ଏଥିରେ ୩୦ ଦିନ ମଧ୍ୟରେ କୋଠି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୋଟିସରେ କୁହାଯାଇଛି ଯେ ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କୋଠି ଖାଲି ନକରାଯାଏ, ତେବେ ପ୍ରଶାସନ ଆଗକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ଉପରେ କେତେକ ଲୋକଙ୍କ ମତ ଯେ ଏହି ନିଷ୍ପତ୍ତି ନିୟମ ଅନୁଯାୟୀ ନିଆଯାଇଛି। କିନ୍ତୁ କେତେକ ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରୁଛନ୍ତି ।

## ବଳାତ୍କାର ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତି ଦୋଷୀ



**ବେଙ୍ଗାଲୁରୁ,୧।୮:** କର୍ନାଟକ ହାଇକୋର୍ଟ ବଳାତ୍କାର ଏବଂ ଯୌନ ନିର୍ଯାତନା ମାମଲାରେ ପୂର୍ବତନ ଜନତା ଦଳ (ଏସ) ଏମ୍‌ପି ପ୍ରଜ୍ୱଳ ରେଭାନ୍ନାଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି। କୋର୍ଟ ଏହି ମାମଲାରେ ରେଭାନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କଲେ, କୋର୍ଟରେ ଉପସ୍ଥିତ ରେଭାନ୍ନା କାନ୍ଦିବାକୁ ଲାଗିଲେ। ଦଣ୍ଡ କୋର୍ଟ ଘୋଷଣା କରିବେ। ରେଭାନ୍ନାଙ୍କୁ ସେକ୍ସ ଟେପ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି।

ରେଭାନାଙ୍କ ବିରୋଧରେ ଯୌନ ନିର୍ଯାତନାର ଅନେକ ମାମଲା ରୁଜୁ ହୋଇଛି। ଏହା ସହିତ, ସେ ଅନେକ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଅଭିଯୋଗ ଯୋଗୁ, ଜେଡିଏସ ତାଙ୍କୁ ଦଳରୁ ନିଲମ୍ବିତ ମଧ୍ୟ କରିଛି। ପ୍ରଜ୍ୱଳ ରେଭାନା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବେଗୌଡ଼ାଙ୍କ ନାତି। ରେଭାନ୍ନାଙ୍କ ବିରୋଧରେ ମୋଟ ୪ଟି ମାମଲା ରୁଜୁ ହୋଇଛି, ଯେଉଁଥିରୁ ତାଙ୍କୁ କେବଳ ଗୋଟିଏ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଗାମୀ ଦିନରେ ସେହି ମାମଲାରେ କୋର୍ଟ ତାଙ୍କ ରାୟ ଦେଇପାରିବେ। ରେଭାନ୍ନାଙ୍କ ଘରେ କାମ କରୁଥିବା ଜଣେ ମହିଳା ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଏହା ବ୍ୟତୀତ ବେଙ୍ଗାଲୁରୁର ସାର୍ବଜନୀନ ସ୍ଥାନରେ ଅନେକ ପେନ ଡ୍ରାଇଭ ମିଳିଥିଲା। ଦାବି କରାଯାଇଥିଲା ଯେ, ପେନ ଡ୍ରାଇଭରେ ୩ ହଜାରରୁ ୫ ହଜାର ଭିଡିଓ ଅଛି, ଯେଉଁଥିରେ ରେଭାନ୍ନା ମହିଳାଙ୍କୁ ଯୌନ ନିର୍ଯାତନା ଦେଉଥିବାର ଦେଖାଯାଇଛି। ଭିଡିଓଗୁଡ଼ିକରେ ମହିଳାମାନଙ୍କ ମୁହଁ ମଧ୍ୟ ଝାପ୍ସା ହୋଇନାହିଁ। ପ୍ରଜ୍ୱଳ ରେବନ୍ନା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବଗୌଡ଼ାଙ୍କ ନାତି। ପ୍ରଜ୍ୱଳଙ୍କ ଜେଜେବାପା ପ୍ରଧାନମନ୍ତ୍ରୀ, କାକା ମୁଖ୍ୟମନ୍ତ୍ରୀ ଏବଂ ପିତା ମନ୍ତ୍ରୀ ରହିସାରିଛନ୍ତି। ସେ ପ୍ରାୟ ୧୦ ବର୍ଷ ଧରି ଜେଡିଏସ ରାଜନୀତି କରୁଥିଲେ। ରେବନ୍ନା ୨୦୧୯ରେ ହାସନରୁ ଲୋକସଭା ନିର୍ବାଚନ ମଧ୍ୟ ଜିତିଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ୨୦୨୪ ଲୋକସଭା ନିର୍ବାଚନ ସମୟରେ ରେବନ୍ନାଙ୍କ ସେକ୍ସ ଟେପ କଥା ସାମ୍ନାକୁ ଆସିଥିଲା। ୨୬ ଏପ୍ରିଲରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହୋଇଥିଲା। ଏହା ପରେ, କର୍ନାଟକ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ନାଗଲକ୍ଷ୍ମୀ ଚୌଧୁରୀ ତଦନ୍ତ ଦାବି କରିଥିଲେ ଏବଂ କଂଗ୍ରେସ ସରକାରଙ୍କୁ ଏକ ଚିଠି ଲେଖିଥିଲେ, ଯାହା ପରେ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ବିଶ୍ୱରେ ୧ ନମ୍ବର ହେବ ଅଟୋ ଶିଳ୍ପ: ଗଡ଼କରୀ



**ହାଇଦ୍ରାବାଦ,୧।୮:** ଭାରତ ସରକାର ଦେଶର ଅଟୋମୋବାଇଲ ଶିଳ୍ପକୁ ବିଶ୍ୱରେ ନମ୍ବର-୧ କରିବା ଲକ୍ଷ୍ୟରେ କାମ କରୁଛନ୍ତି । ଭାରତୀୟ ଅଟୋ ଶିଳ୍ପ ସାରା ଦେଶରେ ପ୍ରାୟ ୪.୫ କୋଟି ନିଯୁକ୍ତି ସୃଷ୍ଟି କରିଛି, ଯାହା ଦେଶରେ ସର୍ବାଧିକ । ଏହା ବ୍ୟତୀତ ଭାରତୀୟ ଅଟୋ ଶିଳ୍ପର ଭବିଷ୍ୟତ ବହୁତ ଉଜ୍ଜ୍ୱଳ ବୋଲି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଥିବା ଜାତୀୟ ଖବର ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟରୁ ଜଣାପଡ଼ିଛି ।

ପିଟିଆଇର ଏକ ରିପୋର୍ଟରେ ଗଡକରୀଙ୍କ ଉଦ୍ଧୃତି କରି ଉଲ୍ଲେଖ କରାଯାଇଛି ଯେ ସରକାର ଏହି ଶିଳ୍ପକୁ ବିଶ୍ୱରେ ନମ୍ବର-୧ କରିବାକୁ ଯୋଜନା କରୁଛନ୍ତି । ବର୍ତ୍ତମାନ ଆମେରିକାର ଅଟୋମୋବାଇଲ ଶିଳ୍ପର ଆକାର ୭୮ ଲକ୍ଷ କୋଟି ଟଙ୍କା, ତା'ପରେ ଚୀନର ବଜାର ୪୭ ଲକ୍ଷ କୋଟି ଟଙ୍କା, ଯେତେବେଳେ ଭାରତୀୟ ଅଟୋ ବଜାର ୨୨ ଲକ୍ଷ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ଅଛି । ୨୦୧୪ ମସିହାରେ ସେ ପରିବହନ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିବା ସମୟରେ ଅଟୋମୋବାଇଲ ଶିଳ୍ପର ଆକାର ୭.୫ ଲକ୍ଷ କୋଟି ଟଙ୍କା ଥିଲା ଏବଂ ଆଜି ଏହା ୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଯେ ଜିଏସଟି ଆକାରରେ ରାଜ୍ୟ ସରକାର ଏବଂ ଭାରତ ସରକାରଙ୍କୁ ସର୍ବାଧିକ ରାଜସ୍ୱ ଅଟୋମୋବାଇଲ ଶିଳ୍ପ ଦେଉଛି । ଘଟଣାକ୍ରମେ, ଭାରତୀୟ ଅଟୋମୋବାଇଲ ଶିଳ୍ପକୁ ଦେଶର ଶୀର୍ଷ ଉତ୍ପାଦନ କ୍ଷେତ୍ର ଭାବରେ ବିବେଚନା କରାଯାଏ, ଯାହା ସରକାରଙ୍କ ପାଇଁ ରାଜସ୍ୱ ସୃଷ୍ଟି ସହିତ ନିଯୁକ୍ତି ସୃଷ୍ଟିର ଏକ ପ୍ରମୁଖ ଉତ୍ସ । ତଥାପି, ପରିବହନ କ୍ଷେତ୍ର ଦେଶରେ ପ୍ରଦୂଷଣର ୪୦ ପ୍ରତିଶତ ଯୋଗଦାନ ଥିବାବେଳେ, ଯାହା ଏକ ଆର୍ଥିକ ଚ୍ୟାଲେଞ୍ଜ ।

ଏହି ସମସ୍ୟାକୁ ହ୍ରାସ କରିବା ପାଇଁ ସେ ସବୁଜ ଏବଂ ବିକଳ୍ପ ଇନ୍ଧନ ବିକଶିତ କରିବାକୁ ଶିଳ୍ପକୁ ଆହ୍ୱାନ କରିଥିଲେ । ନୀତିନ ଗଡକରୀଙ୍କ ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି ଏବଂ ବୈଦ୍ୟୁତିକ ପାୱାରଟ୍ରେନ୍, ସିଏନଜି ଏବଂ ହାଇବ୍ରିଡ୍ ସିଷ୍ଟମ୍ ଭଳି ସ୍ୱଚ୍ଛ ପ୍ରଣୟନ ପ୍ରଯୁକ୍ତିବିଦ୍ୟାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ରାଜ୍ୟ, ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରେ ୧,୪୬,୩୪୨ କିଲୋମିଟର ଲମ୍ବରେ ମୋଟ ୪୫୫୬୭ଟି ବୈଦ୍ୟୁତିକ ଯାନ (ଇଭି) ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ (ପିସିଏଓ୍) ସ୍ଥାପନ କରାଯାଇଛି ବୋଲି ବୁଧବାର ସଂସଦକୁ ସୂଚନା ଦେଇଛନ୍ତି ନୀତିନ ଗଡ଼କରୀ। ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ, ୫୦୭ଟି ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ ସହିତ ଉତ୍ତର ପ୍ରଦେଶ ଆଗରେ ଥିବାବେଳେ, ଏହାପରେ କର୍ଣ୍ଣାଟକରେ ୪୮୯, ମହାରାଷ୍ଟ୍ରରେ ୪୫୯, ତାମିଲନାଡୁରେ ୪୫୬ ଏବଂ ରାଜସ୍ଥାନରେ ୪୨୪ଟି ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେସନ ରହିଛି ।

ସେପଟେ ୪୬୨୫ ଚାର୍ଜିଂ ଷ୍ଟେସନ ଟାୟାର-୨ ସହରଗୁଡ଼ିକରେ ବ୍ୟବହାର ଆରମ୍ଭ ହୋଇଛି । ସରକାର ନିକଟରେ କହିଥିଲେ ଯେ ୨୦୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନା ସାରା ଦେଶରେ ପ୍ରାୟ ୭୨,୦୦୦ ଇଭି ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ସ୍ଥାପନକୁ ସମର୍ଥନ କରିବ । ଏହି ଷ୍ଟେସନଗୁଡ଼ିକୁ ରଣନୀତିକ ଭାବରେ ୫୦ଟି ଜାତୀୟ ରାଜପଥ କରିଡରରେ, ମେଟ୍ରୋ ସହର, ଟୋଲ୍ ପ୍ଲାଜା, ରେଳ ଷ୍ଟେସନ, ବିମାନବନ୍ଦର, ଇନ୍ଧନ ଆଉଟଲେଟ୍ ଏବଂ ରାଜ୍ୟ ରାଜପଥ ଭଳି ଅଧିକ ଟ୍ରାଫିକ୍ ଗନ୍ତବ୍ୟସ୍ଥଳ ମଧ୍ୟରେ ନିୟୋଜିତ କରାଯିବ ।

## ନିର୍ବାଚନୀ ଥୋପ: ବଢ଼ିଲା ରୋଷେୟା, ରାତ୍ରୀ ଜଗୁଆଳିଙ୍କ ଦରମା



**ପାଟନା,୧।୮:** ବିହାରରେ ବିଧାନସଭା ନିର୍ବାଚନ ଆସୁଛି। ନିର୍ବାଚନ ପୂର୍ବରୁ ନୀତୀଶ କୁମାର ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ରୋଷେୟା, ସୁରକ୍ଷା କର୍ମୀ ଏବଂ ପିଟି ଶିକ୍ଷକଙ୍କ ଦରମା ଦ୍ୱିଗୁଣିତ କରିବାକୁ ଘୋଷଣା କରିଛନ୍ତି। ସରକାରଙ୍କ ଏହି ଘୋଷଣା କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ଏକ୍ସରେ ପୋଷ୍ଟ କରି ଏହି ଘୋଷଣା କରିଥିଲେ। X ପୋଷ୍ଟରେ ସେ କହିଥିଲେ ଯେ ନଭେମ୍ବର ୨୦୦୫ରେ ସରକାର ଗଠନ ହେବା ପରଠାରୁ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରାଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୫ରେ ଶିକ୍ଷା ବଜେଟ ୪,୩୬୬କୋଟି ଟଙ୍କା ଥିଲା କିନ୍ତୁ ବର୍ତ୍ତମାନ ଏହା ୭୭.୬୯୦ କୋଟି ଟଙ୍କା ହୋଇଛି। ସେ କହିଥିଲେ ଯେ ଶିକ୍ଷକ ନିଯୁକ୍ତି, ନୂତନ ସ୍କୁଲ କୋଠା ନିର୍ମାଣ ଏବଂ ମୌଳିକ ଭିତ୍ତିଭୂମି ବିକାଶ ଯୋଗୁ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଥିଲେ ଯେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି କର୍ମଚାରୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ମଧ୍ୟାହ୍ନ ଭୋଜନରେ କାର୍ଯ୍ୟ କରୁଥିବା ରୋଷେୟାଙ୍କ ଦରମା ୧୬୫୦ ଟଙ୍କାରୁ ୩୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ରାତ୍ରି ଜଗୁଆଳିଙ୍କ ଦରମା ୫୦୦୦ ଟଙ୍କାରୁ ୧୦୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ବାର୍ଷିକ ଦରମା ୨୦୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି।

### ଓଭାଲ୍ ଟେଷ୍ଟ: ଦ୍ୱିତୀୟ ଦିନରେ ପଡ଼ିଲା ୧୬ ୱିକେଟ୍, ସିରାଜ୍ ଓ ପ୍ରସିଦ୍ଧଙ୍କ ବିଧ୍ୱଂସୀ ବୋଲିଂ

# ଭାରତର ୨୨୪ ଜବାବରେ ଇଂଲଣ୍ଡ ୨୪୭ରେ ସୀମିତ



**ଲଣ୍ଡନ,୧।୮:** ଏଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଚଳିତ ଟେଷ୍ଟ୍ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଆଜି ଦ୍ୱିତୀୟ ଦିନର ଖେଳରେ ମୁଖ୍ୟତଃ ବୋଲର୍‌ଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ଭାରତ ୬ ୱିକେଟ୍‌ରେ ୨୦୪ ରନ୍ କରିଥିବା ବେଳେ ଆଜି ଦ୍ୱିତୀୟ ଦିନରେ ମୋଟ ୧୬ଟି ୱିକେଟ୍‌ର ପତନ ଘଟିଛି। ଫଳରେ ଭାରତର ପ୍ରଥମ ଇନିଂସ ୨୨୪ରେ ସମାପ୍ତ ହୋଇଥିବା ବେଳେ ଇଂଲଣ୍ଡର ପ୍ରଥମ ଇନିଂସ ମଧ୍ୟ ୨୪୭ ରନ୍‌ରେ ସୀମିତ ରହିଛି। ଇଂଲଣ୍ଡର ବ୍ୟାଟିଂ ଦୁର୍ଗ ଭାଙ୍ଗିବାରେ ଭାରତର ଦୁଇ ପେସର୍ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧି କ୍ରିଷ୍ଣା ମୁଖ୍ୟ ଭୂମିକା ନେଇଥିଲେ। ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ଓପନର ଲୋକେଶ ରାହୁଲ୍ ଓ ସାଇ ସୁଦର୍ଶନଙ୍କ ୱିକେଟ୍ ହରାଇ ୭୫ ରନ୍ କରିଛି। ଫଳରେ ଭାରତ ଅଦ୍ୟାବଧି ୭୫ ରନ୍‌ରେ ଆଗୁଆ ରହିଛି ଓ ଦଳ ହାତରେ ଆହୁରି ୮ଟି ଦ୍ୱିତୀୟ ଇନିଂସ ୱିକେଟ୍ ବାକି ରହିଛି। ଆଜି ଭାରତର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ କରୁନ୍ ନାୟର୍ (୫୨) ଓ ୱାଶିଂଟନ୍ ସୁନ୍ଦର (୧୯) ଇନିଂସକୁ ଆଗକୁ ବଢ଼ାଇଥିଲେ। ଉଭୟ ସେମାନଙ୍କ ମଧ୍ୟରେ ହୋଇଥିବା ଭାଗୀଦାରୀକୁ ୬୫ ରନ୍‌ରେ ପହଞ୍ଚାଇବା ପରେ ନାୟର୍ ୫୭ ରନ୍ କରି ଆଉଟ୍ ହୋଇଥିଲେ। ପରେ ସୁନ୍ଦର ୨୬ ରନ୍ କରି ଆଉଟ୍ ହୋଇଥିଲେ। ୬୯.୪ ଓଭର୍‌ରେ ଭାରତ ୨୨୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବା ବେଳେ ଇଂଲଣ୍ଡ ପକ୍ଷରୁ ଗସ୍ ଆଟକିନ୍‌ସନ୍ ସର୍ବାଧିକ ୫ଟି ଏବଂ ଜୋଶ୍ ଟଙ୍ଗ୍ ୩ଟି ଓ କ୍ରିସ୍ ଓକ୍ସ ଗୋଟିଏ ୱିକେଟ୍ ନେଇଥିଲେ।

ଇଂଲଣ୍ଡ ତା'ର ପ୍ରଥମ ଇନିଂସ ଆରମ୍ଭ କରି ଯଦିଓ ଦୁଇ ଓପନର ଜ୍ୟାକ୍ କ୍ରଲି ଓ ବେନ୍ ଡକେଟ୍‌ଙ୍କଠାରୁ ପ୍ରଥମ ୱିକେଟ୍‌ରେ ୯୨ ରନ୍‌ର ଭାଗୀଦାରୀ ପାଇଥିଲା, କିନ୍ତୁ ଭାରତୀୟ ବୋଲର୍‌ମାନେ ମାପଚୁପ ବୋଲିଂ କରି ଦଳୀୟ ସ୍କୋର୍‌କୁ ୨୪୭ ରନ୍‌ରେ ସୀମିତ ରଖିଥିଲେ। କ୍ରଲି ସର୍ବାଧିକ ୬୪ ରନ୍ କରିଥିବା ବେଳେ ଡକେଟ୍ ୪୩, ହ୍ୟାରୀ ବ୍ରୁକ୍ ୫୩ ଓ ଜୋ ରୁଟ୍ ୨୯ ରନ୍ କରିଥିଲେ। ଭାରତ ପକ୍ଷରୁ ସିରାଜ୍ ଓ କ୍ରିଷ୍ଣା ୪ଟି ଲେଖାଏଁ ଏବଂ ଆକାଶ ଦୀପ ଗୋଟିଏ ୱିକେଟ୍ ନେଇଥିବା ବେଳେ ଓକ୍ସ ବ୍ୟାଟିଂ କରିବାକୁ ଆସିନଥିଲେ। ସେହିପରି ଭାରତର ଦ୍ୱିତୀୟ ଇନିଂସରେ ରାହୁଲ୍ ୭ ଓ ସାଇ ସୁଦର୍ଶନ ୧୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଅନ୍ୟତମ ଓପନର ଯଶସ୍ୱୀ ଜେସ୍ୱାଲ୍ ୫୧ ଓ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଆକାଶ ଦୀପ ୪ ରନ୍ କରି ଅପରାଜିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ଆଟକିନ୍‌ସନ୍ ଓ ଟଙ୍ଗ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

# ପ୍ଲିଜାଲିନ୍‌ଙ୍କୁ ରୌପ୍ୟ



**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ):** ଭିଏତ୍‌ନାମ୍‌ରେ ଆୟୋଜିତ ନବମ ଏସୀୟ ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାରେ ଓଡ଼ିଆ ଝିଅ ପ୍ଲିଜାଲିନ୍ ତରାଇ ଦେଶ ପାଇଁ ଗୌରବ ଆଣିଛନ୍ତି। ସେ କ୍ଲାସ୍ ଏଫ୍ ଫିମେଲ୍ ୭୦-୭୫ କେଜି ବର୍ଗରେ ରୌପ୍ୟ

**ଏସୀୟ ପେନ୍‌ଚାକ୍ ସିଲାଟ୍**

ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତା ଲାଗି ଓଡ଼ିଶାରୁ ୨ ଜଣ ପ୍ଲିଜାଲିନ୍ ଓ ରଞ୍ଜିତ ନାୟକ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ପ୍ଲିଜାଲିନ୍ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ରଞ୍ଜିତ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ପଦକରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ସହ ୧୦ ଏସୀୟ ଦେଶରୁ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି ପ୍ଲିଜାଲିନ୍‌ଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ସୋନାଲି ଚାନ୍ଦ, ଓଡ଼ିଶା ପେନ୍‌ଚାକ୍ ସଂଘ ସଭାପତି ତାପସ କୁମାର ରାୟଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସମ୍ପାଦକ ପ୍ରେମସିଂହ ଥାପା, ଖୋର୍ଦ୍ଧା ପେନ୍‌ଚାକ୍ ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ଏବଂ ଉପଦେଷ୍ଟା ସୁମନ ମୋଦି ଅଭିନନ୍ଦନ ଜଣାଇଛନ୍ତି।

## ଏସୀୟ କନିଷ୍ଠ ଉଷୁରେ ଶ୍ୱେତାରାଣୀଙ୍କୁ କାଂସ୍ୟ



**ଭୁବନେଶ୍ୱର, ୧।୮ (ସଂଚାର ବ୍ୟୁରୋ):** ଓଡ଼ିଆ ଝିଅ ଶ୍ୱେତାରାଣୀ ମହନ୍ତ ଚୀନ୍‌ରେ କମାଲ୍ କରିଛନ୍ତି। ଚୀନ୍‌ରେ ଆୟୋଜିତ ଦ୍ୱାଦଶ ଏସୀୟ କନିଷ୍ଠ ଉଷୁ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଶ୍ୱେତାରାଣୀ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ଜିତିଛନ୍ତି। ସେ ୪୮ କେଜି ସାଣ୍ଡ୍ରାରେ ତୃତୀୟ ସ୍ଥାନରେ ରହି ଏହି ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ତାଙ୍କୁ ସାମାଜିକ ଗଣମାଧ୍ୟମରେ ଅଭିନନ୍ଦନ ଜଣାଇଛି।

# ମକାଉ ଓପନ୍: ଟପ୍ ସିଡ୍‌ଙ୍କୁ ହରାଇଲେ ତରୁଣ





ମକାଉ, ୧।୮: ଭାରତୀୟ ଯୁବ ସଟଲର୍ ତରୁଣ ମାନେପଲ୍ଲୀ ଚଳିତ ମକାଉ ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଗୁରୁବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପୁରୁଷ ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ୨୩ ବର୍ଷୀୟ ତରୁଣ ୧୯-୨୧, ୨୧-୧୪, ୨୨-୨୦ରେ ଶୀର୍ଷମାନ୍ୟତାପ୍ରାପ୍ତ ହଂକଂର ଲି ଚିଉକ ୟିଉଙ୍କୁ ମାତ୍ ଦେଇଛନ୍ତି। ବିଶ୍ୱର ୧୫ ନମ୍ବର ଲିଙ୍କୁ ହରାଇ ୪୭ ନମ୍ବର ତରୁଣ ଚଳିତ ବର୍ଷ ଦ୍ୱିତୀୟ ଥର ଲାଗି ସୁପର୍ ୩୦୦ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ତାଙ୍କ ସହ ଭାରତର ଏକ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ମଧ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଜେତା ଲକ୍ଷ୍ୟ ୨୧-୧୪, ୧୪-୨୧, ୨୧-୧୭ରେ ଇଣ୍ଡୋନେସିଆର ଚିକୋ ଔରା ଦ୍ୱି ୱାର୍ଡୋୟୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲ୍‌ରେ ତରୁଣ ଓ ଲକ୍ଷ୍ୟ ଯଥାକ୍ରମେ ଚୀନ୍‌ର ହୁ ଝି ଆନ୍‌ଙ୍କୁ ଓ ଝୁ ଜୁଆନ୍ ଚେନ୍‌ଙ୍କୁ ଭେଟିବେ। ମିଶ୍ରିତ ଯୁଗଳ କ୍ୱାର୍ଟରଫାଇନାଲ୍‌ରେ ଭାରତ ତାରକା ଯୋଡ଼ି ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ପ୍ରବେଶ କରିଛନ୍ତି। ଏହି ଭାରତୀୟ ଯୋଡ଼ି ୧୦-୨୧, ୨୨-୨୦, ୨୧-୧୬ରେ ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶିଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ତେବେ ସପ୍ତମ ମାନ୍ୟତାପ୍ରାପ୍ତ ଭାରତର ଆୟୁଷ ସେଟ୍ଟୀ ୧୮-୨୧, ୧୬-୨୧ରେ ମାଲେସିଆର ଜଷ୍ଟିନ୍ ହୋଙ୍ଗଠୁ ଏବଂ ମହିଳା ଏକକରେ ଶ୍ରୀସନ୍ତୋଷ ରାମରାଜ ୨୧-୧୪, ୧୦-୨୧, ୧୧-୨୧ରେ ଥାଇଲାଣ୍ଡର ବୁସାନ ଓଙ୍ଗବାମ୍ରୁଙ୍ଗଫାନ୍‌ଙ୍କଠୁ ବିଦାୟ ନେଇଛନ୍ତି।



# ଲର୍ଡସ୍‌ରେ ଖେଳିଲେ ସାହିଦ କାପୁର

କ୍ରିକେଟ୍‌ର ଘର ଭାବେ ପରିଚିତ ଐତିହାସିକ ଲର୍ଡସ୍ ପଡ଼ିଆରେ ଖେଳିଛନ୍ତି ବଲିଉଡ୍ ତାରକା ସାହିଦ କାପୁର। ଏଠାରେ ଖେଳାଯାଇଥିବା ଏକ ସେଲିବ୍ରିଟ୍ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଖେଳି ନିଜ ପ୍ରଶଂସକଙ୍କୁ ନିଜର କ୍ରିକେଟ୍ ଅଭିଜ୍ଞତା ବାଣ୍ଟିଛନ୍ତି। ପଡ଼ିଆ ଭିତରେ ଏହି ତାରକା ଜଣଙ୍କ ପୂରା କ୍ରିକେଟର୍ ଷ୍ଟାଇଲ୍‌ରେ ଧଳା ଟି-ସାର୍ଟ ଓ ଟ୍ରାଉଜର୍ ପିନ୍ଧି ବ୍ୟାଟିଂ ଏବଂ ଫିଲ୍ଡିଂ କରିଥିଲେ। ସେ ପଡ଼ିଆ ଭିତରକୁ ଆସୁ ଆସୁ ଦର୍ଶକମାନେ 'ଅର୍ଜୁନ ତଲୱାର ବ୍ୟାକ୍!' ବୋଲି ଚିଲାଇଥିଲେ। ଚଣ୍ଡିଗଡ଼ କ୍ରିକେଟର୍ ଅର୍ଜୁନ ତଲୱାରଙ୍କ ଜୀବନୀକୁ ନେଇ ହୋଇଥିବା ଜର୍ସି ଚଳଚ୍ଚିତ୍ରରେ ଅର୍ଜୁନ ମୁଖ୍ୟ ଭୂମିକାରେ ରହିଥିଲେ। ମ୍ୟାଚ୍ ପରେ ସାହିଦ ପତ୍ନୀ ମୀରା ରାଜପୁତଙ୍କ ସହ ଫଟୋ ପୋଜ୍ ଦେଇଥିଲେ। ଲର୍ଡସ୍‌ର ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଖେଳାଳିଙ୍କ ସହ ସାହିଦଙ୍କ କିଛି ଫଟୋ ପୋଷ୍ଟ ହୋଇଛି। ଏହାର ଶିରୋନାମରେ ଲେଖାହୋଇଛି, 'ଆଜି କ୍ରିକେଟ୍‌ର ଘରେ ସାହିଦ କାପୁର ଖେଳିବା ସୌଭାଗ୍ୟର ବିଷୟ'। ଚଳିତ ମାସ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଲର୍ଡସରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ଟେଷ୍ଟ ମ୍ୟାଚ୍ ବେଳେ ସାହିଦ ଏଠାକୁ ଆସିଥିଲେ। ଉଭୟ ଦେଶ ମଧ୍ୟରେ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା ପିଚ୍‌ରେ ସାହିଦ ସେଲିବ୍ରିଟି ମ୍ୟାଚ୍ ଖେଳିଛନ୍ତି।

### ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍

# ପ୍ରତ୍ୟେକ ମହାଦେଶରୁ ଖେଳିବେ ଗୋଟିଏ ଦଳ




ନୂଆଦିଲ୍ଲୀ,୧।୮: ୨୦୨୮ ଲସ୍ ଏଞ୍ଜେଲ୍‌ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଉଛି।୧୨୮ ବର୍ଷ ପରେ କ୍ରିକେଟ୍ ଅଲିମ୍ପିକ୍ସରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି।ମାତ୍ର ଏହି କ୍ରୀଡ଼ା ସାରା ବିଶ୍ୱରେ ସେତେଟା ଜନାଦୃତ ହୋଇନି।ତେଣୁ ଅଲିମ୍ପିକ୍ସ ପାଇଁ ଦଳ କିଭଳି ଚୟନ ହେବ ତାହା ଏବେ ପ୍ରମୁଖ ପ୍ରସଙ୍ଗ ପାଲଟିଛି।ସିଙ୍ଗାପୁରରେ ଆଇସିସିର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବସିଥିଲା।ପ୍ରତ୍ୟେକ ମହାଦେଶରୁ ଗୋଟିଏ ଦଳ ଖେଳାଇବା ନେଇ ବୈଠକରେ ଆଲୋଚନା ହୋଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଜାଣିବାକୁ ମିଳିଛି।ଏମିତି ହେଲେ ଆଇସିସିର ଏକାଧିକ ପୂର୍ଣ୍ଣ ସଦସ୍ୟ ଦଳ ଅଲିମ୍ପିକ୍ସ ଯୋଗ୍ୟତାରୁ ବଞ୍ଚିତ ହେବେ। ବିଶେଷ କରି ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସୁଯୋଗ ପାଇବେ ନାହିଁ।ପୁରୁଷ ଓ ମହିଳା ବର୍ଗରେ ୬ଟି ଲେଖାଏଁ ଦଳ ଖେଳିବେ।ତେଣୁ ବର୍ତ୍ତମାନର ଟି-ଟ୍ୱେଣ୍ଟି ମାନ୍ୟତା ଦେଖିଲେ (ପୁରୁଷ ଓ ମହିଳା) ଏସିଆରୁ ଭାରତ, ଓସେନିଆରୁ ଅଷ୍ଟ୍ରେଲିଆ, ୟୁରୋପରୁ ଇଂଲଣ୍ଡ, ଆମେରିକା (ଉତ୍ତର ଓ ଦକ୍ଷିଣ) ରୁ ଆୟୋଜକ ଆମେରିକା କିମ୍ବା କାରବିଆନ ଦଳ ଏବଂ ଆଫ୍ରିକାରୁ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇବେ।ଆମେରିକା ଆୟୋଜକ ଦଳ ଭାବେ ସିଧାସଳଖ ଏଣ୍ଟ୍ରି ପାଇବା କଥା।କିନ୍ତୁ ଏ ବିଷୟରେ ଆଇସିସି କିଛି ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନାହିଁ।ଯଦି ଆମେରିକା ସିଧାସଳଖ ପ୍ରବେଶ କରେ ତେବେ ଏକ କାରବିଆନ ଦଳ ଖେଳିବାର ସୁଯୋଗ ପାଇପାରେ।ନିର୍ଦ୍ଧାରିତ ଯୋଗ୍ୟତା ପର୍ଯ୍ୟାୟ ତାରିଖ ପର୍ଯ୍ୟନ୍ତ ଆଇସିସି ମାନ୍ୟତା ଅନୁସାରେ ଦଳ ଚୟନ ହେବ।ଶେଷ ଥର ୧୯୦୦ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଥିଲା। ୨୦୩୨ ଓ ୨୦୩୬ ସଂସ୍କରଣରେ ମଧ କ୍ରିକେଟ୍ ସାମିଲ ହୋଇପାରେ।

**ଆଇସିସି ମାନ୍ୟତା ଅନୁସାରେ ହେବେ ଚୟନ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ୱ...

ଏହି ନୀତି ଅଧୀନରେ ଥିବା ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨( ନଭେମ୍ବର ୩୦,୨୦୨୨ରୁ କାର୍ଯ୍ୟକାରୀ)ର ଅନୁରୂପ ବ୍ୟବସ୍ଥା ସହ ସମାନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କ୍ୟାବିନେଟ୍ ଏହି ଆର୍ଥିକ ପ୍ରୋତ୍ସାହନ ଅନୁମୋଦନ ପ୍ରକ୍ରିୟାର ସରଳୀକରଣ ଓ ବର୍ଦ୍ଧିତ ଆର୍ଥିକ ପରିମାଣ କ୍ଷମତାକୁ ମଞ୍ଜୁରୀ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ବିଶିଷ୍ଟ ଜିଲ୍ଲାସ୍ତରୀୟ କମିଟି ୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଓ ମେସିନାରୀରେ ନିବେଶକୁ ମଞ୍ଜୁରୀ ଦେଇପାରିବ। ସେହିପରି ଶିଳ୍ପ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଥିବା କମିଟି ୧ କୋଟିରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଓ ଯନ୍ତ୍ରପାତିରେ ନିବେଶ ଏବଂ ଏମଏସଏମଇ ସଚିବଙ୍କ ଅଧ୍ୟକ୍ଷତାରେ ଥିବା କମିଟି ୧୦ କୋଟିରୁ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ଲାଣ୍ଟ ଓ ଯନ୍ତ୍ରପାତିରେ ନିବେଶ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଦେଇପାରିବେ। ଏହା ଶିଳ୍ପ ପ୍ରୋତ୍ସାହନ ନୀତି ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରକ୍ରିୟାକୁ ସରଳ କରିବ। ଯାହା ଫଳରେ ରାଜ୍ୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶ ବୃଦ୍ଧି ଓ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ ବୋଲି କୁହାଯାଇଛି। ଏଥିସହ ରାଜ୍ୟ କ୍ୟାବିନେଟ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାର ଅବଧିକୁ ଆଉ ୫ ବର୍ଷ ବୃଦ୍ଧି ନିମନ୍ତେ ଅନୁମୋଦନ କରିଛନ୍ତି। ଏହି ଆଡ଼ିବନ୍ଧ ତିଆରି ଯୋଜନା-୩.୦'କୁ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷ ବୃଦ୍ଧି କରାଯିବା ସହ ଯୋଜନାରେ ଆଉ ୨୭୩୮ କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଦ୍ୱାରା ଅତିରିକ୍ତ ୫୭,୫୨୫ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି କରିବା ସହ ୪୧,୭୧୩ ହେକ୍ଟର ଚାଷ ଜମିକୁ ପୁନଃଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହି ଯୋଜନାରେ ମୌସୁମୀ ପରବର୍ତ୍ତୀ ସମୟରେ ଗାଁଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇବା, ଭୂତଳ ଜଳ ପୁନଃଭରଣ ଓ ଖରିଫ ଜଳସେଚନକୁ ବୃଦ୍ଧି କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି। ଏଥିସହ ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଓ ସିଭିଲ କୋର୍ଟ ନ୍ୟାୟିକ କର୍ମଚାରୀ ସେବା ନିୟମ, ୨୦୦୮ରେ ସଂଶୋଧନ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ନୂତନ ଅପରାଧୀ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ କାର୍ଯ୍ୟକାରୀ ହେବା ପରେ ନ୍ୟାୟିକ କର୍ମଚାରୀଙ୍କ ଆଇନଗତ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ଏହି ସଂଶୋଧନ ଆବଶ୍ୟକ ହୋଇଛି। ଏହାଦ୍ୱାରା କୋର୍ଟର ନୈତିକ କାର୍ଯ୍ୟ ସୁଗମ ହେବା ସହ ମାମଲାର ଶୀଘ୍ର ଫଇସଲା ସମ୍ଭବ ହେବ। ଏହାଛଡ଼ା ଓଡ଼ିଶା ଲ' ଅଫିସର୍ସ ନିୟମାବଳୀ-୧୯୭୧ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଓଡ଼ିଶା ରାଜ୍ୟ ପ୍ରସିକ୍ୟୁସନ ସର୍ଭିସ କ୍ୟାଡରରେ ଆଇନ ଅଧିକାରୀଙ୍କ ଅଭାବ ଦୂର କରିବା ଏବଂ ବକେୟା ମାମଲାର ଭାର ହ୍ରାସ କରି ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଏହି ସଂଶୋଧନ ଆଣାଯାଇଛି। ଶେଷଥର ପାଇଁ ଗତ ବର୍ଷ ମାର୍ଚ୍ଚ ୧୩ ତାରିଖରେ ଏହି ନିୟମରେ ସଂଶୋଧନ ହୋଇଥିଲା।

### ଜନତାଙ୍କ...

ବିଷୟ। ଏହି ସମାବର୍ତ୍ତନ ଉତ୍ସବ ନୂତନ ଯାତ୍ରାର ଅୟମାରମ୍ଭ। ଆଜି ଗ୍ରାଜୁଏଟ ହୋଇଥିବା ଯୁବପିଢ଼ି ସେମାନଙ୍କ ଜ୍ଞାନକୁ ସାଧାରଣ ଲୋକଙ୍କ ଉନ୍ନତିରେ ବ୍ୟବହାର କରିବା ସହ ବିଶ୍ୱ ସମସ୍ୟାର ସମାଧାନ ସହ ବିକଶିତ ଭାରତରେ ଯୋଗଦାନ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆଇଆଇଟି(ଆଇଏସଏମ), ଧାନବାଦ ଆତ୍ମନିର୍ଭର ଭାରତର ଏକ ସ୍ତମ୍ଭ ଭାବେ ଠିଆ ହୋଇଛି। ଶିକ୍ଷାଗତ, ଗବେଷଣା ଓ ନବସୃଜନ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତ ସହ ବିଶ୍ୱ ପାଇଁ ଭବିଷ୍ୟତ ପିଢ଼ିର ଟେକ୍ନୋଲୋଜି ନିର୍ମାଣ ଦିଗରେ ଏହା କାର୍ଯ୍ୟ କରୁଛି। ଆସନ୍ତା ବର୍ଷ ଏହି ପ୍ରନୁଷ୍ଠାନ ଏହାର ଶତବାର୍ଷିକୀ ପାଳନ କରିବ। ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଆଇଆଇଟି ଧାନବାଦର ପୂର୍ବ ଜୀବନ୍ତ ପରମ୍ପରାକୁ ଆଗକୁ ବଢ଼ାଇବା ସହ ବିଶ୍ୱ ଶିକ୍ଷାଗତ ଲିଡରସିପରେ ନୂଆ ଶତାବ୍ଦୀ ନିର୍ମାଣ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ବିଶ୍ୱ ଭାରତର ଯୁବପିଢ଼ିଠାରୁ ଅନେକ କିଛି ଆଶା ରଖିଛି। ଆଇଆଇଟି ଧାନବାଦର ଛାତ୍ରଛାତ୍ରୀମାନେ କେବଳ ନିଯୁକ୍ତି ହାସଲ କରିବା ଉପରେ ଗୁରୁତ୍ୱ ନ ଦେଇ ଉତ୍କର୍ଷତା ହାସଲ ଉପରେ ଫୋକସ୍ କରିବା କଥା। ସେମାନେ ଭବିଷ୍ୟତ ପାଇଁ ଅପେକ୍ଷା କରିବା ଉଚିତ୍ ନୁହେଁ, ବରଂ ମୂଲ୍ୟବୋଧ ଦ୍ୱାରା ଏହାକୁ ନିର୍ମାଣ କରିବା ଉଚିତ। ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଟେକ୍ନୋଲୋଜିକୁ ଆକାର ଦେବା ସହ ଜାତୀୟ ପ୍ରାଥମିକତା ହାସଲ କରିବେ ଏବଂ ସ୍ଥାୟୀ ବିକାଶକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିବେ ବୋଲି ସେ କହିଥିଲେ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଟି ଧାନବାଦର ଭିଆର୍ ଆଧାରିତ ଖଣି ସିମୁଲେଟର ଲାବୋରେଟୋରୀରେ ଗଭୀରରେ ହେଉଥିବା ଖଣି ଉତ୍ତୋଳନ କାର୍ଯ୍ୟ ବୁଲି ଦେଖିଥିଲେ। ଏନେଇ ସେ କହିଥିଲେ ଯେ ଏହି ଅତ୍ୟାଧୁନିକ ପ୍ରୟୋଗଶାଳା ସମଗ୍ର ଡ୍ରିଲିଂ ପ୍ରକ୍ରିୟାର ଏକ ବ୍ୟାପକ ସିମୁଲେସନ୍ ପ୍ରଦାନ କରୁଛି, ଯାହା ଛାତ୍ରଛାତ୍ରୀ ଓ ଖଣି ଶ୍ରମିକମାନଙ୍କୁ ଖଣି କାର୍ଯ୍ୟକୁ ବୁଝିବା ଦିଗରେ ସହାୟତା କରୁଛି। ଡାଟା ବିଶ୍ଳେଷଣ ସହ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ବିଶ୍ୱ ଖଣି ଚ୍ୟାଲେଞ୍ଜର ସମାଧାନ, ଖଣି କାର୍ଯ୍ୟରେ ସୁରକ୍ଷା ଓ ଉତ୍ପାଦକତାକୁ ଉନ୍ନତ କରିବା ସହ ଖଣି କ୍ଷେତ୍ରରେ ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଟେକ୍ନୋକ୍ରାଟମାନଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ।

### ଶାହରୁଖ...

ପାଖାପାଖି ୩୫ ବର୍ଷ ଧରି ସିନେମା ଜଗତ ସହ ଜଡ଼ିତ ଶାହରୁଖ୍ ପ୍ରଥମ ଥର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି 'କେରଳ ଫାଇଲ୍ସ' ସିନେମା ଶ୍ରେଷ୍ଠ ସିନେମାଟୋଗ୍ରାଫି ପୁରସ୍କାର ପାଇବାକୁ ବିବେଚିତ ହୋଇଥିବା ବେଳେ ବୈଭବୀ ମର୍ଚ୍ଚାଣ୍ଟଙ୍କୁ 'ରକି ରାନୀ କି ପ୍ରେମ କହାନୀ'ର 'ଢିଣ୍ଡୋରା ବାଜେ'ରେ ଗୀତ ପାଇଁ ଶ୍ରେଷ୍ଠ କୋରିଓଗ୍ରାଫର୍ ମନୋନୀତ କରାଯାଇଛି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଆନିମଲ୍' ଚଳଚ୍ଚିତ୍ରକୁ ଏକ ସ୍ୱତନ୍ତ୍ର ଉଲ୍ଲେଖ ମିଳିଛି। ଶ୍ରେଷ୍ଠ ତେଲୁଗୁ ଚଳଚ୍ଚିତ୍ର ଭାବେ 'ବାଗଓ୍ୱନ୍ତ କେଶରୀ' ମନୋନୀତ ହୋଇଥିବା ବେଳେ 'ଦି ସାଇଲେଣ୍ଟ୍ ଏପିଡେମିକ୍' ଶ୍ରେଷ୍ଠ ଅଣଫିଚର ଫିଲ୍ମ ପୁରସ୍କାର ହାତେଇବାରେ ସକ୍ଷମ ହୋଇଛି। ଏହାଛଡ଼ା ଶ୍ରେଷ୍ଠ ସ୍କ୍ରିପ୍ଟ ପାଇଁ 'ସନଫ୍ଲାୱାର୍ ୱେର୍ ଦି ଫାଷ୍ଟ ୱନ୍ସ ଟୁ ନୋ' ଚଳଚ୍ଚିତ୍ର ମନୋନୀତ ହୋଇଛି। ଆହୁରି ଶ୍ରେଷ୍ଠ ଚଳଚ୍ଚିତ୍ର କ୍ରିଟିକ୍ ପୁରସ୍କାର ଦିବଂଗତ ଅଭିନେତା ଉତ୍ପଳ ଦତ୍ତଙ୍କୁ ଦିଆଯିବା ସକାଶେ ଘୋଷଣା ହୋଇଛି। ଆଶୁତୋଷ ଗୋୱାରିକର ଓ ପି ଶେଷାଦ୍ରୀଙ୍କ ନେତୃତ୍ୱରେ ଜୁରି ସଦସ୍ୟମାନେ ୨୦୨୩ରେ ମୁକ୍ତିଲାଭ କରିଥିବା ବିଭିନ୍ନ ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ କିଛି ସପ୍ତାହ ଧରି ତର୍ଜମା କରିଥିଲେ। ଶେଷରେ ସେମାନେ ନିଜ ନିଜ ରିପୋର୍ଟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଏଲ୍ ମୁରୁଗନଙ୍କୁ ପ୍ରଦାନ କରିଥିଲେ। ଶେଷରେ ଦିଲ୍ଲୀର ଜାତୀୟ ମିଡ଼ିଆ ସେଣ୍ଟରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଆଜି ଘୋଷଣା ହୋଇଥିବା ପୁରସ୍କାର ତାଲିକାରେ ସ୍ୱତନ୍ତ୍ର ଉଲ୍ଲେଖ ପାଇଁ 'ଆନିମଲ (ରି-ରେକର୍ଡିଂ ମିକ୍ସର)- ଏମ୍ ଆର୍ ରାଜକ୍ରିଷ୍ଣନ, ଶ୍ରେଷ୍ଠ ତାଇ ଫେକ ଫିଲ୍ମ 'ପାଇ ତାଙ୍ଗ', ଶ୍ରେଷ୍ଠ ଗାରୋ ଫିଲ୍ମ 'ରିମଦୋଗିତାଙ୍ଗା', ଶ୍ରେଷ୍ଠ ତେଲୁଗୁ ଫିଲ୍ମ 'ଭଗବନ୍ତ କେସରୀ', ଶ୍ରେଷ୍ଠ ତାମିଲ ଫିଲ୍ମ 'ପାର୍କିଂ', ଶ୍ରେଷ୍ଠ ପଞ୍ଜାବୀ ଫିଲ୍ମ 'ଗୋଢେ ଗୋଢେ ଚା', ଶ୍ରେଷ୍ଠ ମରାଠୀ ଫିଲ୍ମ 'ଶ୍ୟାମଚୀ ଆଈ', ଶ୍ରେଷ୍ଠ କନାଡ଼ା ଫିଲ୍ମ 'କନ୍ଦିଲୁ', ଶ୍ରେଷ୍ଠ ଆକ୍ସନ ନିର୍ଦ୍ଦେଶନା ପାଇଁ 'ହନୁମାନ' (ତେଲୁଗୁ) ବିବେଚିତ ହୋଇଛନ୍ତି।

### 'ପୁଷ୍କରା'...

ସାଉଟିଥିଲା। ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀଙ୍କ ସହ ସୁପ୍ରିୟା ନାୟକ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଥଇଲେ। ଏହି ଚଳଚ୍ଚିତ୍ରର ପ୍ରଯୋଜନା ରମେଶ ବାରିକ କରିଥିବା ବେଳେ ଶଙ୍କର ତ୍ରିପାଠୀ କାହାଣୀ ଓ ସଂଳାପ ଲେଖିଥିଲେ। ଏଥିସହ ଚିତ୍ରନାଟ୍ୟ ରଚନା ଦାୟିତ୍ୱ ଦେବୀଦତ୍ତ ମହାନ୍ତି, ଚିତ୍ରା ପଟ୍ଟନାୟକ ଓ ଜନ୍ମେଜୟ ସିଂହ ତୁଲାଇଥିବା ବେଳେ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ପାଇଥିଲେ ଶୁଭ୍ରାଂଶୁ ଦାସ। ସେହିପରି ସଙ୍ଗୀତକାର ବିଭୁତି ଭୂଷଣ ଗଡ଼ନାୟକ ସ୍ୱର ସଂଯୋଜନା କରିଥିଲେ। ଏଥିରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି, ପିଣ୍ଟୁ ନନ୍ଦ, ତ୍ରିଭୁବନ ପଣ୍ଡା, ଅଳକା ଶତପଥୀ, ରବି ମିଶ୍ର, ଶଙ୍କର ପ୍ରଧାନ ବେଶ୍ ଜୀବନ୍ତ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟିର କାହାଣୀଟି ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ ହୋଇଥିବା ବେଳେ ଏହା ପୁଷ୍କରା ପରମ୍ପରାକୁ ଋଦ୍ଧିମନ୍ତ କରେ। ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଶୁଭ୍ରାଂଶୁ ବେଶ୍ ସଫଳତାର ସହ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ପରମ୍ପରାକୁ ପ୍ରଦର୍ଶିତ କରିପାରିଛନ୍ତି।

### ସେପ୍ଟେମ୍ବର...

ରାଜ୍ୟସଭାର ୨୩୩ ଜଣ ନିର୍ବାଚିତ ସଦସ୍ୟ ଓ ୧୨ ଜଣ ମନୋନିତ ସଦସ୍ୟ ଏବଂ ୫୪୩ ଲୋକସଭାର ନିର୍ବାଚିତ ସଦସ୍ୟ ସାମିଲ୍। କିନ୍ତୁ ଏବେ ରାଜ୍ୟସଭାରେ ୫ ଓ ଲୋକସଭାରେ ଗୋଟିଏ ଆସନ ଖାଲି ପଡ଼ିଛି। ତେଣୁ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ମୋଟ ୭୮୨ ଜଣ ଭୋଟ୍‌ଦାନ କରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ ଜଗଦୀପ ଧନଖଡ଼। ପରଦିନ ଅର୍ଥାତ୍ ୨୨ ତାରିଖରେ ରାଷ୍ଟ୍ରପତି ତାଙ୍କ ଇସ୍ତଫା ଗ୍ରହଣ କରିଥିଲେ।

### ଆଜି...

ପକ୍ଷରୁ ଆୟୋଜିତ ଏହି ଆଲୋଚନା ପରେ ସଂଗଠନ ପକ୍ଷରୁ ସରକାରଙ୍କୁ ଏକ ରିପୋର୍ଟ ଦିଆଯାଇଛି । ଗତ ଶୁଣାଣି ପରେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଆପୋଷ ଆଲୋଚନା ଦ୍ୱାରା ମହାନଦୀ ବିବାଦର ସମାଧାନ ଏକ ଜଟିଳ ବ୍ୟାପାର ହୋଇଥିବାରୁ ସନ୍ଦେହ ରହିଛି। ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବେ ନା ନ୍ୟାୟିକ ଲଢ଼େଇ ଲଢ଼ିବେ? ରାଜ୍ୟ ସରକାର ତା' ସ୍ପଷ୍ଟ କରିବାକୁ ବିରୋଧୀ ଦଳମାନେ ଦାବି କରିଛନ୍ତି।

### ଫ୍ୟାସନ...

ଯାଜପୁର ଖଣି ଅଧିକାରୀ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକଙ୍କୁ ଦେଇଥିବା ଚିଠି ଅନୁଯାୟୀ ସିକନ୍ଦର ଅଲ୍ଲୀଙ୍କୁ ଖନନ ପାଇଁ କୌଣସି ପାୱାର ଅଫ ଆଟର୍ଣ୍ଣି ଦିଆଯାଇନି। ସରକାରୀ କାଗଜପତ୍ରରେ ଏବେ ବି ନିରଞ୍ଜନ ରାଉତ ଲିଜଧାରୀ ଅଛନ୍ତି। ଏହି ଘଟଣାକୁ ନେଇ ହିମାଂଶୁ ଓ ସିକନ୍ଦରଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି। ତେବେ ସିକନ୍ଦରଙ୍କୁ ଗତ ୧୮ ତାରିଖ ଘଟଣା ଦିନ କିଏ ଅଟକାଇଥିଲେ ସେନେଇ ଏଯାଏଁ ପୁଲିସ କିଛି ବି ସ୍ପଷ୍ଟ କରିନି। ତଥାପି ହିମାଂଶୁଙ୍କ ହାତ ଥିବା ସନ୍ଦେହରେ ସିକନ୍ଦରଙ୍କ ପତ୍ନୀ ତାଙ୍କୁ ଭେଟିଥିଲେ। ଯଦି ସିକନ୍ଦରଙ୍କ ପତ୍ନୀଙ୍କୁ ହିମାଂଶୁ ଅସଦାଚରଣ କରିଥିଲେ, ତା'ହେଲେ ଘଟଣାଦିନ ସେ ଏଫଆଇଆର ଦେଇନଥିଲେ। ଘଟଣାର ପ୍ରାୟ ୧୦ ଦିନ ପରେ ସେ ଜେନାପୁର ଥାନାରେ ବିଧାୟକଙ୍କ ନାଁରେ ଅଭିଯୋଗ କରିଛନ୍ତି। ତେଣୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଗୋଟିଏ ଦଳର ଦୁଇ ନେତାଙ୍କ ମଧ୍ୟରେ ଏହି ବିବାଦ ପଛର ପ୍ରକୃତ କାରଣ କ'ଣ। ନା ସିକନ୍ଦର ଆଉ କାହା ବନ୍ଧୁକର ଗୁଳି ସାଜିଛନ୍ତି। ସେହିଭଳି ସିକନ୍ଦରଙ୍କ ପତ୍ନୀ ମଧ୍ୟ ଆଉ କାହା ପ୍ରରୋଚନାରେ ରାଜନୈତିକ ମୋହରା ସାଜୁନାହାଁନ୍ତି ତ, ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ପୁଲିସ ଏହି ଘଟଣାରେ ଉଭୟ ପକ୍ଷଙ୍କୁ ନ୍ୟାୟ ଦେବ ବୋଲି ଆଶା କରାଯାଉଛି।

### ଆଉ ଜଣେ...

ଜଣାପଡ଼ିଛି ଯେ ସେ ଶିକ୍ଷକମାନଙ୍କଠାରୁ ଟଙ୍କା ସଂଗ୍ରହ କରିବା ପରେ ଫୋନ୍‌ପେ ମାଧ୍ୟମରେ ଶ୍ରୀ ମିଶ୍ରଙ୍କୁ ୯୯ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଏବେ ଯାଞ୍ଚ କରାଯାଉଛି। କ୍ରାଇମ ବ୍ରାଞ୍ଚ ଶ୍ରୀ ଖମାରୀଙ୍କ ମୋବାଇଲ୍ ଫୋନ୍ ଜବତ କରିବା ସହ ହାତଲେଖା ନମୁନା ସଂଗ୍ରହ କରିଛି। ଏହାକୁ ପରୀକ୍ଷା ପାଇଁ ହ୍ୟାଣ୍ଡରାଇଟିଙ୍ଗ ବ୍ୟୁରୋ ଓ ସାଇବର ଫୋରେନସିକ୍‌କୁ ପଠାଯିବ ବୋଲି ଡିଆଇଜି ଶ୍ରୀ ଗଙ୍ଗାଧର କହିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଚିହ୍ନଟ ଓ ଗିରଫ କରିବା ସକାଶେ ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ। ଗତ ୨୦ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବା ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଯିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

### ଓଏଏସ୍...

ବିଜେଡି ମାର୍କା ସଂଘ ନେତାମାନେ ଓଏଏସ୍ ବାବୁଙ୍କ ଆକ୍ରମଣ ଘଟଣାରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ସଫଳ ହେବା ପରେ ସଂଘର ଶକ୍ତି ବୃଦ୍ଧି ନେଇ ପ୍ରଚାର କରିଥିଲେ। ସେହି ମଉକାରେ ସେମାନେ ଭଲ ଆଦାୟ ବି କରିଥିଲେ। ହେଲେ ସରକାର ସଂଘ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରି ମୁଖ୍ୟ ମାମଲତକାର ସାଜିଥିବା ରବି ସେଠୀଙ୍କୁ କୋରାପୁଟ ବଦଳି କରିବା ପରେ ଅନ୍ୟମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯେହେତୁ ସଂଘ ନେତାମାନେ କେବଳ ସରକାରଙ୍କ ବିରୁଦ୍ଧରେ ଲାଗୁଛନ୍ତି ତେଣୁ, ଏହି ଅବଶିଷ୍ଟ ମାମଲତକାରଙ୍କୁ ତଡ଼ିପାର ପାଇଁ ମତ ପ୍ରକାଶ ପାଉଛି ।

### ଗ୍ୟାସ ସିଲିଣ୍ଡର ଲିକ୍‌ଜନିତ ୪ଜଣ ଗୁରୁତର ଘଟଣା

## ସରକାରୀ ସହାୟତା ଦାବି



**ହିଞ୍ଜିଳିକାଟୁ,୧।୮ (ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ଗ୍ୟାସ ସିଲିଣ୍ଡର ଲିକରୁ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଥିଲେ। ସେମାନେ ହେଲେ ବିପ୍ଳବ ମହାରଣା (୬୦), ସଂଯୁକ୍ତା ମହାରଣା( ୪୫), ପ୍ରାଚୀ ମହାରଣା (୧୬) ଓ ପ୍ରିୟା ମହାରଣା (୧୪)। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର ହୋଇଥିବା ବେଳେ ସେଠୁ ପୁଣି ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି। ତେବେ ଶୁକ୍ରବାର ଦିନ ହିଞ୍ଜିଳିକାଟୁ ବିଡ଼ିଓ ସାଗରିକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପୌର ଅଧକ୍ଷ ସୁବାଷ ପୋଲାଇ, ବିଜେପି ନେତା ସନ୍ତୋଷ କୁମାର ପାଣିଗ୍ରାହୀ, ସୁଧାଂଶୁ ସାବତ, ମାଧବ ଗୌଡ଼,ଅନ୍ତର୍ଯ୍ୟାମୀ ପାତ୍ର, ରବୀନ୍ଦ୍ର ପାଣିଗ୍ରାହୀ, ରାକେଶ ରଥ ଏବଂ ଇ. ରାମପ୍ରସାଦ ପାତ୍ର ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଥିଲେ। ଗୁରୁତର ପରିବାର ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବା ବେଳେ ସରକାରୀ ଆର୍ଥିକ ସହାୟତା ପ୍ରଦାନ ପାଇଁ ଉକ୍ତ ୱାର୍ଡର ୱାର୍ଡମେମ୍ବର ଅମୁଲ୍ୟ ସାହୁ ଦାବି କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ, ପ୍ରତିବାଦରେ ରାସ୍ତାରୋକ



**ନୟାଗଡ଼,୧।୮ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ପାଣିପୋଇଲା ଏବଂ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ମଧବର୍ତ୍ତୀ ଅଞ୍ଚଳରେ ଆଜି ବସ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତ ହେଲେ ଖଣ୍ଡପଡ଼ା ଥାନା ଯୋଗିଆପଲ୍ଲୀ ଗ୍ରାମର ସ୍ୱର୍ଗତ ଧୋବା ପ୍ରଧାନଙ୍କ ପୁଅ ବଳରାମ ପ୍ରଧାନ(୨୮)। ବଳରାମ ତାଙ୍କ ବାଇକ ଯୋଗେ ନୟାଗଡ଼ ଅଭିମୁଖେ ଆସୁଥିବା ବେଳେ ଏକ ଘରୋଇ ଭିଲେଜର୍ ସହ ଦୁର୍ଘଟଣା ଘଟିଥିଲା । ଭିଲେଜର୍ ଧକ୍କାରେ ବଳରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ନୟାଗଡ଼ ଖଣ୍ଡପଡ଼ା ରାସ୍ତାରୋକ ହୋଇଥିଲା । ଖବରପାଇ ନୟାଗଡ଼ ସଦରଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିବା ବେଳେ ପରିସ୍ଥିତି ଅଣାୟତ ହୋଇଥିଲା । ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ପୋଲିସ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିବା ମଧ ଦେଖାଯାଇଛି । ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସରୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବା ସହ ବସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେଇଥିଲେ । ଦୀର୍ଘ ସମୟ ପରେ ରାସ୍ତା ଅବରୋଧ ହଟିଥିଲା ।

## ଥାନା ସ୍କାଇ ଲାଇଟ ଭାଙ୍ଗି ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୁଲିସ



**ଗୋପ,୧।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଗୋପ ପୋଲିସକୁ ଚକମା ଦେଇ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଚମ୍ପଟ ହୋଇଯାଇଥିବା ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସ୍ପେଶାଲ ଷ୍କାଡ୍ ଓ ଗୋପ ପୁଲିସର ଏକ ଟିମ୍ ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଥିବା ବେଳେ ଆଉ ଜଣଙ୍କୁ ଭୁବନେଶ୍ୱର କଳ୍ପନା ଛକରୁ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ସୂର୍ଯ୍ୟକାନ୍ତ ମହାନ୍ତି (୨୫) କ୍ରିଷ୍ଣା ସାହୁ (ବୁଟୁ,୧୯) ବୋଲି ପୁଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଗୋପ ପାଣିଛତ୍ର ଠାରେ ଏକ ଦୋକାନ ଲୁଟ୍ ମାମଲାରେ ଗତ ୨୮ ତାରିଖରେ ଭୁବନେଶ୍ୱର ଅଞ୍ଚଳରୁ ସୂର୍ଯ୍ୟକାନ୍ତ ମହାନ୍ତି ଓ କ୍ରିଷ୍ଣା ସାହୁଙ୍କୁ ଗିରଫ କରି ଗୋପ ଥାନାକୁ ଆଣି ଦୁହିଁଙ୍କୁ ଥାନାରେ ଅଟକ ରଖିଥିଲା ପୁଲିସ। ତେବେ ୨୯ ତାରିଖ ରାତି ୯ଟା ସମୟରେ ଏହି ଦୁଇ ଅଭିଯୁକ୍ତ ପରିସ୍ରା ଯିବା ନାଁରେ ଥାନା ପାଇଖାନା ସ୍କାଏଲାଇଟ ଭାଙ୍ଗି ଚମ୍ପଟ ମାରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ସଚିଦାନନ୍ଦ ଗୋଛାୟତଙ୍କ ଘରେ ପଶି ଏକ ହୁଣ୍ଡା ୟୁନିକନ ମଟର ସାଇକେଲ ଚୋରି କରି ଫେରାର୍ ହୋଇଯାଇଥିଲେ। ପୁଲିସ ପକ୍ଷରୁ ତନାଘନା ହେବା ସହ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ୨ଟି ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏ ନେଇ ଥାନାରେ ଏକ କେସ୍ ୨୩୮ /୨୫ରେ ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିଲା। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୂର୍ଯ୍ୟକାନ୍ତ ଏବଂ କଳ୍ପନା ଅଞ୍ଚଳରେ କ୍ରିଷ୍ଣା ଥିବା ସୂଚନା ମିଳିବା ପରେ ସ୍ପେଶାଲ ସ୍କାଡ୍ ଓ ଗୋପ ଥାନା ଚଢାଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ମଟର ସାଇକେଲ ସହିତ ତିନୋଟି ମୋବାଇଲ ଫୋନ ଏବଂ ୪୨୪୭ ଟଙ୍କା ଜବତ କରିଥିଲା ପୋଲିସ। ଏମାନଙ୍କ ନାମରେ ବିଭିନ୍ନ ଥାନରେ ୮ରୁ ଉର୍ଦ୍ଧ ପୂର୍ବରୁ ମାମଲା ରହିଛି ବୋଲି ପୁଲିସ ସୂଚନା ଦେଇଛି।

# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଉଦ୍‌ଘାଟିତ

### ଚୂଲିକୁ ଗଲାଣି ଓଡ଼ିଆ ଅସ୍ମିତା

### ଷ୍ଟେଜକୁ ଛାଡ଼ି ଚାରିଆଡ଼େ ଇଂରାଜୀ ପୋଷ୍ଟର ଛାଉଣି

### ସାମ୍ବାଦିକଙ୍କୁ ଅସମ୍ମାନ, ଅଧାରୁ ଚାଲିଗଲେ



**ନୟାଗଡ଼,୧।୮ (ସଂଚାର ବ୍ୟୁରୋ):** ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ୍ ପ୍ରାଙ୍ଗଣରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆଙ୍କାକ୍ଷା ହାଟ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ତଥା ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

ପଠାଣି ସାମନ୍ତ ପ୍ରେକ୍ଷାଳୟ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ସମସ୍ତ ଗଣମାଧମ ପ୍ରତିନିଧିଙ୍କୁ ଖବର ସଂଗ୍ରହ ପାଇଁ ନିମନ୍ତ୍ରଣ କରାଯାଇଥିଲା । ମାତ୍ର ଅତିଥିମାନେ ଉକ୍ତ ହାଟ ଉଦଘାଟନ କରି ସଭା ଆରମ୍ଭ କରିଥିବା ବେଳେ ଅବ୍ୟବସ୍ଥିତ କାର୍ଯ୍ୟକ୍ରମ ଯୋଗୁଁ ସାମ୍ବାଦିକମାନେ ବସିବା ପାଇଁ ଚଉକି ମଧ ନଥିଲା । ଦୀର୍ଘ ସମୟ ଧରି ଗଣମାଧମ ପ୍ରତିନିଧିମାନେ ଖରାରେ ଠିଆ ହୋଇ ରହିଥିବା ବେଳେ ଜିଲ୍ଲା ପ୍ରଶାସନ ଜାଣି ଅଜଣା ହେବାର ଅଭିନୟ କରିଥିଲା। ଯାହାକୁ ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଗଣମାଧମ ପ୍ରତିନିଧି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ନିଜର କ୍ଷୋଭ ପ୍ରକାଶ କରିବା ସହ କାର୍ଯ୍ୟକ୍ରମରୁ ଚାଲି ଯାଇଥିଲେ । ବିଗତ ଦିନରେ ବିକାଶ ମେଳା କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଅନେକ ସରକାରୀ କାର୍ଯ୍ୟକ୍ରମରେ ଏଭଳି ଅବ୍ୟବସ୍ଥା କରାଯାଇ ସାମ୍ବାଦିକଙ୍କୁ ଅସମ୍ମାନ କରାଯାଉଥିବା ଦେଖାଯାଇଛି। ଯାହାକୁ ଆଗାମୀ ଦିନରେ ଜୋରଦାର ବିରୋଧ କରାଯିବ ବୋଲି ସାମ୍ବାଦିକଙ୍କ ପକ୍ଷରୁ ସୂଚନା ମିଳିଛି ।

ସେହିପରି ଭାବେ ଓଡିଆ ଅସ୍ମିତାର ନାରା ଦେଇ ସରକାର ଗଢ଼ାହୋଇଥିବା ବେଳେ ନୟାଗଡ ଆଙ୍କାକ୍ଷା ହାଟ ଇଂରାଜୀ ବ୍ୟାନରରେ ଛାଉଣୀ ହୋଇଥିବା ଦେଖିବାକୁ ମିଳିଛି। ଆଙ୍କାକ୍ଷା ହାଟ ହେଉଛି କିନ୍ତୁ ଷ୍ଟେଜ କୁ ଛାଡି ଦେଲେ ୪୦ଟି ଷ୍ଟଲରେ ଇଂରାଜୀରେ ଆଙ୍କାକ୍ଷା ହାଟ ଲେଖା ହୋଇଥିବା ଦେଖିବାକୁ ମିଳିଥିଲା। ଏମିତିକି କିଛି ଲୋକ ମଧ କଣ ହେଇଛି ବୋଲି ପଚାରିଥିଲେ। ଆଉ କିଛି କହିଲେ ଓଡ଼ିଆ ଅସ୍ମିତା କହି ଆସିଲେ, ଓଡ଼ିଆ ରେ ସବୁ କାଗଜ ପତ୍ର ହେବାକୁ ଚିଠି ହେଲା କିନ୍ତୁ କାର୍ଯ୍ୟକାରୀ ହେଉନଥିବାରୁ ଅସନ୍ତୋଷ ପ୍ରକାଶଥିଲେ।

## ବିଧାୟକଙ୍କ ଦ୍ୱାରା ନବନିର୍ମିତ ପାଚେରୀ ଓ ଫାଟକ ଉଦ୍‌ଘାଟିତ



**ନାଉଗାଁ,୧।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟରେ ନବ ନିର୍ମିତ ପାଚେରୀ ଓ ଫାଟକକୁ ଶୁକ୍ରବାର ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ଦାସ ଯୋଗ ଦେଇ ବିଦ୍ୟାଳୟରେ ଥିବା ସମସ୍ତ ସମସ୍ୟା ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପିଲାମାନଙ୍କ ଖେଳ କସରତ ପାଇଁ ଥିବା ଖେଳ ପଡ଼ିଆରେ ଏକ ପାର୍କ ନିର୍ମାଣ କରିବା ସହିତ ବିଦ୍ୟାଳୟର ଆବଶ୍ୟକୀୟ ଭିତିଭୂମି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଗ୍ରାମାଞ୍ଚଳରେ ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ସ୍ଥାନୀୟ ପିଲାମାନେ ଶିକ୍ଷା ଲାଭ କରି ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ପ୍ରଦର୍ଶନ କରିଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରର୍ଯ୍ୟାୟକ୍ରମେ ବିଦ୍ୟାଳୟରେ ଥିବା ସମସ୍ତ ସମସ୍ୟାଙ୍କୁ ସମାଧାନ କରାଯିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ଅକ୍ଷୟ କୁମାର ବଡୁ, ପୂର୍ବତନ ପରିଚାଳନା କମିଟିର ସଦସ୍ୟ ରବୀନ୍ଦ୍ର ଓଝା, ପୂର୍ବତନ ପରିଚାଳନା କମିଟିର ସଭାପତି ନିଳୁରାମ ଜେନା, ବିଶ୍ୱନାଥ ବେହୁରା, ବିଦ୍ୟାଳୟର ଅଧାପକ ଡ. ନିରଞ୍ଜନ ବିଶ୍ୱାଳ ଆଦି ଯୋଗ ଦେଇଥିଲେ। ଅଧାପକ ଧିରେନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପ୍ରତାପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ହରି ପ୍ରସାଦ ପତି, ସନ୍ତୋଷ ଆଚାର୍ଯ୍ୟ, କ୍ରିଡା ଶିକ୍ଷକ ଏସ.କେ. ବର୍କତିଲ୍ଲା, ରିତେଶ ନାୟକ ଆଦି ପରିଚାଳନା କରୁଥିଲେ।

## ଚାଷୀ ପଞ୍ଜିକରଣ ସମୟ ସୀମା ବୃଦ୍ଧି ଦାବି କଲା କୃଷକ ସଂଗଠନ

**ବ୍ରହ୍ମପୁର,୧।୮ (ସଂଚାର ବ୍ୟୁରୋ):** ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପି.ହରିକୃଷ୍ଣ ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।



ଜିଲ୍ଲାରେ ବର୍ଷା ଅଭାବରୁ ଧାନରୁଆ ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ପ୍ରଶାସନ ଚାଷୀ ପଞ୍ଜିକରଣ ୨୦ ତାରିଖ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇ ପାରିବ ନାହିଁ । ଏଣୁ ଚାଷୀ ପଞ୍ଜିକରଣ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିବା ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ୧୪ ତାରିଖ ବୃଦ୍ଧି ଘୋଷଣା କରିଛନ୍ତି। ଯାହାଦ୍ୱାରା ସମସ୍ତ ଚାଷୀ ଫସଲ ବୀମାରୁ ବଞ୍ଚିତ ହେବେ। ଏଣୁ ୩୦ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି ଦାବୀ କରିଛନ୍ତି। ରାଜ୍ୟ ସରକାରଙ୍କ କମ୍ପାନୀ ପ୍ରୀତି ଯୋଗୁ ଚାଷୀ ଦୁଃଖ ଓ ଦୟନୀୟ ଅବସ୍ଥାରେ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଚାଷୀ ତାହାର ହକ ୩୩ ପ୍ରତିଶତ ଭାଗ କ୍ଷତି ହେଲେ ବୀମା କ୍ଷତି ପୂରଣ ମିଳିବ ଘୋଷଣା କରି ଚାଷୀଙ୍କୁ ପ୍ରତାରଣା କରିଛନ୍ତି । ଯାହାକୁ ନେଇ ଫସଲ ବୀମାକ୍ଷତି ଅର୍ଥ ପାଇବା ଓ ଫସଲ ବୀମା ଯୋଜନା କାର୍ଯ୍ୟକାରି କରିବା, ସଚେତନ କରିବା ନିମନ୍ତେ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ବ୍ଲକ୍ କୃଷି କାର୍ଯ୍ୟାଳୟ ରେ ଦସ୍ତର ଖୋଲିବା ଦାବୀ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଏହି ବୈଠକରେ ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼. ସରପଞ୍ଚ ବୈରାଗୀ ବେହେରା, ଉପସଭାପତି ବିଜୟ ବିଷୋୟୀ ,ସହ ସମ୍ପାଦକ ପି ଶିବ ଶଙ୍କର, ବିଭୁ ପ୍ରସାଦ ପାଣିଗ୍ରାହୀ, ନୀଳମଣି ଗୁରୁ ପ୍ରମୁଖ ଯୋଗ ଦାନ କରିଥିଲେ।

## ଜାତୀୟ କୃମି ନାଶକ ଦିବସ - ୨୦୨୫ ପାଳିତ

**ଖୋର୍ଦ୍ଧା,୧।୮ (ସଂଚାର ବ୍ୟୁରୋ):** ଆଜି ମଧ୍ୟାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ ସମ୍ମିଳନୀ କକ୍ଷରେ ଜାତୀୟ କୃମି ନାଶକ ଦିବସ ଓ କୃମି ନିରାକରଣ ନିମନ୍ତେ ବିଭାଗୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୨ ଅଗଷ୍ଟ ଦିନ ଖୋର୍ଦ୍ଧା ଜିଲ୍ଲାର ୧ ରୁ ୧୯ ବର୍ଷ ପିଲା ଏବଂ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ମହିଳା ମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ସମସ୍ତ ବିଦ୍ୟାଳୟ ମାନଙ୍କରେ ଆଲବେଣ୍ଡଜାଲ ବଟିକା ପ୍ରଦାନ କରାଯିବ। ରକ୍ତ ହୀନତା ଏବଂ ଅସୁସ୍ଥତାରୁ ଦୂରେଇ ରଖିବାକୁ ସରକାରଙ୍କ ତରଫରୁ ପ୍ରତିବର୍ଷ ଫେବୃୟାରୀ ଏବଂ ଅଗଷ୍ଟ ମାସରେ ଏହି ଔଷଧ ପ୍ରଦାନ କରାଯାଉଅଛି । ଖୋର୍ଦ୍ଧା ଜିଲ୍ଲାର ୨୧୧୮ ବିଦ୍ୟାଳୟ ଏବଂ ୨୬୦୧ ଅଙ୍ଗନୱାଡ଼ି କେନ୍ଦ୍ରରେ ୭୬୫୦୭୪ ଜଣ ପିଲାଙ୍କୁ ଓ ୧୧୫୮୩୧ ମହିଳା ମାନଙ୍କୁ ଏହି ବଟିକା ପ୍ରଦାନ କରାଯାଇ ସୁସ୍ଥ ଖୋର୍ଦ୍ଧା ଭିଜନକୁ ସାକାର କରିବାକୁ ପଦକ୍ଷେପ ନିଆଯିବ ବୋଲି ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରକାଶ କରିଛନ୍ତି।

## କୁଶଭଦ୍ରା ନଦୀ ବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ଗୋପ,୧।୮ (ସଂଚାର ବ୍ୟୁରୋ):** ଆଜି ସକାଳୁ ଗୋପ କୁଶଭଦ୍ରା ନଦୀ ବନ୍ଧ ରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଗୋପ ଥାନା ଅନ୍ତର୍ଗତ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ତରଡାପଡା ଗ୍ରାମର ସତ୍ୟ ରଂଜନ ନାଏକ। ତାଙ୍କ ଭାଇ ପ୍ରିୟ ରଂଜନ ନାଏକ ଙ୍କ ଅଭିଯୋଗ ମୁତାବକ ସତ୍ୟ ମିସ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ଗତକାଲି ରାତିରେ କାର୍ଯ୍ୟ ସାରି ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ସାଇକେଲରେ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ବନ୍ଧ ତଳକୁ ଖସି ପଡ଼ିଥିଲେ। ସେଠାରେ ତାର ମୃତ୍ୟୁ ହୋଇଥିଲା।ସକାଳୁ ଖବରପାଇ ଆସି ଦେଖିବା ସହିତ ଗୋପ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଘଟଣା ସ୍ଥଳରେ ବିଭିନ୍ନ କଥା ଆଲୋଚନା ହେଉଥିବା ଶୁଣିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ କେହି ତାକୁ ଯୋଜନାବଦ୍ଧ ଭାବରେ ମାରି ପକାଇଦେଇଥିବା ଶୁଣିବାକୁ ମିଳୁଛି। ଅଭିଯୋଗ ପରେ ସାଇଣ୍ଟିଫିକ୍ ଟିମ୍ ସହ ଗୋପ ପୋଲିସ ତଦନ୍ତ କରି ଫେରିଛନ୍ତି। ଏନେଇ ପୋଲିସ ପକ୍ଷରୁ ୧୫/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।

## ସାଂସଦଙ୍କ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମହାବିଦ୍ୟାଳୟ ପରିଦର୍ଶନ

**ନାଉଗାଁ,୧।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିନିଧି ଓ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରତିନିଧି ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ବିଷୟରେ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଚିଦାନନ୍ଦ ପଣ୍ଡାଙ୍କ ଅନୁପସ୍ଥିତିରେ ଡାକ୍ତର ଅନୁଭବ ଦାସଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ରହିବା ପାଇଁ କ୍ୱାର୍ଟର ସମସ୍ୟା, ଡାକ୍ତରଖାନା ପରିସରରୁ ବର୍ଷା ଦିନେ ଜଳ ନିଷ୍କାସନ ନହୋଇ ପାରିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଡ୍ରେନଜ ସୁବିଧା କରିବା, ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ସମସ୍ୟା ବଷୟରେ ଆଲୋଚନା କରାଯାଇଥିଲା। ସେହିପରି ମହାବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସାଂସଦଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିନିଧି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟର ପ୍ରତିନିଧି ଦେବଦର୍ଶୀ ରାୟ, ମିଡିଆ ସେଲର ଆବାହକ ଗଣେଶ ପ୍ରସାଦ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରତିନିଧି ଚିତରଞ୍ଜନ ପଣ୍ଡା, ପୌର ଉପାଧକ୍ଷ ରାଜେନ୍ଦ୍ର ବିଶୋଇ, ବିଜେପିର ଯୁବମୋର୍ଚ୍ଚା ସଦସ୍ୟ ଜ୍ଞାନରଞ୍ଜନ ପରିଡ଼ା, ଓବିସି ମୋର୍ଚ୍ଚାର ସଦସ୍ୟ ସୋରେନ ସାହୁ, ରାଜନ ସାହୁ ଆଦି ଉକ୍ତ ପରିଦର୍ଶନରେ ଆସିଲେ। ସମସ୍ୟା ସମ୍ପର୍କରେ ସାଂସଦଙ୍କୁ ଅବଗତ କରାଯିବ ବୋଲି ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



### ଆକ୍ସନ ମୋଡ୍‌ରେ ପୌର ନିର୍ବାହୀ ଅଧିକାରୀ

## ସମସ୍ୟାର ସମାଧାନ ସହ ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ



**ହିଞ୍ଜିଳିକାଟୁ,୧।୮ (ସଂଚାର ବ୍ୟୁରୋ):** ହିଂଜିଳିକାଟୁ ପୌରପରିଷଦର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସୁକାନ୍ତ ଚନ୍ଦ୍ର ବେଉରା ଗତ ୧୮ ତାରିଖରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ବେଉରା ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟରତ ଥିଲେ । କାର୍ଯ୍ୟରେ ଯୋଗ ଦେବା ପରଠୁ ସକାଳୁ ସକାଳୁ ସହର ସାରା ବୁଲି ସଫେଇ କାର୍ଯ୍ୟ କିପରି ହେଉଛି ଓ ଦୋକାନ ମାନଙ୍କ ଆଗରେ ସ୍ୱଚ୍ଛତା କେମିତି ରହୁଛି ତାକୁ ନେଇ ତଦାରଖ କରୁଛନ୍ତି। ବିଜୁ ପଟ୍ଟନାୟକ ଛକ, ରାଜା ସାହି, ରେଗିଡ଼ି ସାହି, କଲେଜ ଛକ, ତାରାତାରିଣୀ ଛକ ଏବଂ ବ୍ଲକ ଛକ ପରିଦର୍ଶନ କରି କିଛି ସ୍ଥାନରେ ଡ୍ରେନ ଉପରେ ପ୍ଲେଟ ନଥିବା ନଜରକୁ ଆସିଥିଲା। ପରେ କନିଷ୍ଠ ଯନ୍ତ୍ରୀଙ୍କୁ ଖୁବଶୀଘ୍ର ଡ୍ରେନରେ ପ୍ଲେଟ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ଜଣାଇଥିଲେ। ବୁଧବାର ସକାଳେ ପରିବା ବଜାର ଯାଇ ବ୍ୟବସାୟୀ ମାନଙ୍କୁ ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦିଅନ୍ତୁ କହିଥିବା ବେଳେ ରାସ୍ତା ଉପରକୁ ଜିନିଷ ଆଣି ଟ୍ରାଫିକ ସମସ୍ୟା କରନ୍ତୁନି ନେଇ ଦୋକାନୀ ମାନଙ୍କୁ କହିଥିଲେ। ପରେ ଗୁରୁବାର ସନ୍ଧ୍ୟା ସମୟରେ ହିଞ୍ଜିଳି ବସଷ୍ଟାଣ୍ଡ ପରିଦର୍ଶନ କରି ଯାତ୍ରୀମାନଙ୍କ କଣ ଅସୁବିଧା ରହୁଛି ଓ ପରିସର କେମିତି ସ୍ୱଚ୍ଛତା ରହୁଛି ତାହା ତଦାରଖ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ଅନୁଯାୟୀ ୨୦୨୪-୨୫ ବର୍ଷରେ ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ ଜାତୀୟ ସ୍ତରରେ ୧୧ତମ ସ୍ଥାନରେ ହିଞ୍ଜିଳିକାଟୁ ପୌର ପରିଷଦ ରହିଥିଲା। ସେଥିରେ ଉନ୍ନତି ଆଣିବାକୁ ସହରବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ବେଉରା ସୂଚନା ଦେଇଥିବା ବେଳେ ପୌରପରିଷଦର ସମସ୍ତ ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟିଦେବେ ବୋଲି ପ୍ରକାଶ କରିଛନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ବ୍ରହ୍ମପୁର,୧।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ସର୍ବପୁରାତନ ଖଲିକୋଟ ବିଶ୍ୱବିଦ୍ୟାଳୟର ୧୪୮ତମ ଏବଂ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ଦିନ ଖଲିକୋଟ କଲେଜ ଅଡିଟୋରିୟମ ହଲ ପରିସରରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ସଭାପତିତ୍ୱ କରିଥିଲେ।



ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡ଼ା କୃଷ୍ଣ ମୋହନ ପାଠୀ ଯୋଗଦେଇ ଖଲିକୋଟ କଲେଜ ପ୍ରତିଷ୍ଠା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଜର୍‌ର ଡିନ୍ ଜୟଦିପ ମୁଖପାଧ୍ୟାୟ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତର କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ ଜଗଦାନନ୍ଦ ଯୋଗଦେଇ ଖଲିକୋଟ କଲେଜର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଶିକ୍ଷାନୁଷ୍ଠାନ ସାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସ୍ୱାଗତ ଅଭିଭାଷଣରେ ଖଲିକୋଟ ଏକକ ବିଶ୍ୱବବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ୟୁଜିସିର ୧୨/ବି ମାନ୍ୟତା ହାସଲ କରିଥିବା ସୂଚନା ପ୍ରଦାନ କରିଥିଲା। ଏହାସହିତ ବିଶ୍ୱବିଦ୍ୟାଳୟରେ ୱାଇଫାଇ ସେବା ପାଇଁ ୬ କୋଟି ଟଙ୍କା ଏବଂ ଜି- ୫ ଢାଞ୍ଚାରେ କୋଠା ନିର୍ମାଣ ପାଇଁ ୨୪ କୋଟି ଟଙ୍କା ଅନୁଦାନ ହାସଲ କରିଥିବା ସୂଚନା ପ୍ରଦାନ କରିଥିଲେ । ଏକକ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ ଡ଼ା ମନୋଜ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀରେ ୨୦୨୧ରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିବା ବେଳେ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦-୨୦ ପ୍ରଚଳିତ ଥିବା ବେଳେ ଡିଜିଟାଲ ପଦ୍ଧତିରେ ଶିକ୍ଷାଦାନ ପାଇଁ ପ୍ରଚେଷ୍ଟା ଜାରି ରହିଥିବା ସୂଚନା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ୧୪୮ ତମ ପ୍ରତିଷ୍ଠା ଦିବସରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହିତ ଛାତ୍ରଛାତ୍ରୀଙ୍କ ମଧରେ ହୋଇଥିବା ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ଅତିଥିଗଣ । ଏହି ଅବସରରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର "ବ୍ରହ୍ମବାଣୀ" ସ୍ମରଣିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ।

## ଡିଜିଟାଲ୍ ପରିବର୍ତ୍ତନ ଓ ନୂତନ ଉଦ୍‌ଭାବନକୁ ନେଇ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧।୮ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ) ପକ୍ଷରୁ ନିକଟରେ 'ଡିଜିଟାଲ୍ ପରିବର୍ତନ ଏବଂ ନୂତନ ଉଦ୍‌ଭାବନ' ସମ୍ପର୍କିତ ଏକ ଦିବସୀୟ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରର ଉପୁଜୁଥିବା ସମସ୍ୟାର ମୁକାବିଲା କରିବା ନିମନ୍ତେ ଡିଜିଟାଲ୍ ପରିବର୍ତନ ଏବଂ ନୂତନ ଉଦ୍‌ଭାବନ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମାଜରେ ଶୈକ୍ଷିକ ଜ୍ଞାନର ପ୍ରଭାବ ସମ୍ପର୍କରେ ମତ ରଖିବା ସହ ବହୁ ବିଷୟକ ଉଦ୍‌ଭାବନ ଓ ଡିଜିଟାଲ୍ ପରିବର୍ତନର ପ୍ରଭାବ ସମ୍ମିଳିତ ବିକାଶ ଉପରେ ପଡ଼ିବାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ରଖିଥିଲେ।

କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ସେଂଟର ଫର ବାୟୋଟେକ୍ନୋଲଜିର ପ୍ରଫେସର ଏଙ୍କେଟେଶ୍ୱର ସୁବୁଦ୍ଧି ଏବଂ ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଯୋଗ ଦେଇଥିଲେ। ସମ୍ମିଳନୀର ପରିଚାଳନା ସଂଯୋଜକ ପ୍ରଫେସର ଦାଶ ସମ୍ମିଳନୀର ପ୍ରସଙ୍ଗ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ ସଷ୍ଟେନେବୁଲ ଇନୋଭେସନ୍: ଆନ୍ ଇନ୍‌ଟରଡିସିପ୍ଲିନାରୀ ଆପ୍ରୋଚ ଟୁ ବିଜିନେସ, ହେଲ୍‌ଥ, ଲ, ଏଗ୍ରିକଲ୍‌ଚର ଆଣ୍ଡ ସୋସାଇଟି' ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ।



କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ଓ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଦାଶ ସମ୍ମିଳନୀର ରିପୋର୍ଟ ପ୍ରଦାନ କରିଥିବା ବେଳେ ସମ୍ମିଳନୀର ସଂଯୋଜକ ପ୍ରଫେସର ପ୍ରୀତି ୱାଇ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦେଲେ 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା

# ସାଧାରଣ ଲୋକର କଥା କୁହେ ସମ୍ବଲପୁର ଭାଷା

- ସମଲେଶ୍ୱରୀଙ୍କ ଆଶୀର୍ବାଦରେ ପାଳନ ପାଇଁ ଆହ୍ୱାନ
- ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରୀ ସାହିତ୍ୟ ସାଧକ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ପବିତ୍ର ଜନ୍ମଦିନ ଅବସରରେ ପାଳିତ ହେଉଥିବା 'ସମ୍ବଲପୁରୀ ଦିନ୍'ର ଶୁଭେଚ୍ଛା ଜଣାଇଛନ୍ତି। ଏକ ଭିଡ଼ିଓ ବାର୍ତ୍ତା ଜାରି କରି ଶ୍ରୀ ପ୍ରଧାନ ଗୁରୁ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ 'ସମ୍ବଲପୁରୀ ଦିନ୍' ପାଳନ ଉପରେ ଆଜି ସମଗ୍ର ବିଶ୍ୱର ନଜର ପଡ଼ିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ 'ସମ୍ବଲପୁରୀ ଦିନ୍'ର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ଭାଷା, ନିଜର ସାହିତ୍ୟ ଓ ନିଜର ସଂସ୍କୃତି ପ୍ରତି ଗୌରବମୟ ପରିଚୟ ତିଆରି କରିବାର ପ୍ରଚେଷ୍ଟା। ଗୁରୁ ଶ୍ରୀ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗୋଟିଏ ଗରିମାମୟ ପରିଚୟ ଦେବା ପାଇଁ ନିଜର ଜୀବନକୁ ସମର୍ପିତ କରିଥିଲେ। ସମ୍ବଲପୁରୀ ଭାଷା ଏକ ମଧୁର ଭାଷା, ସମ୍ବଲପୁରୀ ସାହିତ୍ୟ ଉଚ୍ଚକୋଟୀର ଜୀବନ-ଦର୍ଶନର ସାହିତ୍ୟ, ସମ୍ବଲପୁରୀ ସଂସ୍କୃତି ଅନ୍ୟର ଉପକାର ଓ ଅନ୍ୟର ଜୀବନରେ ଖୁସି ଆଣିଦେବାର ମହାନ ସଂସ୍କୃତି। ସମ୍ବଲପୁର ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ସାଧାରଣ ଲୋକର କଥା କୁହେ। ଏଥିସହ ସମ୍ବଲପୁର ଅଞ୍ଚଳର ବାନ୍ଧକଳାର ରଙ୍ଗିନ ହାତବୁଣା କପଡ଼ା, ମନମୋହକ ନାଚ-ଗୀତ, ଖାଦ୍ୟପେୟ ସମ୍ବଲ ଜିଲ୍ଲାକୁ ଅନନ୍ୟ ପରିଚୟ ଦେଇଛି। ଏନେଇ ଗୁରୁ ଶ୍ରୀ ବହିଦାର ଲେଖିଥିଲେ 'ସମ୍ବଲପୁରର ମାଟି ପାନି, ଝରଝରି ହୀରା ନାଲା, ଜେ-ଜେ-ମାଁ ସମଲେଇ ଗୋ, ଧେନ୍ ଧେନ୍ ଜୋର୍ ଲୀଳା।' ସେ ଆହୁରି କହିଛନ୍ତି ଯେ ଆଜି ଆମର ଭାଷା, ସାହିତ୍ୟ, ସଂସ୍କୃତିକୁ ବିଶ୍ୱ ଦରବାରରେ ଉଜାଗର କରିବାର ସମୟ ଉପନୀତ ହୋଇଛି। ସମ୍ବଲପୁର ଅଞ୍ଚଳ ବିଚାର ଓ ସଂସ୍କୃତିକୁ ଆଧାର କରି ଭାଇଚାରା ବଢ଼ାଇବାର ଆବଶ୍ୟକତା ରହିଛି। ଆଜିର ସମୟ ହେଉଛି ଟେକ୍ନୋଲୋଜିର ସମୟ। ଆମର ଉନ୍ନତ ଭାଷା, ସାହିତ୍ୟ, ସଂସ୍କୃତି, ନାଚଗୀତ, ଖାଦ୍ୟପେୟ, ସାଂସ୍କୃତିକ ଉତ୍ସବ ଓ ବାନ୍ଧକଳାର କପଡ଼ା ସହ ଟେକ୍ନୋଲୋଜିକୁ ଯୋଡ଼ିବା। ଏହି କାମର ଦାୟିତ୍ୱ ଯୁବପିଢ଼ିକୁ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଗୁରୁ ଶ୍ରୀ ବହିଦାରଙ୍କର ଜନ୍ମଦିନରେ 'ସମ୍ବଲପୁରୀ ଦିନ୍' ଭାବେ ପାଳନ କରିବା ଦିଗରେ 'ପଶ୍ଚିମାଞ୍ଚଳ ଏକତା ମଞ୍ଚ'ର ସମର୍ପିତ ଉଦ୍ୟମ ଆଉ ଲୋକମାନଙ୍କର ସହଯୋଗ ବହୁତ ପ୍ରଶଂସନୀୟ। ତେଣୁ ଆସନ୍ତୁ ମା' ସମଲେଇଙ୍କର ଆଶୀର୍ବାଦ ନେଇ ହାତରେ ହାତ ମିଶାଇ ସମ୍ବଲପୁରୀ ଅସ୍ମିତାର ପରବ 'ସମ୍ବଲପୁରୀ-ଦିନ୍' ପାଳନ କରିବା। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ମହକକୁ ସାରା ଦୁନିଆରେ ପ୍ରଚାର କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

# ୧୦ରେ ଡବ୍ଲ୍ୟୁଏସିଟିବି ପ୍ରତିଯୋଗିତା

- ପ୍ରସ୍ତୁତିର ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ
- ଯୋଗଦେବେ ୧୯ ଦେଶର ୨୦୦ ପ୍ରତିଯୋଗୀ



ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଆସନ୍ତା ଅଗଷ୍ଟ ୧୦ ତାରିଖରେ ଏହି ବିଶ୍ୱ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ଏନେଇ ଆଜି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଉକ୍ତ ପ୍ରତିଯୋଗିତା ଆୟୋଜନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ପ୍ରଶାସନ ସହଯୋଗରେ ଯେପରି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ, ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବାଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟଠାରୁ ଆରମ୍ଭ କରି ଲଜିଷ୍ଟିକ୍ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡିୟମ୍‌ରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଓ ଅଂଶୀଦାରମାନଙ୍କ ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଓ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ୧୦ରେ ଏହି ପ୍ରତିଯୋଗିତାର ଆୟୋଜିତ ହେବାକୁ ଥିବା ବେଳେ ଏଥିରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟ ଆୟୋଜନ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜିତ ହେବା ନିଶ୍ଚିତ ଭାବେ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଆଲୋଚ୍ୟ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶା ବ୍ୟକ୍ତ କରିଛନ୍ତି। ଏହି ପ୍ରସ୍ତୁତି ସମୀକ୍ଷାରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ, ଅତିରିକ୍ତ ପୁଲିସ କମିଶନର ଭୁବନେଶ୍ୱର ନରସିଂହ ଭୋଳ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।

### କନିଷ୍ଠ ଯନ୍ତ୍ରୀଙ୍କୁ ପରିସ୍ରା ପିଆଇବା ଘଟଣା

## ପରୀକ୍ଷା ହେବ ସମସ୍ତ କର୍ମଚାରୀଙ୍କ ପରିସ୍ରା




ମୋହନା,୧।୮ (ସଂଚାର ବ୍ୟୁରୋ) : ଗଜପତି ଜିଲ୍ଲା ଆର. ଉଦୟଗିରି ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କନିଷ୍ଠ ଯନ୍ତ୍ରୀ ସଚିନ ଗୌଡ଼ଙ୍କୁ ପରିସ୍ରା ପିଆଇବା ଘଟଣାରେ ପୋଲିସର ତଦନ୍ତ । ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା ହେବ । ଘଟଣାରେ ପିଅନ ଶିବ ନାରାୟଣ ନାୟକଙ୍କୁ ପଚରାଉଚରା କରି ଛାଡ଼ିଛି ପୋଲିସ। ଘଟଣାରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କାର୍ଯ୍ୟାଳୟରେ ଥିବା ସମସ୍ତ କର୍ମଚାରୀଙ୍କ ପରିସ୍ରା ନମୁନା ପରୀକ୍ଷା କରାଯିବ । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆର.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀ କହିଛନ୍ତି । ସୂଚନା ଅନୁଯାୟୀ, ଗତ ୨୨ତାରିଖ ଦିନ ଆର.ଉଦୟଗିରି ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ ସଚିନ ଗୌଡ଼ ଯୋଗଦେଇଥିଲେ । ୨୩ ତାରିଖ ରାତିରେ ଯନ୍ତ୍ରୀ ତାଙ୍କ ବାସଭବନରେ ଖାଇ ସାରିବା ପରେ ପିଅନ ଶିବ ନାରାୟଣଙ୍କୁ ପାଣି ମାଗିଥିଲେ । ପିଅନ ଏକ ପ୍ଲାଷ୍ଟିକ ବୋତଲରେ ପାଣି ଆଣି ଦେଇଥିଲେ। ପାଣି ପିଇବା ପରେ ଯନ୍ତ୍ରୀଙ୍କୁ ତାହା ପରିସ୍ରା ଭଳି ଲାଗିବାରୁ ଅଫିସ ଲ୍ୟାବରେ ପରୀକ୍ଷା କରାଇଥିଲେ । ପାଣିରେ ପରିସ୍ରା ନମୁନା ବାହାରିଥିଲା। ପାଣି ବଦଳରେ ତାଙ୍କୁ ପରିସ୍ରା ଦିଆଯାଇଥିବା ଯନ୍ତ୍ରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ହେଲେ ଘଟଣାରେ କୌଣସି ତଦନ୍ତ କରାଯାଇନଥିଲା । ଏନେଇ ଗତ ବୁଧବାର ଦିନ ଯନ୍ତ୍ରୀ ଆର. ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରୁଛି ।

## ଭିଜିଲାନ୍ସ ଜାଲରେ ତହସିଲ କର୍ମଚାରୀ

- ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ



ଯାଜପୁର ରୋଡ୍,୧।୮(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ବ୍ୟାସନଗର ତହସିଲ କାର୍ଯ୍ୟାଳୟର ଜଣେ ବରିଷ୍ଠ କର୍ମଚାରୀ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ କିରାଣି ହେମନ୍ତ କୁମାର ପେରେଇ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ସେଠାରେ ପୂର୍ବରୁ ମହଜୁଦ ଥିବା ଭିଜିଲାନ୍ସ ଟିମ୍‌ର ସଦସ୍ୟମାନେ ମାଡ଼ିବସିଛନ୍ତି। ମିଳିଥିବା ସୂଚନାନୁସାରେ, କୋରେଇ ଥାନା ବରୁଣ୍ଡେଇ ଅଞ୍ଚଳର ଲକ୍ଷ୍ମୀଧର ସାହୁ ନାମକ ବ୍ୟକ୍ତିଙ୍କଠାରୁ ଶ୍ରୀ ପେରେଇ ଲାଞ୍ଚ ମାଗିଥିଲେ। ବ୍ୟକ୍ତିଗତ ଜମିର ସୀମା ନିର୍ଦ୍ଧାରଣ ପାଇଁ ଲକ୍ଷ୍ମୀଧର ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ। ଶେଷରେ ଏହି କାମ କରାଇଦେବା ସକାଶେ ଶ୍ରୀ ପେରେଇ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ତେବେ ସେ ଏତେ ଟଙ୍କା ଦେବାକୁ ସକ୍ଷମ ନୁହଁନ୍ତି ବୋଲି କହିଥିଲେ ହେଁ ଶ୍ରୀ ପେରେଇ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶେଷରେ ବାଧ୍ୟ ହୋଇ ଲକ୍ଷ୍ମୀଧର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ଆଜି ତହସିଲ କାର୍ଯ୍ୟାଳୟରେ ଲକ୍ଷ୍ମୀଧର ପହଞ୍ଚି ଶ୍ରୀ ପେରେଇଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ସେଠାରେ ମହଜୁଦ ଥିବା ଭିଜିଲାନ୍ସ ଟିମ୍ ଶ୍ରୀ ପେରେଇଙ୍କୁ ଉକ୍ତ ଟଙ୍କା ସହ ମାଡ଼ିବସିଥିଲେ।

## ମହିଳା ଥାନାରେ ଓଏଏସ୍ ଅଧିକାରୀ




ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ଗତକାଲି ପତ୍ନୀ ଅବହେଳା ଅଭିଯୋଗ ନେଇ ଥାନାରେ ପହଞ୍ଚିଥିବା ବେଳେ ଆଜି ନିଜ ମାମଲା ନିଜେ ପରିଚାଳନା କରିବେ ବୋଲି କହିଛନ୍ତି ଓଏଏସ୍ ଅଧିକାରୀ ସାର୍ଥକ ସୌରଭ ମହାପାତ୍ର। ଆଜି ଭୁବନେଶ୍ୱର ମହିଳା ଥାନାରେ ହାଜର ହେବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ମୁଁ ଅତୁଲ ସୁଭାଷ ନୁହେଁ, ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବି। ଏଥିସହ ପତ୍ନୀ ଅର୍ଚ୍ଚନା ଦାସଙ୍କ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ମୋ ଛଡ଼ା ମା'ର କେହି ନାହାନ୍ତି। ମା' ଓ ଭଉଣୀଙ୍କୁ ମୁଁ ସହଯୋଗ କରିବା ନିହାତି ଆବଶ୍ୟକ। ତା'ଛଡ଼ା ପତ୍ନୀ ତାଙ୍କୁ କଦାପି ସହଯୋଗ କରିନଥିବା ଶ୍ରୀ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ମା'ଙ୍କ ପାଇଁ ସମୟ ଦେବା କଦାପି ଅପରାଧ ନୁହେଁ। ପତ୍ନୀ ମା' ହେଲେ ସବୁକିଛି ସୁଧୁରିଯିବ ବୋଲି ଭାବିଥିଲେ ମଧ୍ୟ ସେମିତି କିଛି ହେଲାନାହିଁ। ପିଲା ଜନ୍ମ ହେବା ପରେ ହସ୍ପିଟାଲରେ ପତ୍ନୀଙ୍କ ନିକଟରେ ରହି ୩ ଦିନ ପର୍ଯ୍ୟନ୍ତ ସବୁକିଛି କରିଥିଲେ ଶ୍ରୀ ମହାପାତ୍ର। ତେବେ ପତ୍ନୀ କରିଥିବା ଅଭିଯୋଗରେ ଆବଶ୍ୟକ ସ୍ଥଳେ ସେ କୋର୍ଟରେ ପହଞ୍ଚିବେ। କୋର୍ଟଙ୍କ ଉପରେ ତାଙ୍କର ଭରସା ଅଛି। ମହାପ୍ରଭୁ ଜଗନ୍ନାଥ ମଧ୍ୟ ତାଙ୍କୁ ଆଶୀର୍ବାଦ କରିବେ ବୋଲି ସାର୍ଥକ କହିଛନ୍ତି। ପତ୍ନୀ ଅର୍ଚ୍ଚନା ସାଂଘାତିକ ଅଭିଯୋଗ ଆଣିବା ପରେ ଶ୍ରୀ ମହାପାତ୍ର ଆଜି ମହିଳା ଥାନାରେ ହାଜର ହୋଇଥିଲେ। ସେ ମା' ହେବା ପରେ ତାଙ୍କୁ ଓ ନବଜାତ ପୁଅ ପ୍ରତି ସ୍ୱାମୀ ସୌରଭ ଅବହେଳା କରୁଛନ୍ତି ବୋଲି ଅର୍ଚ୍ଚନା ଅଭିଯୋଗ କରିଛନ୍ତି। ଏଥିସହ ସେ ସ୍ୱାମୀଙ୍କ ସହ ଶାଶୂ ଓ ନଣନ୍ଦଙ୍କ ନାଁରେ ମଧ୍ୟ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅର୍ଚ୍ଚନା ଗତ ମେ' ୧୦ରେ ସେ ଏଠାକାର ଏକ ଘରୋଇ ହସ୍ପିଟାଲରେ ଶିଶୁପୁତ୍ର ଜନ୍ମ ଦେଇଥିଲେ। କିନ୍ତୁ ସାର୍ଥକ ଅଚାନକ ସେମାନଙ୍କୁ ହସ୍ପିଟାଲ ବେଡ଼ରେ ଛାଡି କୁଆଡ଼େ ଚାଲିଯାଇଥିବା ନେଇ ଅର୍ଚ୍ଚନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହାପରଠାରୁ ତାଙ୍କ ସହ ମଧ୍ୟ ସୌରଭ କୌଣସି ଯୋଗାଯୋଗ କରିନାହାନ୍ତି ବୋଲି ସେ ଦର୍ଶାଇଥିଲେ।

### ଖରିଫ୍ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି

# ଗତବର୍ଷ ତୁଳନାରେ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ): ରାଜ୍ୟରେ ଖରିଫ ଋତୁ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ପର୍ଯ୍ୟନ୍ତ ଜାରି ରହିବ। ଏଥିପାଇଁ ଚାଷୀମାନଙ୍କ ମଧ୍ୟରେ ପଞ୍ଜୀକରଣ ପାଇଁ ଆଗ୍ରହ ପରିଲକ୍ଷିତ ହେଉଛି। ଚାଷୀମାନେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ପ୍ୟାକସ୍, ଲ୍ୟାମ୍ପସ୍ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରୁଛନ୍ତି। ଚଳିତ ବର୍ଷ ଅଦ୍ୟାବଧି ୩ ଲକ୍ଷ ୯୫ ହଜାର ୯୪୯ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଗତବର୍ଷ ଏହି ସମୟ ସୁଦ୍ଧା ୩ ଲକ୍ଷ ୮୭ ହଜାର ୧୦୪ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଫଳସ୍ୱରୂପ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ୫



ଦିନ ବିଳମ୍ବରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ତେଣୁ ଧାର୍ଯ୍ୟ ଡେଡ୍‌ଲାଇନ୍ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି। ସମସ୍ତ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗୀକରଣ ଓ ଇ-କେୱାସି'କୁ ବାଧ୍ୟତାମୂଳକ କରାଯାଇଛି। ଯୋଗ୍ୟ ଚାଷୀଙ୍କୁ ଧାନକିଣା ପ୍ରକ୍ରିୟାରେ ସାମିଲ କରିବା ଓ ନକଲି ଚାଷୀଙ୍କୁ ଏହି ପ୍ରକ୍ରିୟାରୁ ବାଦ୍ ଦେବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଆଧାରଭିତ୍ତିକ ଇ-କେୱାଇସି କରାଯାଉଛି। ଏହାଦ୍ୱାରା ଯୋଗ୍ୟ ଚାଷୀମାନଙ୍କ ମଧ୍ୟରେ ଧାନ ବିକ୍ରି ପାଇଁ ଆଗ୍ରହ ପରିଲକ୍ଷିତ ହେଉଛି।

# ଭୟଙ୍କର ଅଗ୍ନିକାଣ୍ଡ: ଜଳିଗଲା ୧୨ ବଖରା



ସାକ୍ଷୀଗୋପାଳ,୧।୮ (ସଂଚାର ବ୍ୟୁରୋ) : ପୁରୀ ଜିଲା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଘାସିଭବାନୀପୁର ଗ୍ରାମରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୯ଟି ପରିବାରର ୧୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ, ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଈଶର ଜେନା, ଓକିଲ ଜେନା ଓ ମକରା ଜେନାଙ୍କ ଘରେ କୌଣସି କାରଣକୁ ନେଇ ନିଆଁ ଲାଗିଯାଇଥିଲା। ଫଳରେ ୯ଟି ପରିବାରର ୧୨ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଦିପ୍ତ ମହାପାତ୍ର ଦୁଇଟି ଦମକଳ ଗାଡ଼ି ଏବଂ ଅଗ୍ନିଶମ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ଜଗତସିଂହପୁରରେ ବିକଶିତ ହେଉଛି ମଡେଲ୍ ବସ୍ ଟର୍ମିନାଲ

# ୧୬ କୋଟି ବ୍ୟୟ ଅଟକଳ, ପରିବହନ ପ୍ରମୁଖ ସଚିବଙ୍କ ସମୀକ୍ଷା

**ସ୍ଥାୟୀ ଭିତ୍ତିଭୂମି ଓ ଉତ୍ତମ ଯାତ୍ରୀ ସୁବିଧା ପାଇଁ ପରାମର୍ଶ**

ଭୁବନେଶ୍ୱର,୧।୮(ସଂଚାର ବ୍ୟୁରୋ) : ରାଜ୍ୟ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ତାଙ୍କ ସରକାରୀ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ଜଗତସିଂହପୁରରେ ନିର୍ମାଣାଧୀନ ମଡେଲ୍ ବସ୍ ଟର୍ମିନାଲର ନିର୍ମାଣସ୍ଥଳ ପରିଦର୍ଶନ କରିଛନ୍ତି। ୧୬ କୋଟି ଟଙ୍କା ମୂଲ୍ୟରେ ବିକଶିତ ହେଉଥିବା ଏହି ପ୍ରକଳ୍ପ ଲକ୍ଷ ଲକ୍ଷ ଯାତ୍ରୀଙ୍କ ଯାତାୟାତ ଅଭିଜ୍ଞତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ପାଇଁ କଳ୍ପନା କରାଯାଇଛି। ତାଙ୍କ ସହ ଜଗତସିଂହପୁର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସମ୍ବିତ କୁମାର ରାଉତ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରବି ନାରାୟଣ ଜେଠୀ, ଜଗତସିଂହପୁର ପୌରପାଳିକାର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସମୟରେ ଶ୍ରୀମତୀ ପାଢ଼ୀ ଭିତ୍ତିଭୂମି ଯୋଜନା ଓ କାର୍ଯ୍ୟାନ୍ୱୟନ ଉପାଦାନଗୁଡ଼ିକର ଘନିଷ୍ଠ ସମୀକ୍ଷା କରିଥିଲେ। ସେ ଟର୍ମିନାଲର ଦୀର୍ଘକାଳୀନ ଦକ୍ଷତା ସୁନିଶ୍ଚିତ କରିବାକୁ ସୁସଂଗଠିତ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାର



ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ସୁପାରିସ୍‌ଗୁଡ଼ିକ ମଧ୍ୟରେ ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ଦୋକାନ ପାଇଁ ସ୍ଥାନ ଯୋଗାଇବା, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ଏବଂ ସ୍ୱଚ୍ଛ ଓ ସ୍ଥାୟୀ କାର୍ଯ୍ୟାନ୍ୱୟନ ପାଇଁ ସୌରଶକ୍ତି ପ୍ରଣାଳୀର ସମନ୍ୱୟ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟାନ୍ୱୟନ ଦାୟିତ୍ୱରେ ଥିବା ଟିମ୍ ସକାରାତ୍ମକ ଭାବେ ଗ୍ରହଣ କରିଥିଲେ। ଏଥିସହ ସେମାନେ ପରାମର୍ଶଗୁଡ଼ିକୁ ତୁରନ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମତୀ ପାଢ଼ୀ ସମଗ୍ର ରାଜ୍ୟରେ ନାଗରିକ-ଅନୁକୂଳ, ଶକ୍ତି-ଦକ୍ଷ ଓ ସୁପରିଚାଳିତ ସହରାଞ୍ଚଳ ପରିବହନ ସୁବିଧା ନିର୍ମାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏହି ଗସ୍ତ ମଡେଲ ବସ୍ ଟର୍ମିନାଲର ସମୟୋଚିତ ବିତରଣ ଓ ଗୁଣାତ୍ମକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲା। ଏହାକୁ ଜଗତସିଂହପୁରରେ ଉନ୍ନତ ସହରାଞ୍ଚଳ ଗତିଶୀଳତାକୁ ସହଜ କରିବା ପାଇଁ ଏକ ଆଧୁନିକ ହବ୍ ଭାବେ ପରିଗଣିତ କରାଯାଇପାରେ।

# ଗିରଫ ହେଲେ ଏଇ ଅଶୋକ ପଣ୍ଡା

### ନାଁରେ ଆୟଠାରୁ ୨୧୩ ପ୍ରତିଶତ ଅଧିକ ସମ୍ପତ୍ତି



କଟକ,୧।୮(ସଂଚାର ବ୍ୟୁରୋ): ଗିରଫ ହୋଇଛନ୍ତି ସହକାରୀ ଯନ୍ତ୍ରୀ (ଏଇ) ଅଶୋକ ପଣ୍ଡା। ଆୟଠାରୁ ୨୧୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବାରୁ ତାଙ୍କୁ ଆଜି ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଗତ ୪ ଦିନ ଧରି ଶ୍ରୀ ପଣ୍ଡାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଯାଞ୍ଚ କରୁଥିଲା ଭିଜିଲାନ୍ସ। ଏହି ଯାଞ୍ଚ ସମୟରେ ଶ୍ରୀ ପଣ୍ଡାଙ୍କ ନାମରେ ୩ଟି ବିଲ୍ଡିଂ, ୭ଟି ଫ୍ଲାଟ, ୪ଟି କମର୍ସିଆଲ ଆଉଟଲେଟ, ୯ଟି ମୂଲ୍ୟବାନ ପ୍ଲଟ ରହିଥିବା ଜଣାପଡ଼ିଥିଲା। ଏଥିସହ ତାଙ୍କର ବିଭିନ୍ନ ବ୍ୟାଙ୍କରେ ୨ କୋଟି ୪୩ ଲକ୍ଷ ଟଙ୍କା ଜମା ଥିବା ଭିଜିଲାନ୍ସ ଚଢ଼ାଉ ସମୟରେ ଜଣାପଡ଼ିଛି। ଏହାଛଡ଼ା ତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ାଉ ସମୟରେ ନଗଦ ୧ ଲକ୍ଷ ୩୩ ହଜାର ଟଙ୍କା, ୧୨୬ ଗ୍ରାମ ସୁନାଗହଣା ଏବଂ ବହୁ ନାମୀଦାମୀ ବ୍ରାଣ୍ଡ୍‌ର ହାତଘଣ୍ଟା ଓ ଚଷମା ମଧ୍ୟ ଜବତ ହୋଇଛି। ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୩ରେ କାର୍ଯ୍ୟରତ ଥିବା ଶ୍ରୀ ପଣ୍ଡାଙ୍କୁ ଗିରଫ ପରେ ଭିଜିଲାନ୍ସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ସେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମଧ୍ୟ ହାଜର ହେବେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଶ୍ରୀ ପଣ୍ଡାଙ୍କ ଅମାପ ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍ ମଧ୍ୟ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲା। ଏଇ ବାବୁଙ୍କର ମାଳ ମାଳ ପ୍ଲଟ୍ ସହ ପୁଳାପୁଳା ଫ୍ଲାଟ୍ ଥିବା ଜଣାପଡ଼ିଥିଲା। ତାଙ୍କ ନାମରେ ଭୁବନେଶ୍ୱରର ଡିଏଲ୍‌ଏଫ୍, ଗାଲେରିଆ, ସିମ୍ଫୋନୀ ମଲରେ ୪ଟି ଦୋକାନ ଘର ରହିଥିବା ବେଳେ ଯାଞ୍ଚ ସମୟରେ ଦାମୀ ଆପାର୍ଟମେଣ୍ଟରେ ୭ଟି ଫ୍ଲାଟ ଠାବ ହୋଇଛି। ଏହାଛଡ଼ା ରାଜଧାନୀରେ ପ୍ରାୟ ଅଧିକାଂଶ ଦାମୀ ଆପାର୍ଟମେଣ୍ଟରେ ରହିଛି ତାଙ୍କ ଫ୍ଲାଟ୍। ଜଟଣୀ ରୟାଲ ହାବିଟାଟ, ଗ୍ରେସ୍ ଆପାର୍ଟମେଣ୍ଟ, ଫୁଲନଖରାସ୍ଥିତ ଗ୍ରାଣ୍ଡ ଆୱାସ, ଭିପୁଲ ଗାର୍ଡେନ ଆଦି ଆପାର୍ଟମେଣ୍ଟରେ ମଧ୍ୟ ତାଙ୍କ ନାମରେ ଫ୍ଲାଟ୍ ରହିଛି। ତାଙ୍କର ଭୁବନେଶ୍ୱରରେ ୭ଟି ଓ ପୁରୀରେ ଗୋଟିଏ ମୂଲ୍ୟବାନ ପ୍ଲଟ୍ ରହିଛି। ତାଙ୍କ ନାମରେ ୩୭ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଠାବ ହୋଇଛି। ତାଙ୍କ ଘରେ ୨୧ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ରହିଛି।

# ଗାଁମୁହାଁ ସମୁଦ୍ର, ଭୟଭୀତ ଆର୍ଯ୍ୟପଲ୍ଲୀବାସୀ

### ସମୁଦ୍ର ଗର୍ଭରେ ଲୀନ ହେଲା ସେଡ୍ ଓ ରାସ୍ତା



ବ୍ରହ୍ମପୁର,୧।୮(ସଂଚାର ବ୍ୟୁରୋ): ଦିନ ଯେତେ ଗଡୁଛି, ସମୁଦ୍ର ସେତିକି କୂଳ ଲଙ୍ଘିବାରେ ଲାଗିଛି। ଉଚ୍ଚ ଜୁଆର ସହ ସମୁଦ୍ର ମାଡ଼ି ଆସୁଥିବାରୁ ଏବେ ଉପକୂଳରେ ଥିବା ଆର୍ଯ୍ୟପଲ୍ଲୀ ଗାଁ ଲୋକଙ୍କ ମନରେ ଛନକା ପଶିଲାଣି। ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ସମୁଦ୍ର ଉଗ୍ରରୂପ ଧାରଣ କରି କୂଳ ଖାଉଛି। ସମୁଦ୍ରର ଜୁଆର ଜନବସତିମୁହାଁ ହେଲାଣି। ନିକଟରେ ଏକ ସେଡ୍ ସହ ମେରାଇନ ରାସ୍ତାର ଅଧା ଅଂଶ ସମୁଦ୍ର ଗର୍ଭରେ ଲୀନ ହେବା ପରେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଲାଣି। ସମୁଦ୍ର ଆଁରେ ଉପକୂଳରେ ଥିବା ଆର୍ଯ୍ୟପଲ୍ଲୀ ଗାଁ ହଜିଯିବାର ଆଶଙ୍କା ବଢୁଛି। ପ୍ରାୟତଃ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ପ୍ରକାରେ, ଏନେଇ ଜିଲ୍ଲା ପ୍ରଶାସନକୁ ବହୁବାର ଅବଗତ କରାଯାଇଛି। କିନ୍ତୁ ଅଦ୍ୟାବଧି କେହି ବି ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ପୂର୍ବରୁ ମଧ୍ୟ ଗ୍ରାମବାସୀ ସମସ୍ୟାର ସମାଧାନ ଦାବି ନେଇ ଆନ୍ଦୋଳନ କରିଛନ୍ତି। କିନ୍ତୁ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ସଦ୍ୟ ସୂଚନାନୁସାରେ, ସେଡ୍ ଓ ରାସ୍ତା ଧୋଇଯିବା ପରେ ସମୁଦ୍ରକୂଳିଆ ଗାଁ ଓ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ଚାଲିଛି। ମାତ୍ର ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗାଁ ଲୋକେ କହିବା ସହ ଏଥିପ୍ରତି ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

## ଖୋଲିବ ବଡ଼ମ୍ବା ଚିନିକଳ!

କଟକ,୧।୮ (ସଂଚାର ବ୍ୟୁରୋ) : ବଡ଼ମ୍ବା ଚିନିକଳ ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି । ଏହା କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାଏବ ସିନ୍ଦେ। ଗତକାଲି କେନ୍ଦ୍ରୀୟ ଟିମ ବଡ଼ମ୍ବାରେ ସୁଗାର ମିଲ ବୁଲି ଜିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ବିଶେଷକରି ଜଳ ସେଚନ ସୁବିଧା, ବିଦ୍ୟୁତ ଯୋଗାଣ, ଶ୍ରମ ସମସ୍ୟା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଛି । ଜିଲ୍ଲା ପ୍ରଶାସନ ସବୁ ସହଯୋଗ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା କହିଛନ୍ତି କଟକ ଜିଲ୍ଲାପାଳ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରୁଷ୍ ତେଲକିଣା ଅଟକିଲା

ନୂଆଦିଲ୍ଲୀ, ୧।୮: ରୁଷ୍ ସହ ଭାରତର ସମ୍ପର୍କକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରେ ଭାରତ ସରକାର ତେଲ କମ୍ପାନିଗୁଡ଼ିକୁ ରୁଷ୍‌ରୁ ତେଲ ନ କିଣିବାକୁ କହିଥିବା ଚର୍ଚ୍ଚା ହେଉଛି। ନୂଆ ତେଲ କିଣିବା ଲାଗି କମ୍ପାନିଗୁଡ଼ିକ ଗତ ସପ୍ତାହରେ କୌଣସି ବରାଦ ଦେଇନାହାନ୍ତି। ୨୦୨୨ରେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ବିପୁଳ ରିହାତି ଦେବାରୁ ଭାରତ ରୁଷ୍‌ରୁ ବହୁ ପରିମାଣର ତେଲ କିଣୁଥିଲା। ଗତ ଚାରି ବର୍ଷ ଧରି ସେହି ଧାରା ଅବ୍ୟାହତ ରହିଛି। କିନ୍ତୁ ଇତି ମଧ୍ୟରେ ରୁଷ୍ ତେଲ ଉପରୁ ରିହାତି କମ୍ ହେବାରେ ଲାଗିଥିବା ବେଳେ ଅନ୍ତର୍ଜାତୀୟ ସ୍ତରରେ ଚାପ ବଢୁଛି। ଦେଶର ଚାରିଟି ତୈଳ କମ୍ପାନି ଭାରତୀୟ ତୈଳ ନିଗମ, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ଭାରତ ପେଟ୍ରୋଲିୟମ୍ ଓ ମାଙ୍ଗାଲୋର ରିଫାଇନାରି ପେଟ୍ରୋକେମିକାଲ୍ ଗତ ସପ୍ତାହରେ ରୁଷ୍‌ରୁ କିଛି ତେଲ କିଣିନାହାନ୍ତି। ସେମାନେ ପୂର୍ବରୁ ଲଗାତାର ଭାବେ ରୁଷ୍ ତେଲ କିଣୁଥିଲେ। ଘରୋଇ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ନାଏରା ଏନର୍ଜି ରୁଷ୍ ତେଲ କିଣିବା ପାଇଁ ବର୍ଷିକିଆ ଚୁକ୍ତି କରିଛନ୍ତି। ସେମାନେ ମଧ୍ୟ ବିପୁଳ ପରିମାଣର ତେଲ କିଣୁଥିଲେ।

ଯେଉଁମାନେ ରୁଷ୍ ତେଲ କିଣିବେ ସେମାନଙ୍କ ଉପରେ ୧୦୦ ପ୍ରତିଶତ ଟିକସ ଲଗାଯିବ ବୋଲି ଚଳିତ ମାସ ୧୪ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଥିଲେ। ୟୁରୋପୀୟ ସଂଘ (ଇୟୁ) ମଧ୍ୟ ରୁଷ୍ ତେଲ ଉପରେ କଟକଣା ଲଗାଇଛି। ଗତକାଲି ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଥିବା ବେଳେ ରୁଷ୍‌ରୁ ଯୁଦ୍ଧାସ୍ତ୍ର ଓ ତେଲ କିଣୁଥିବାରୁ ଅତିରିକ୍ତ ଜରିମାନା ଲଗାଇଛନ୍ତି। ଯଦି ୟୁକ୍ରେନ୍ ସହ ଶାନ୍ତି ଚୁକ୍ତି ପାଇଁ ରୁଷ୍ ରାଜି ହେବ ନାହିଁ ତେବେ ୧୦-୧୨ ଦିନ ଭିତରେ ରୁଷ୍‌ର ଗ୍ରାହକମାନଙ୍କ ଉପରେ ମାଧ୍ୟମିକ କଟକଣା ଲଗାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ବର୍ତ୍ତମାନ ସମୟରେ ଭାରତ ୩୫ ପ୍ରତିଶତ ତେଲ ରୁଷ୍‌ରୁ ମଗାଉଛି। ୨୦୨୫ର ପ୍ରଥମ ଛଅ ମାସରେ ଘରୋଇ ତେଲ କମ୍ପାନିଗୁଡ଼ିକ ସେଥିରୁ ୬୦% ତେଲ କିଣିଛନ୍ତି। ରିଲାଏନ୍ସ ପକ୍ଷରୁ ଆବୁଧାବି ମୁର୍ବାନ କ୍ରୁଡ୍ କିଣାଯାଉଛି।




## ଡ. ବି କେ ମିଶ୍ର ଇମ୍ଫାର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ



ଭୁବନେଶ୍ୱର, ୧।୮: ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ୍ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା)ର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଡ. ବି କେ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ଏନ୍ଆଇଟି ରାଉରକେଲାରାରୁ ମେଟାଲର୍ଜିକାଲ୍ ଇଞ୍ଜିନିୟରିଂ, ଆଇଆଇଟି କାନପୁର ଓ ଆମେରିକାର ଉଟାହ ବିଶ୍ୱବିଦ୍ୟାଳୟରେ ପଢ଼ିଥିବା ଶ୍ରୀ ମିଶ୍ର ୨୦୨୪ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ କମ୍ପାନିରେ ଯୋଗଦେଇଥିଲେ। ଏନ୍ ଆର୍ ମହାନ୍ତିଙ୍କ ଅବସର ପରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ସମ୍ପର୍କରେ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି ଯେ ମୁଁ ଡ. ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। କମ୍ପାନିର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ରହିଛି। ସମ୍ପ୍ରସାରଣ କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନକୁ ମୁଁ ଅପେକ୍ଷା କରିଛି ବୋଲି ସେ କହିଛନ୍ତି।

## ଆଜିର ସୁନା ଦର



ଆସନ୍ତୁ ଜାଣିବା କେଉଁ ସହରରେ କେତେ ରହିଛି ସୁନା ରେଟ୍। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯. ୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୧ ୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧, ୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯,୮୨୦ ଓ ୯୧ ,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୩ ,୦୦୦ ଟଙ୍କା ହୋଇଛି।

## କମର୍ସିଆଲ୍ ଏଲପିଜି ସିଲିଣ୍ଡର ହେଲା ଶସ୍ତା

ନୂଆଦିଲ୍ଲୀ, ୧।୮: ଆଜି ଅର୍ଥାତ୍ ୧ ଅଗଷ୍ଟ ୨୦୨୫ ଠାରୁ ଦେଶରେ କମର୍ସିଆଲ୍ ଏଲପିଜି ସିଲିଣ୍ଡରର ମୂଲ୍ୟ ହ୍ରାସ କରାଯାଇଛି। ହେଲେ, ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍, ଘରୋଇ ଗ୍ରାହକମାନଙ୍କୁ ବର୍ତ୍ତମାନ କୌଣସି ଆଶ୍ୱସ୍ତି ମିଳିନାହିଁ। ଆଜିଠାରୁ, ଦେଶରେ ୧୯ କିଲୋଗ୍ରାମ କମର୍ସିଆଲ୍ ଏଲପିଜି ସିଲିଣ୍ଡରର ମୂଲ୍ୟ ୩୩.୫୦ ଟଙ୍କା ହ୍ରାସ ପାଇଛି। ଏହା ଲଗାତାର ଦ୍ୱିତୀୟ ମାସ ଯେବେ କମର୍ସିଆଲ୍ ଏଲପିଜି ସିଲିଣ୍ଡରର ମୂଲ୍ୟ ହ୍ରାସ ପାଇଛି। ଏହା ପରେ, ଦିଲ୍ଲୀରେ ଏହାର ନୂତନ ମୂଲ୍ୟ ୧,୬୩୧.୫୦ ଟଙ୍କା ହୋଇଛି, ଯେତେବେଳେ ମୁମ୍ବାଇରେ ଏହା ପ୍ରାୟ ୧୫୮୩ ଟଙ୍କାରେ ବିକ୍ରି ହେଉଛି। ଆଜିଠାରୁ କୋଲକାତାରେ କମର୍ସିଆଲ୍ ସିଲିଣ୍ଡରର ନୂଆ ମୂଲ୍ୟ ୧,୭୩୫.୫୦ ଟଙ୍କା ଏବଂ ଚେନ୍ନାଇରେ ଏହା ପ୍ରାୟ ୧୭୯୦.୦୦ ଟଙ୍କା ହୋଇଛି। ଜୁଲାଇ ମାସ ପୂର୍ବରୁ, କମର୍ସିଆଲ୍ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ମୂଲ୍ୟ ଦିଲ୍ଲୀରେ ୧୬୬୫ ଟଙ୍କା ଏବଂ କୋଲକାତା-ମୁମ୍ବାଇରେ ୧୬୧୬.୫୦ ଟଙ୍କା ଥିଲା।



ସୂଚନାଯୋଗ୍ୟ, ଯେତେବେଳେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ଜାତୀୟ ରାଜଧାନୀ ଦିଲ୍ଲୀରେ ୮୫୩ ଟଙ୍କା ଏବଂ ଆର୍ଥିକ ରାଜଧାନୀ ମୁମ୍ବାଇରେ ୮୫୨.୫୦ ଟଙ୍କା ରହିଛି। ତୈଳ କମ୍ପାନୀଗୁଡ଼ିକ ସେମାନଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କହିଛନ୍ତି ଯେ କମର୍ସିଆଲ୍ ସିଲିଣ୍ଡରର ମୂଲ୍ୟରେ ଏହି ଅଗଷ୍ଟ ୧ ରୁ ସାରା ଦେଶରେ ଲାଗୁ ହେବ। ଏହା ପରେ, କମର୍ସିଆଲ୍ ସିଲିଣ୍ଡରର ମୂଲ୍ୟ ହ୍ରାସ ନିଶ୍ଚିତ ଭାବରେ ରେଷ୍ଟୁରାଣ୍ଟ, ଅନ୍ୟାନ୍ୟ କମର୍ସିଆଲ୍ ପ୍ରତିଷ୍ଠାନ ଏବଂ ହୋଟେଲଗୁଡ଼ିକୁ କିଛି ଆଶ୍ୱସ୍ତି ଦେଇଛି। ୮ ଏପ୍ରିଲ୍ ୨୦୨୫ ପରଠାରୁ ଘରୋଇ ଗ୍ୟାସ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ନ ହେବା ଯୋଗୁଁ ଯେଉଁମାନେ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ସେମାନଙ୍କ ପାଇଁ ମଧ୍ୟ ଆଶ୍ୱସ୍ତି ରହିଛି। ପ୍ରତି ମାସ ଆରମ୍ଭରେ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ଏହାର ମୂଲ୍ୟ ସମୀକ୍ଷା କରାଯାଏ।

## ଏମ୍‌ଜିଏମ୍ ସେଭେନ୍‌ହିଲ୍‌ସ ହସ୍ପିଟାଲ୍‌ରେ ଯକୃତ ପ୍ରତିରୋପଣ କ୍ଲିନିକ୍

ବିଶାଖାପାଟଣା, ୧।୮: ବିଶିଷ୍ଟ ସର୍ଜନ ଡାକ୍ତର ଥିଆଗରାଜନ ଶ୍ରୀନିବାସନଙ୍କ ନେତୃତ୍ୱରେ ଏମ୍‌ଜିଏମ୍ ସେଭେନ୍‌ହିଲ୍‌ସ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ କ୍ଲିନିକ୍ ଖୋଲାଯାଇଛି। ଡାକ୍ତର ଶ୍ରୀନିବାନସଙ୍କ ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ସେ ୧୭୦୦ରୁ ଅଧିକ ଯକୃତ ପ୍ରତିରୋପଣ କରିବାର ରେକର୍ଡ ହାସଲ କରିଛନ୍ତି। ସେ ୧୦୦୦ରୁ ଅଧିକ ଏଚ୍‌ପିବି ସର୍ଜରି ମଧ୍ୟ କରିଛନ୍ତି। ଏହି ସୁବିଧା ଆରମ୍ଭ ହୋଇଥିବାରୁ ରୋଗୀମାନଙ୍କୁ ଆଉ ଚେନ୍ନାଇ, ହାଇଦ୍ରାବାଦ ଓ ବେଙ୍ଗାଲୁରୁ ଯିବାକୁ ପଡ଼ିବ ନାହିଁ ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଡାକ୍ତର ଶ୍ରୀନିବାସନ ଯକୃତ ପ୍ରତିରୋପଣ ଓ ସର୍ଜରି ଦ୍ୱାରା ପ୍ରତିବର୍ଷ ଲିଭର ସିରୋସିସ୍, ଲିଭର କ୍ୟାନସର ଆଦି ରୋଗରେ ପୀଡ଼ିତ ଥିବା ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ହସ୍ପିଟାଲ୍‌ର ଇଣ୍ଟରଭେନ୍‌ସନାଲ୍ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ଓ ଲିଭର୍ ଡିଜିଜ୍‌ର ମୁଖ୍ୟ ଡାକ୍ତର ବିଶ୍ୱନାଥ ଆର୍, କ୍ଲଷ୍ଟର୍ ୨ ମୁଖ୍ୟ ପଥ୍ମନାଭବନ, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ୍ ଡାକ୍ତର ରାଘବେନ୍ଦ୍ର, ଡାକ୍ତର ବିଶ୍ୱନାଥ, ଡାକ୍ତର ଶ୍ରୀକାନ୍ତ ଥୁମାଲା, ମହାପ୍ରବନ୍ଧକ (ମାର୍କେଟିଂ) ସନ୍ଦୀପ କୁମାର, ଉପ ମହାପ୍ରବନ୍ଧକ ଅଶୋକ ପଟ୍ଟନାୟକ ଓ ରମେଶ ୟେଣ୍ଡାଡା, ଏଜିଏମ୍ ଆନି ଶୈଳେଜା ଓ ଶିବ ପ୍ରକାଶ ଉପସ୍ଥିତ ଥିଲେ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



## ଭୁବନେଶ୍ୱରରେ ହେବ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ

ଭୁବନେଶ୍ୱର, ୧।୮(ସଂଚାର ବ୍ୟୁରୋ): ୨୦୨୬ରେ ଭୁବନେଶ୍ୱରରେ ସମ୍ମାନଜନକ ବ୍ଲାକ୍ ସ୍ୱାନ୍ ଇଣ୍ଡିଆ ସମ୍ମିଳନୀ ଆୟୋଜନ କରାଯିବ। ତାହା ଏଆଇ, ଟୋକନାଇଜେସନ୍ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ବିଶ୍ୱସ୍ତରୀୟ ଲିଡର୍ ଓ ସ୍ଥାନୀୟ ପ୍ରତିଭାଙ୍କୁ ଏକତ୍ରୀତ କରିବ ବୋଲି ଜଣାପଡ଼ିଛି। ଏହି ସମ୍ମିଳନୀ ହେଉଛି ଜିଏଫ୍‌ଟିଏନ୍‌ର ବିଶ୍ୱବ୍ୟାପୀ ବିଭିନ୍ନ ସହର ଯଥା ଜୁରିକ୍, ଟୋକିଓ, ସିଙ୍ଗାପୁରରେ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମର ଏକ ଅଂଶ। କୃଷି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଆସନ୍ତା ଅଗଷ୍ଟ ୨୧ରେ ଭୁବନେଶ୍ୱରରେ ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କାପାବିଲିଟି



### ଅଗଷ୍ଟ ୨୧ରେ ଖୋଲିବ ଫିନ୍‌ଟେକ୍ ହବ୍

ହବ୍ (ଆଇ-ଜିଏଫ୍‌ଟିସିଏଚ୍) ଉଦ୍‌ଘାଟିତ ହେବ। ଏହି ହବ୍ ଓଡ଼ିଶାକୁ ଅନ୍ତର୍ଜାତୀୟ ଫିନ୍‌ଟେକ୍ ମାନଚିତ୍ରରେ ସାମିଲ କରିବ। ଡିଜିଟାଲ୍ ରୂପାନ୍ତରଣକୁ ଆଗକୁ ବଢ଼ାଇବା ଲାଗି ଏହି ହବ୍ ଅଧୀନରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ। ଆସନ୍ତା ସେପ୍ଟେମ୍ବରରେ ଏନ୍‌ୟୁଏସ୍-ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ (ଏଆଇଡିଏଫ୍) ଓ ଜିଏଫ୍‌ଟିଏନ୍ ସହଯୋଗରେ ଫିନ୍‌ଟେକ୍ ଓ ଇନ୍‌ସୁର୍‌ଟେକ୍ ଉପରେ ପାଞ୍ଚ ମାସିଆ ହାଇବ୍ରିଡ୍ ସାର୍ଟିଫିକେସନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାର ୭୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ, ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଜିଏଫ୍‌ଟିଏନ୍‌ର ସିଇଓ ସ୍ୱପେନ୍ଦୁ ମହାନ୍ତି ଓ ଜିଏଫ୍‌ଟିଏନ୍ ଫୋରମ୍‌ସର ସହ ସିଇଓ ଜେମ୍‌ସ ବୋଏ ଉପସ୍ଥିତ ଥିଲେ।

## ଏନ୍‌ଆଇଏନ୍‌ଏଲ୍‌କୁ ସମ୍ପୂର୍ଣ୍ଣ କିଣିଲା ଟାଟା ଷ୍ଟିଲ୍

ଭୁବନେଶ୍ୱର, ୧।୮(ସଂଚାର ବ୍ୟୁରୋ): ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)କୁ ଟାଟା ଷ୍ଟିଲ୍ ସମ୍ପୂର୍ଣ୍ଣ ଅଧିଗ୍ରହଣ କରିଛି। କମ୍ପାନିର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଏଫ୍‌ଓ କୌଶିକ ଚାଟାର୍ଜୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ଜୁଲାଇ ୨୪ରେ ଏନ୍‌ଆଇଏନ୍‌ଏଲ୍‌ର ୧୦୦ ପ୍ରତିଶତ ଅଂଶଧନ ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏଥି ସହିତ ତାହା ଟାଟା ଷ୍ଟିଲ୍‌ର ସମ୍ପୂର୍ଣ୍ଣ ସହାୟକ କମ୍ପାନିରେ ପରିଣତ ହୋଇଛି। ଦୀର୍ଘଦିନ କ୍ଷତିରେ ଚାଲିବା ପରେ ବନ୍ଦ ହୋଇଯାଇଥିବା ଏନ୍‌ଆଇଏନ୍‌ଏଲ୍‌ର ଘରୋଇକରଣ ପାଇଁ କେନ୍ଦ୍ର ସରକାର ଉଦ୍ୟମ କରିଥିଲେ। ୨୦୨୨ରେ ଟାଟା ଷ୍ଟିଲ୍ ପକ୍ଷରୁ ଏହାର ସହାୟକ କମ୍ପାନି ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ (ଟିଏସ୍‌ପିଏଲ୍) ଜରିଆରେ ୧୨, ୧୦୦ କୋଟି ଟଙ୍କାରେ ଏନ୍‌ଆଇଏନ୍‌ଏଲ୍‌ର ୯୩.୭୧ ପ୍ରତିଶତ ଅଂଶଧନ ଅଧିଗ୍ରହଣ କରାଯାଇଥିଲା। ଅବଶିଷ୍ଟ ଅଂଶଧନଗୁଡ଼ିକୁ ମଧ୍ୟ ଇତି ମଧ୍ୟରେ ଟାଟା ଷ୍ଟିଲ୍ ହାସଲ କରିଛି। ଏନ୍‌ଆଇଏନ୍‌ଏଲ୍‌କୁ କେନ୍ଦ୍ର ସରକାରଙ୍କ ଚାରିଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଏନ୍‌ଏମ୍‌ଡିସି, ଭେଲ୍ ଓ ମେକନ୍ ଏବଂ ଓଡ଼ିଶା ସରକାରଙ୍କ ଦୁଇଟି ଉଦ୍ୟୋଗ ଓଏମ୍‌ସି ଓ ଇପିକଲ୍‌ର ମିଳିତ ସହଯୋଗରେ ସ୍ଥାପନ କରିଥିଲେ। ଦୀର୍ଘଦିନ କ୍ଷତିରେ ଚାଲିବା ପରେ ଯାଜପୁରର କଳିଙ୍ଗନଗରରେ ଥିବା କମ୍ପାନିର କାରଖାନା ୨୦୨୦ ମାର୍ଚ୍ଚରେ ବନ୍ଦ ହୋଇଯାଇଥିଲା। ଟାଟା ଷ୍ଟିଲ୍ ଏହାକୁ ଅଧିଗ୍ରହଣ କରିବା ପରେ କମ୍ପାନିର ଭାଗ୍ୟ ବଦଳିଛି। ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ କମ୍ପାନି ୧୦୦୦ କୋଟି ଟଙ୍କାର ପରିଚାଳନା ଲାଭ କରିଥିଲା। ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏନ୍‌ଆଇଏନ୍‌ଏଲ୍ ୨୨୪ କୋଟି ଟଙ୍କାର ଏବିଟ୍‌ଡା ହାସଲ କରିଛି।




## ୬ କମ୍ପାନି ଉପରେ ଆମେରିକାର କଟକଣା

ନୂଆଦିଲ୍ଲୀ, ୧।୮: ଇରାନ ସହ ବ୍ୟବସାୟ କରୁଥିବା ଅଭିଯୋଗରେ ୬ଟି ଭାରତୀୟ କମ୍ପାନିଙ୍କ ଉପରେ ଆମେରିକା କଟକଣା ଲଗାଇଛି। ବିଶ୍ୱର ୨୦ଟି କମ୍ପାନି ବିରୋଧରେ କଟକଣା ଲଗାଇଥିବାବେଳେ ଏଥିରେ ୬ଟି ଭାରତୀୟ କମ୍ପାନି ରହିଛନ୍ତି। ସେହି କମ୍ପାନିଗୁଡ଼ିକ ହେଉଛି ଆଲ୍‌କେମିକାଲ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଣ୍ଡଷ୍ଟ୍ରିଆଲ୍ କେମିକାଲ୍ସ ଲିମିଟ୍ରେଡ୍, ଜୁପିଟ୍‌ର ଡାଇ କେମ୍ ପ୍ରାଇଭେଟ୍ ଲିମିଟେଡ୍, ରମ୍‌ନିକାଲ୍ ଏସ୍ ଗୋସାଲିଆ ଆଣ୍ଡ୍ କମ୍ପାନି, ପର୍‌ସିଷ୍ଟେଣ୍ଟ ପେଟ୍ରୋକେମ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ କାଞ୍ଚନ୍ ପଲିମର୍ସ। ଏସବୁ କମ୍ପାନି ଜାଣିଶୁଣି ଇରାନ ସହ ପେଟ୍ରୋଲିୟମ ଏବଂ ପେଟ୍ରୋରସାୟନ ବ୍ୟବସାୟ କରୁଛନ୍ତି ବୋଲି ଆମେରିକାର ବିଦେଶ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଇରାନ ଉପରେ ଆମେରିକା ଲଗାଇଥିବା ବାଣିଜ୍ୟିକ କଟକଣାର ଉଲ୍ଲଂଘନ ଏମାନେ କରୁଥିବାରୁ ୱାସିଂଟନ ଏଭଳି ପଦକ୍ଷେପ ନେଇଛି। ଭାରତ ସମେତ ତୁର୍କୀ, ସଂଯୁକ୍ତ ଆରବ ଏମିରେଟ୍‌ସ, ଚୀନ ଏବଂ ଇଣ୍ଡୋନେସିଆର କମ୍ପାନି ଆମେରିକାର କଟକଣା ତାଲିକାରେ ରହିଛନ୍ତି।

# ଗଞ୍ଜେଇ ସହ କାର, ୨.୯ଲକ୍ଷ ଟଙ୍କା ଜବତ, ୨ ଗିରଫ




**ମ.ରାମପୁର,୧।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନରେ ଥିବା ସୁଡେଙ୍ଗପଦର ଗାଁରେ ଚୋରା ଗଞ୍ଜେଇ ବିକ୍ରୀ ହେଉଥିବା ସମୟରେ ମାଡି ବସିଲା ଅବକାରୀ ଓ ପୋଲିସ। ଛତିଶଗଡ଼ ରାଜ୍ୟର ଗଞ୍ଜେଇ ବେପାରୀ ରାହା ନାୟକର ସୁଡେଙ୍ଗପଦର ଗାଁକୁ ଗଞ୍ଜେଇ କିଣିବା ପାଇଁ ଆସିଥିବା ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ଅବକାରୀ ବିଭାଗ ଓ ପୋଲିସ ମିଳିତ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୧ କୁଇଣ୍ଟାଲ ୪୬କିଲୋଗ୍ରାମ ଗଞ୍ଜେଇ, ଏକ ମାରୁତି କାର ସହ ୨ଜଣକୁ ଗିରଫ କରିଥିବା ବେଳେ ଗଞ୍ଜେଇ ବେପାରୀ ଠାରୁ ନଗଦ ୨ଲକ୍ଷ ୯୦ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଗିରଫ ଦୁଇ ଜଣ ହେଲେ ଛତିଶଗଡ଼ ଅଞ୍ଚଳର ରାହା ନାୟକର ଓ ସୁଡେଙ୍ଗପଦର ଗାଁର ଆବେଦନ କୁମାର। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ଲକ୍ଷ ରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଗଞ୍ଜେଇ ଛତିଶଗଡ଼କୁ ଚାଲାଣ କରିବା ପାଇଁ ଡିଲ ହୋଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ସବ ଇନସ୍ପେକ୍ଟର ଦେବାଶିଷ ସିରଦର, କନେଷ୍ଟବଳ ସୀମାଞ୍ଚଳ ମାଝୀ ବିନିତା କୁମାର, ଦୈତାରୀ ତାଣ୍ଡି ଓ ପୋଲିସ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




**ସୁନ୍ଦରଗଡ଼,୧।୮(ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଭା ପ୍ରକୋଷ୍ଠ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇ ଯାଇଛି। ଉକ୍ତ ଦିବସ ପାଳନ ଅବସରରେ ସହାୟକ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଚୁଲାବତୀ ସାହୁ ଉପସ୍ଥିତ ରହି ବିଶ୍ୱ ସ୍ତନ୍ୟପାନ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ବରିଷ୍ଠ ଡ଼. ଦିଲ୍ଲିପ କୁମାର ଷଡଙ୍ଗୀ ଯୋଗ ଦେଇ ମା ଏବଂ ଶିଶୁ ସ୍ୱାସ୍ଥ୍ୟର କିଭଳି ଉନ୍ନତି ହେବ ଏବଂ ସ୍ତନ୍ୟ ପାନ କରିବା ଦ୍ୱାରା ଶିଶୁ ନିରୋଗ ରହିଥାଏ। କେବଳ ୬ ମାସ ପର୍ଯ୍ୟନ୍ତ ଶିଶୁ କୁ ମା କ୍ଷୀର ଖୁଆଇବା ଏବଂ ୬ ମାସ ପରେ ମା କ୍ଷୀର ସହିତ ଅନୂପୁରକ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡ଼. ମନୋଜ କୁମାର ଆଚାର୍ଯ୍ୟ ସ୍ତନ୍ୟପାନର ଉପକାରିତା ଏବଂ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଜନ୍ମର ୧ ଘଣ୍ଟା ମଧ୍ୟରେ ଶିଶୁକୁ ସ୍ତନ୍ୟ ପାନ ଆରମ୍ଭ କରିବା, ଶିଶୁକୁ ପ୍ରଥମ ୬ ମାସ କେବଳ ମା କ୍ଷୀର ଖାଇବାକୁ ଦେବା, ବାହାରର କୌଣସି ଖାଦ୍ୟ ଯଥା ଗାଈ କ୍ଷୀର, ପାଣି, ମହୁ, ଚିନି ଖାଇବାକୁ ଦେବା ନାହିଁ। ମା କଷକ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏ। ଡବା କ୍ଷୀର ଦେବା ଦ୍ୱାରା ଶିଶୁକୁ ବିଭିନ୍ନ ରୋଗ ସଂକ୍ରମଣ ଆଶଙ୍କା ଥାଏ ଏବଂ ସ୍ୱାସ୍ଥ୍ୟ ହାନି ହୁଏ। ତେଣୁ ଏହି ଅଭ୍ୟାସରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷର ବାର୍ତ୍ତା ହେଉଛି - ସ୍ତନ୍ୟ ପାନ କୁ ପ୍ରାଥମିକତା ଦିଅନ୍ତୁ। ନିରନ୍ତର ସହାୟକ ପ୍ରଦାନର ବ୍ୟବସ୍ଥା କରନ୍ତୁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମହେନ୍ଦ୍ର ବାଗ ସଭାକୁ ପରିଚାଳନା କରିଥିଲେ। ସହାୟକ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ତୀରମଣି ପ୍ରଧାନ, ଡିଏମଆରସିଏଚ ଅଶୋକ କୁମାର ସାହୁ, ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ପରାମର୍ଶଦାତା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଶା ଦିଦି, ସ୍ୱାସ୍ଥ୍ୟକର୍ମୀ ଓ ମା ମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ ଏବଂ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର, ପଙ୍କଜ କୁମାର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ସହଯୋଗ କରିଥିଲେ ।

### ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ଘଟଣା

# ୫ଦିନ ବିତିଥିଲେ ସୁଦ୍ଧା ପୁଲିସ ପଦକ୍ଷେପ ଶୂନ




**ବାଲିପାଟଣା,୧।୮(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଧାନହରା ବିଶ୍ୱାଳସାହି ରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନଦୀ ପଠାକୁ ଛେଳି ଜଗିବା ପାଇଁ ଯାଇଥିବା ବେଳେ ଦୁଷ୍କର୍ମ ଶିକାର ହୋଇଥିବା ପୀଡିତା କହିଛନ୍ତି। ଛେଳି ଜଗୁଥିବା ବେଳେ ଯୁବତୀଙ୍କୁ ଏକୁଟିଆ ଦେଖି ସ୍ଥାନୀୟ ଅଞ୍ଚଳ ର ଜନୈକ ଯୁବକ ତାଙ୍କ ମୁହଁ ରେ ଗାମୁଛା ମାଡି ନିଛାଟିଆ ଘଞ୍ଚ ବଣ ଭିତରକୁ ଉଠାଇ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ସମ୍ପର୍କୀୟ ଦାଦାଙ୍କ ନଜର ରେ ପଡ଼ିବା ପରେ ସେ ଯୁବତୀ ଙ୍କୁ ଉଦ୍ଧାର କରି ଘର କୁ ଆଣିଥିଲେ।ପରେ ଯୁବତୀ ଘଟଣା ସମ୍ପର୍କ ରେ ପରିବାର ଲୋକଙ୍କୁ କହିଥିଲେ। ପୁଲିସ ରେ ଅଭିଯୋଗ କଲେ ଜୀବନ ରୁ ମାରିଦେବାକୁ ଯୁବକ ଜଣଙ୍କ ଧମକ ଦେଇଥିବା ଯୁବତୀ ଙ୍କ ମୁହଁ ରୁ ଶୁଣିବାକୁ ମିଳିଛି। ପୁଲିସ ଅଭିଯୋଗ ଆଧାର ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣା ପଡ଼ିଛି।ପୁଲିସ ଯୁବତୀ ଏବଂ ତାଙ୍କ ମାଆ ଙ୍କ ବୟାନ ରେକର୍ଡ କରିଥିବା ତଦନ୍ତ ଦାୟିତ୍ୱ ରେ ଥିବା ଅଧିକାରୀ କହିଛନ୍ତି। ସୂଚନା ଅନୁସାରେ ମଝିହରା ପଞ୍ଚାୟତ ଧାନହରା ବିଶ୍ୱାଳସାହିର ୨୨ ବର୍ଷୀୟା ଯୁବତୀ ମାନସିକ ଅନଗ୍ରସର ଅଟନ୍ତି। ସେ ପୁଲିସ ନିକଟରେ କରିଥିବା ଅଭିଯୋଗ ଅନୁସାରେ ରବିବାର ମଧ୍ୟାହ୍ନ ରେ କୁଶଭଦ୍ରା ନଦୀ ପଠାକୁ ଛେଳି ଜଗିବା ପାଇଁ ଯାଇଥିଲେ। ସେହି ସମୟରେ ନଦୀ ବନ୍ଧରେ ଧାନହରା ଅଞ୍ଚଳର ଜନୈକ ଯୁବକ ବୁଲା ବୁଲି କରୁଥିଲା। ଯୁବତୀ ଙ୍କୁ ଏକୁଟିଆ ପାଇ ତାଙ୍କ ମୁହଁରେ ଗାମୁଛା ବାନ୍ଧି ଯୁବକ ଜଣଙ୍କ ତାଙ୍କୁ ବଣ ଭିତରକୁ ଉଠାଇ ନେଇଥିଲା। ସେହି ସମୟରେ ନଦୀ ବନ୍ଧର କିଛି ଦୂରରେ ଯୁବତୀଙ୍କ ସମ୍ପର୍କୀୟ ଦାଦା ଉପସ୍ଥିତ ଥିଲେ।କିଛି ସମୟ ପାଇଁ ଝିଅକୁ ଦେଖିବାକୁ ପାଇ ନ ଥିଲେ। ସେଠାକୁ ସନ୍ଦେହ ରେ ଯାଇଥିଲେ। ନଦୀ ପଠାରେ ଗୋଟିଏ ଘଞ୍ଚ ବଣ ଭିତରେ ଯୁବକ ଜଣଙ୍କ ଦିବ୍ୟାଙ୍ଗ ଯୁବତୀ ଙ୍କ ପ୍ରତି ଶାରୀରିକ ଅତ୍ୟାଚାର କରୁଥିବା ଦେଖି ଚିତ୍କାର କରିଥିଲେ। ଭୟରେ ଯୁବକ ପାଣି କୁ ଡେଇଁ ଚମ୍ପଟ ମାରିଥିଲା। ଯୁବତୀ ଙ୍କୁ ଉଦ୍ଧାର କରି ଘର କୁ ଆଣିବା ପରେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କ ରେ ଗୋଟି ଗୋଟି କରି କହିଥିଲେ।ଘଟଣା ସ୍ଥଳରେ ଯୁବକଙ୍କ ବାଇକ ଓ ଗାମୁଛା ଏବଂ କିଛି ଆପତ୍ତି ଜନକ ସାମଗ୍ରୀ ଛାଡି ଯାଇଥିବା ଦେଖିବାକୁ ପାଇଥିଲେ। ତେବେ ଘଟଣା କୁ ୫ ଦିନ ବିତି ଥିଲା ବେଳେ ପୁଲିସ ତଦନ୍ତ ଶିଥିଳତା ନେଇ ପୀଡିତା ଏବଂ ପରିବାର ଲୋକେ ଗଣ ମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ଅଭିଯୁକ୍ତ ପାଖରେ ପୁଲିସ ଏ ଯାଏଁ ପହଁଞ୍ଚି ନ ଥିବା ଜଣା ପଡ଼ିଛି। ଯୁବକଙ୍କ ମୋବାଇଲ ଫୋନ ବନ୍ଦ ଥିବା ହେତୁ ଧରିବାରେ ପ୍ରତିବନ୍ଧକ ହେଉଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।ଉକ୍ତ ଘଟଣା କୁ ପୁଲିସ ଚାପି ଦେବାକୁ ଉଦ୍ୟମ କରୁଥିବା ପୀଡିତା ଙ୍କ ପରିବାର ଲୋକେ କହିଛନ୍ତି। ପୋଲିସ ପୁଙ୍ଖାନୁ ପୁଙ୍ଖ ତଦନ୍ତ ହେଲେ ଘଟଣାର ପର୍ଦାଫାଶ ହେବ ବୋଲି ସାଧାରଣ ରେ ଦାବି ଉଠିଛି।

## ଆଜି ବନ୍ଦ, ରହିବ ଡାକ ସେବା



**କନ୍ଧମାଳ,୧।୮(ସଂଚାର ବ୍ୟୁରୋ):** ଫୁଲବାଣୀ ଡାକ ବିଭାଗରେ ବୈଷୟକି ପ୍ରଗତି କ୍ଷେତ୍ରରେ ଏକ ନୂତନ ସଂସ୍କରଣ ପୂର୍ବକ ଆଟି -୨, ୦ ସଫ୍ଟୱେରୟାର ପ୍ରଚଳନ ନିମନ୍ତେ ଅଗଷ୍ଟ ୨ ତାରିଖରେ ଡାକ ଘରର ସମସ୍ତ କାରବାର ବନ୍ଦ ରହିବ ବୋଲି ସୂଚନା ମିଳିଛି। ଡାକ ବିଭାଗ ତରଫରୁ ଗ୍ରାହକଙ୍କୁ ଅଧିକ ସୁବିଧା ଯୋଗାଇ ଦେବା ନିମନ୍ତେ ନୂତନ ଓ ଉନ ସଫ୍ଟୱେରୟାର ପ୍ରଚଳିତ ହେବାକୁ ଯାଉଛି। ଏହାର ଶୁଭାରମ୍ଭ ପାଇଁ ଫୁଲବାଣୀ ଡାକ ମଣ୍ଡଳ ଅଧିନସ୍ଥ ଫୁଲବାଣୀ ପ୍ରଧାନ ଡାକ ମଣ୍ଡଳ ସମେତ ବାଲିଗୁଡା ବୌଦ୍ଧ ମୁଖ୍ୟ ଡାକ ଘର ଘୁ, ଉଦୟଗିରି ଓ ସମସ୍ତ ଉପ ଡାକ ଘର ଓ ଶାଖା ଡାକ ଘର ମାନଙ୍କରେ ଆସନ୍ତା ଅଗଷ୍ଟ ୪ ତାରିଖରେ ଏହାର ଉଦ୍ଘାଟନ କରାଯିବ। ଫୁଲବାଣୀ ଡାକ ମଣ୍ଡଳର ଡାକ ଅଧିକ୍ଷକ ଶ୍ରୀ ରାଜ କିଶୋର ମହାରଣା ଏ ନେଇ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦତ୍ତ ସୂଚନା ଅନୁସାରେ ଏହି ସଫ୍ଟୱେୟାର ପ୍ରଚଳନ ଦ୍ୱାରା ଡାକ ସେବା ଅଧିକ ତ୍ୱରାନିତ ହେବା ସହ ନେଟୱର୍କ ଜନିତ ସମସ୍ୟାକୁ ଅପେକ୍ଷାକୃତ ସହଜ ଓ ସରଳ ଭାବରେ ସମାଧାନ କରାଯାଇ ପାରିବ। ଏହି ସଫ୍ଟ ୱେୟାର ଡାକ ବିଭାଗର ନିଜସ୍ୱ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବା ବେଳେ। ପ୍ରଯୁକ୍ତି ବିଦ୍ୟାର ଏହା ନୂତନ ଯୁଗ ସହ ତାଳ ଦେଇ ଗ୍ରହା କକୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ ଡାକ ବିଭାଗ ଦ୍ୱାରା ଏପରିଏକ ଅଭିନବ ପଦକ୍ଷପ ନିଆଯାଉଛି ବୋଲି ଶ୍ରୀ ମହାରଣା ସୂଚନା ଦେଇଛନ୍ତି।ଏଥି ସହିତ ଜନସାଧାରଣ, ଗ୍ରାହକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ/ପ୍ରତିଷ୍ଠାନ ଗୁଡିକ ସହଯୋଗ କରିବାକୁ ଡାକ ବିଭାଗ ତରଫରୁ ଫୁଲବାଣୀ ଡାକ ବିଭାଗର ଅଧିକ୍ଷକ ଶ୍ରୀ ମହାରଣା ଅନୁରୋଧ କାଇଛନ୍ତି।

## ମହିଳା ମହାବିଦ୍ୟାଳୟରେ 'ସମ୍ବଲପୁରୀ ଦିନ୍' ପାଳିତ



**ବରପାଲି,୧।୮(ସଂଚାର ବ୍ୟୁରୋ):** ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ୍ ପାଳନ (ସମ୍ବଲପୁରୀ ଭାଷା ସାହିତ୍ୟ ସମ୍ମିଳନୀ) ଭିତ୍ତିକ ଏକ ସଭା ଅନୁଷ୍ଠିତ ହୋଇଯାଇଅଛି।ଓଡ଼ିଆ ବିଭାଗର ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନା ସଭାରେ ମୁଖ୍ୟ ଅତିଥି ଭାବେ ବ୍ୟଙ୍ଗ କବି ନିର୍ମଳ ନାୟକ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଆମ ପଶ୍ଚିମାଞ୍ଚଳର ଭାଷା ସମ୍ବଲପୁରୀ ସାହିତ୍ୟର ମାର୍ମିକ ଉପସ୍ଥାପନା କରିବା ସହ ଗୁରୁ ଶ୍ରୀ ସତ୍ୟ ନାରାୟଣ ବହିଦାର, ନୀଳ ମାଧବ ପାଣିଗ୍ରାହୀ, ପଦ୍ମଶ୍ରୀ ଲୋକ କବି ହଲଧର୍ ନାଗ, ପ୍ରୟାଗ ଦତ୍ତ ଯୋଶୀ ପ୍ରଭୃତି ମହାରଥି ମାନଙ୍କର ସ୍ମୃତି ଚାରଣ କରିଥିଲେ।ସଂସ୍କୃତିର ଅନ୍ତର୍ନିହିତ ବାସ୍ତବତା ଯାହା ଧୀରେ ଧୀରେ ଲୁକ୍କାଇତ ହୋଇଯାଉଛି ସେ ସବୁ ପ୍ରସଙ୍ଗକୁ କେନ୍ଦ୍ରକରି ଛାତ୍ରୀ ମାନଙ୍କସହ ଆଲୋଚନା କରିଥିଲେ। ପରିସେଷରେ ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରୁ ଦ୍ୱୀପ ପ୍ରଜ୍ୱଳନ ହେବା ସହ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା।ସମ୍ବଲପୁରୀ ଗୀତ ବାଦ୍ୟ ସହ ଆରିସା, କାକରା, ମଣ୍ଡା, ଚାଉଳ ବରା, ପକୁଡ଼ି, ପ୍ରଭୃତି ଖାଦ୍ୟ ଗ୍ରହଣ କରିଥିଲେ।ଛାତ୍ରୀ ମାନଙ୍କ ଦ୍ୱାରା ସମ୍ବଲପୁରୀ ରେମ୍ ସୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଅଧ୍ୟାପକ ନେପାଲ ବିଶ୍ୱାଲ ଅଧ୍ୟାପିକା ଜ୍ୟୋତି ସାହୁ, ପୁନମ ସାହୁ, ସସ୍ମିତା ମେହେର, ମନୀଷା ଭୋଇ, ଶୋଭାବତୀ ଥପା, ପରିଣୀତା ପଧାନ, ଯଜ୍ଞାସେନି ପଟେଲ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ପ୍ରହସନ ପାଲଟିଛି ବସୁଧା ଯୋଜନା

## ନାଳ ଡେଇଁଲେ ଗ୍ରାମବାସୀଙ୍କୁ ମିଳୁଛି ପିଇବା ପାଣି



**ବଲାଙ୍ଗୀର,୧।୮(ସଂଚାର ବ୍ୟୁରୋ):** ବିଶୁଦ୍ଧ ପାଣି ପାଇଁ ସରକାରଙ୍କ ମାଳମାଳ ଯୋଜନା। ହେଲେ ଆଜି ବି ଅନେକ ଗାଁ ଏ ସୁବିଧାରୁ ବଞ୍ଚିତ । କେଉଁଠି ପାଣି ପାଇଁ ଲୋକ ଚୁଆ ଖୋଳୁଛନ୍ତି ତ' ଆଉ କେଉଁଠି ନଈର ଗୋଳିଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି । କାହା ହାତରେ ବାଲଟି ତ କାହା ମୁଣ୍ଡରେ ଗରା। ସମସ୍ତେ ଚାଲିଛନ୍ତି। ନାଳ ଡେଇଁ ନଈକୁ ଗଲେ ପରିବାର ଶୋଷ ମେଣ୍ଟିବ। ଖରା ବର୍ଷା ସବୁ ସମୟରେ ପିଇବା ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ବୁଢ଼ାବାହାଲ ପଞ୍ଚାୟତ ମାୟାମୁଣ୍ଡା ଗ୍ରାମବାସୀ । ମୁନ୍ଦାଏ ପାଣି ପାଇଁ ଘର ଠାରୁ ୧ କିଲୋମିଟର ଦୂରରେ ଥିବା ଲାନ୍ତ ନଦୀକୁ ଯାଉଛନ୍ତି ଝିଅ ବୋହୂ । ମାୟାମୁଣ୍ଡା ଗାଁରେ ୭ଟି ନଳକୂପ ଅଛି । ସେଥିରୁ ଫ୍ଲୋରାଇଡ୍ ମିଶା ପାଣି ବାହାରୁଛି। ତେଣୁ ଅଞ୍ଚଳବାସୀ ତାକୁ କେବଳ ଶୌଚ ପାଇଁ ବ୍ୟବହାର କରୁଛନ୍ତି । ଆଉ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲାନ୍ତ ନଦୀର ଗୋଳିଆ ପାଣି ଭରସା। ପାନୀୟ ଜଳାଭାବ ନେଇ ନେତାଙ୍କ ଠାରୁ ଆରମ୍ଭ କରି ଅଧିକାରୀ ସମସ୍ତଙ୍କୁ ଜଣାଇବା ପରେ ବି କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସଇଁତଲା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କହୁଛନ୍ତି, ତଦନ୍ତ କରି ଶୀଘ୍ର ପଦକ୍ଷେପ ନିଆଯିବ। ସେପଟେ ତୁରନ୍ତ ପାଣି ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତି ବୈଠକ

## ସ୍ୱାସ୍ଥ୍ୟସେବାରେ ଚରମ ଅବହେଳା ଅଭିଯୋଗ ଆଣିଲେ- ପ୍ରମିଳା ମଲ୍ଲିକ




**ଦଶରଥପୁର,୧।୮(ସଂଚାର ବ୍ୟୁରୋ):** ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦଶରଥପୁର ବ୍ଲକସ୍ଥ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି (ଆରକେଏସ) ଗଭର୍ଣିଂ ବଡି ବୈଠକ ହୋଇ ନଥିଲା। ଡଃ ଅର୍ମିତା ପ୍ରିତମ ମଲ୍ଲ ନୂତନ କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆରକେଏସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଦଶରଥପୁର ବ୍ଲକ ବିଡ଼ିଓ ଆକାଶ ପଟ୍ଟନାୟକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଅମ୍ରିତା ପ୍ରିତମ ମଲ୍ଲ, ଦଶରଥପୁର ବ୍ଲକର ସିଡ଼ିପିଓ ଶାନ୍ତିଲତା ସେଠୀ, ରୋଗି କଲ୍ୟାଣ ସମିତି ସଭ୍ୟ ଇଂ ତିମିରକାନ୍ତ ସେନାପତି, ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲରେ ଡାକ୍ତର, ଫର୍ମାସିଷ୍ଟ, ନର୍ସଙ୍କ ଅଭାବ ସହିତ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ଦାବି ରଖିଥିବା ବେଳେ ୨ବିଧାୟିକା ଏଥି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଖୁବ ଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ଶ୍ରୀମତୀ ସୁଜାତା ସାହୁ କହିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସ୍ୱାସ୍ଥ୍ୟ ସେବା ପ୍ରତି ଚରମ ଅବହେଳା କରୁଛି ବୋଲି ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ କହିବା ସହ କେବଳ ପ୍ରଚାର ପ୍ରସାରରେ ଆଗରେ ରହିଥିବା ବେଳେ ସ୍ୱାସ୍ଥ୍ୟ ସେବା ଭୁଷୁଡ଼ି ଗଲାଣି ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ। ସରକାର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତର ପଦବୀ ପୂରଣ କରିବାରେ ବିଫଳ ହେବା ସହ ଆୟୁଷ୍ମାନ ଯୋଜନାରେ ଗରିବ ଜନସାଧାରଣ ମାନଙ୍କୁ ଆଜି ପର୍ଯ୍ୟନ୍ତ ଆୟୁଷ୍ମାନ କାର୍ଡ ଯୋଗେଇ ଦେବାରେ ବିଫଳ ହୋଇଛନ୍ତି.। ଯାହାଫଳରେ ପ୍ରତେକ ଦିନ ସହ ସହ ରୋଗି ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେଉଥିବା ନେଇ ବିଧାୟିକା ଶ୍ରୀମତୀ ମଲ୍ଲିକ ଅଭିଯୋଗ କରିବା ସହ ବିଜେପି ସରକାର ଲୋକ ମାନଙ୍କୁ ମିଛ ପ୍ରତି ଶୃତି ଦେଇ ପ୍ରତାରଣା କରୁଛି ବୋଲି ଅଭିଯୋଗ କରିଥିଲେ।

## ମେରା ଭାରତ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**କଣାସ,୧।୮(ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଆଞ୍ଚଳିକା କ୍ରୀଡା ଓ ସାଂସ୍କୃତକ ପରିଷଦ ଅନୁକୂଲ୍ୟରେ ମେରା ଭାରତ ପୁରୀ ସହାୟତାରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଜି ଦୋକନ୍ଦା ଗ୍ରାମର ଆରାଧ୍ୟ ଠାକୁର ବାବା ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଛୁଆଳସିଂହ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ, ସହ ସମ୍ପାଦକ ପ୍ରେମାନନ୍ଦ ଜାଲି, କଣାସ ବ୍ଲକର କନିଷ୍ଠ ଯନ୍ତ୍ରୀ, ଅନୁଷ୍ଠାନର ୫୦ଜଣ ବାଳକ ବାଳିକା ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରି ସହିତ ମନ୍ଦିର ପରିସର ମଧ୍ୟରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ।




### ଜମି ବିବାଦକୁ ନେଇ ଭାଇ ହେଲା ଭଗାରି

## ବଡ଼ଭାଇର ରଫାଚୋଟରେ ସାନଭାଇର ମୃତ୍ୟୁ



**କଳାହାଣ୍ଡି,୧।୮(ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ମହିଭର ଗ୍ରାମରେ ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି। ଜମି ବିବାଦକୁ ନେଇ ବଡ଼ଭାଇ ଶ୍ରୀ ପ୍ରେମାନନ୍ଦ ନାଏକ(ଅଲେଖୀ)୪୮, ନିଜ ରକ୍ତର ସାନଭାଇ ଶ୍ରୀ ଲିଙ୍ଗରାଜ ନାଏକ(କାର୍ତ୍ତିକ)୪୫, କୁ ନିଜ ଜମି ଭାଗବଣ୍ଟାକୁ ନେଇ ଚାଷ କରିବାପାଇଁ ନିଜ ଜମିକୁ ଯାଇଥିବାବେଳେ, ଦୁଇଭାଇଙ୍କ ମଧ୍ୟରେ ବଚସା ହୋଇଥିବାବେଳେ, ବଡ଼ଭାଇ ଶ୍ରୀ ପ୍ରେମାନନ୍ଦ ନାଏକ ରଫା ସାହାର୍ଯ୍ୟରେ ସାନଭାଇ କୁ ମୁଣ୍ଡରେ ମାରିଥିବାରୁ ଘଟଣାସ୍ଥଳରେ ଶ୍ରୀ ଲିଙ୍ଗରାଜ ନାଏକ ଙ୍କ ମୃତ୍ୟୁ ହୋଇଜାଇଥିଲା, ଫଳରେ ପରିବାରଲୋକ ଖବରପାଇ ପୋଲିସକୁ ଜଣାଇବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଡରର କୁ କାବୁ କରିଥିଲା, ଜୁନାଗଡ଼ ଆଇଆଇସି ଶ୍ରୀଶେଷଦେବ ବେହେରା, ଏସ ଡି ପିଓ ଧର୍ମଗଡ଼ ଶ୍ରୀ ଡୋଲାମଣି ଭୋଇ, ଜୁନାଗଡ଼ ଓ ଆଇ ସି, ଜୁନାଗଡ଼ ଏଏସ ଆଇ, ଓ ସାଇନଟିର୍ଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ, କିନ୍ତୁ ପ୍ରେମାନନ୍ଦ ନାଏକ ମୁଁ ମୋ ସାନଭାଇ କୁ ମାରିଦେଇଛି ବୋଲି ପୋଲିସକୁ ଜଣେଇ ଥିଲେ, ଓ ଶ୍ରୀ ପ୍ରେମଶିଲା ନାଏକ ଜୁନାଗଡ଼ ଥାନାରେ ମୋ ସ୍ୱାମୀ କୁ ମୋର ଦେଢଶୁର ମାରିଦେଇଛି ବୋଲି କେଶ ରୁଜୁ କରିଛନ୍ତି, ଫଳରେ ପୋଲିସ ଶବକୁ ଜୁନାଗଡ଼ ଡାକ୍ତରଖାନାକୁ ପୋଷ୍ଟମର୍ଟମ ପାଇଁ ପଠାଇଥିବା ସୂଚନା ମିଳିଛି।

## ଖବର ପ୍ରକାଶ ପରେ ସବଷ୍ଟେସନ୍ କାର୍ଯ୍ୟ ଆରମ୍ଭ



**କଣାସ,୧।୮(ସଂଚାର ବ୍ୟୁରୋ):** କଣାସ ବ୍ଲକର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କଣାସ ବ୍ଲକ ଯାମଳଗୋଦା ଗ୍ରାମପଞ୍ଚାୟତର ଯାମଳଗୋଦା ଠାରେ ୧୦ବର୍ଷ ତଳେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବଷ୍ଟେସନ୍ କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନଥିବାରୁ କଣାସ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଏହି ସମ୍ପର୍କରେ ଖବରକାଗଜରେ ତିନିଦିନ ତଳେ ଖବର ପ୍ରକାଶ ପାଇବାରୁ ଦୁଇଦିନ ହେଲା ସବ୍‌ଷ୍ଟେସନ୍ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାରୁ ସେଗୁଡିକୁ ସଫା କରାଯାଇ ବିଦ୍ୟୁତ୍ ସବଷ୍ଟେସନ୍ କାର୍ଯ୍ୟ ଆରମ୍ଭ ହେଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଖୋର୍ଦ୍ଧା ଗ୍ରିଡିରୁ ତିରିମଲ୍ଲ, ଡେଲାଙ୍ଗ, କଲ୍ୟାଣପୁର ଦେଇ କଣାସକୁ ଦୀର୍ଘ ୪୫କିମି ଅତିକ୍ରମ କରି ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହା ଦ୍ୱାରା କି ଟିକିଏ ବର୍ଷା, ପବନ ହେଲେ ବାରମ୍ବାର ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଥିଲା।

## ନାବାଳିକାଙ୍କୁ ଅସଦାଚରଣ ମାମଲା ଦୀର୍ଘଦିନ ପରେ ଅଭିଯୁକ୍ତ ଗିରଫ

**ବୈଶିଙ୍ଗା,୧।୮(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଗ୍ରାମରେ ଘରୋଇ ଗଣ୍ଡଗୋଳ ଏବଂ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜନୈକ ଯୁବକ ଗିରଫ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଗତ ଏପ୍ରିଲ ୧୨ ତାରିଖ ଦିନ ସଞ୍ଜୟ ଜେନା ପାରିବାରିକ ଗଣ୍ଡଗୋଳ ଯୋଗୁଁ ଅନସୂୟା ଜେନା ଓ ତାଙ୍କ ଝିଅ ମାମା ଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ୧୫୫ /୨୫ ନଂ ରେ ଏକ ମାମଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଅନସୂୟାଙ୍କ ଭଉଣୀ ପଦ୍ମିନୀ ବିଜୁଳିଙ୍କୁ ଅନସୂୟା ମରଣାନ୍ତକ ଆକ୍ରମଣ କରି କ୍ଷତବିକ୍ଷତ କରି ଗୁରୁତର ଆହତ କରିଥିବା ନେଇ ଏକ ଅଭିଯୋଗ ମଧ୍ୟ ପୋଲିସ ନିକଟରେ ହୋଇଥିଲା ଏବଂ ଏହାକୁ ନେଇ ୧୫୬ ନଂ ରେ ମାମଲା ରୁଜୁ ସହ ତଦନ୍ତ କରାଯାଇ ଅନସୂୟାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜେଲ ରୁ ଫେରିବ ପରେ ଘଟଣାର ନିରପେକ୍ଷ ଭାବେ ତଦନ୍ତ କରା ନ ଯାଇ ରାଜନୈତିକ ଚାପରେ ଅନ୍ୟାୟ ଭାବେ ତାଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଏବଂ ସଠିକ ଭାବେ ତଦନ୍ତ କରା ନ ଯାଇ ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ନେଇ ପୀଡିତା ଅନୁସୂୟା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ବାଲେଶ୍ୱର ପୋଲିସ ଆଇଜି ଙ୍କୁ ସାକ୍ଷାତ କରିଥିଲେ ମଧ୍ୟ କିଛି ଫଳ ମିଳିନଥିଲା। ଏଥିରେ ସେ ଭାଙ୍ଗି ପଡ଼ିବା ସହିତ ଗତ ମଙ୍ଗଳବାର ଦିନ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଅନସୂୟା ବାରିପଦା ଠାରେ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ପନ୍ଦର ଦିନ ମଧ୍ୟରେ କୌଣସି ପଦକ୍ଷେପ ନ ନେଲେ ଏସ୍ ପି ଙ୍କ କାର୍ଯ୍ୟାଳୟ ସାମ୍ନାରେ ଆତ୍ମହତ୍ୟା କରିବେ ବୋଲି ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ପୂର୍ବକ ପୋକ୍ସୋ ଧାରା ରେ ସଞ୍ଜୟ ଜେନାଙ୍କୁ ବାଲେଶ୍ୱର ଜିଲା ହଳଦୀପାଳ ଅଞ୍ଚଳ ରୁ ଗିରଫ କରାଯାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଦିନ ଦୁଇଟା ସମୟରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

### ● ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ ଯୋଗଦାନ

## ଗ୍ରାମ୍ୟ କମିଟି ଓ ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧନା



**କଣାସ,୧।୮(ସଂଚାର ବ୍ୟୁରୋ):** କଣାସ ଥାନାର ପୂର୍ବତନ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହ ଗତ ୩୦ତାରିଖ ଦିନ କାର୍ଯ୍ୟରୁ ଅବସର ନେବାପରେ ଦୀର୍ଘ ୧ମାସ ଧରି କଣାସ ଥାନା ମୁରବି ଶୂନ୍ୟ ହୋଇପଡ଼ିଥିବାରୁ ଅଞ୍ଚଳବାସୀ ଅଧିକାରୀ ନିଯୁକ୍ତି ପାଇଁ ବାରମ୍ବାର ଦାବିକରିବାରୁ ଜିଲ୍ଲା ଆରକ୍ଷି ଅଧିକ୍ଷକ ଆଜି ପ୍ରଶନ୍ନ ନାୟକଙ୍କୁ କଣାସ ଥାନା ଆଇ.ଆଇ.ସି ଭାବେ ନିଯୁକ୍ତି ଦେବାରୁ ଶ୍ରୀନାୟକି ପ୍ରଥମେ ଆସି କଣାସ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କୁ ପୂଜା ଅର୍ଚ୍ଚନା କରିସାରିବା ପରେ ମନ୍ଦିର ନିକଟରେ କଣାସ ଗ୍ରାମ୍ୟ କମିଟି ଓ କୁଞ୍ଜେଶ୍ୱରୀ ବଜାର କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା ମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅଞ୍ଚଳର ଶାନ୍ତିପ୍ରିୟ ଜନସାଧାରଣ ଯେପରି ଉଚିତ୍ ନ୍ୟାୟ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ କର୍ମକର୍ତ୍ତାମାନେ ଶ୍ରୀନାୟକଙ୍କୁ ଅନୁରୋଧ କରିଥିଲେ। କଣାସ ଗ୍ରାମ୍ୟ କମିଟି ସଭାପତି ରୋହିତ ପ୍ରଧାନ, ବଜାର କମିଟି ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ଅଞ୍ଚଳର ବିଶିଷ୍ଟ ସମାଜସେବୀ ହାଡିବନ୍ଧୁ ପାଢ଼ୀ, ପ୍ରଭାକାର ବଳିୟାରସିଂହ, ନାଥ ପାଇକରାୟ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





# ରାତିରେ ଶୋଇବା ପୂର୍ବରୁ ମୁହଁରେ ଲଗାନ୍ତୁ

ଅନେକ ମହିଳା ରାତିରେ ନିଜ ତ୍ୱଚାର ଯତ୍ନ ନିଅନ୍ତି। ତେବେ ରାତିରେ ଶୋଇବା ପୂର୍ବରୁ କେଉଁ ଜିନିଷ ଲଗାଇଲେ ତ୍ୱଚା ସୁସ୍ଥ ଓ ସୁନ୍ଦର ରହିବ, ସେ ସମ୍ପର୍କରେ ଜାଣିବା।

## ନଡିଆ ତେଲ

ଶୋଇବା ପୂର୍ବରୁ ପ୍ରତିଦିନ ରାତିରେ ମୁହଁରେ ନଡିଆ ତେଲ ଲଗାଇ କିଛି ସମୟ ପାଇଁ ମାଲିସ କରନ୍ତୁ। ଏହା ତ୍ୱଚାକୁ କୋମଳ ରଖିବ।

## କାକୁଡି ରସ

କାକୁଡିରୁ ରସ ମୁହଁରେ ଲଗାନ୍ତୁ ଏବଂ ସକାଳୁ ଧୋଇ ଦିଅନ୍ତୁ। ଏହା ଦ୍ୱାରା ଚେହେରାର ଚମକ ବଢ଼େ ଏବଂ ତ୍ୱଚା ହାଇଡ୍ରେଟ୍ ରହେ ।

## କଦଳୀ ଏବଂ କ୍ଷୀର

ରାତିରେ ମୁହଁରେ ହଳଦୀ ଏବଂ କ୍ଷୀର ଲଗାଇଲେ ଚର୍ମ ସମସ୍ୟାରୁ ମୁକ୍ତି ମିଳେ ।

## ଗ୍ଲିସେରିନ୍ ଲଗାନ୍ତୁ

ଗ୍ଲିସେରିନ୍ ତ୍ୱଚାର ଔଜଲ୍ୟ ବୃଦ୍ଧି କରେ। ଏହା ବିଭିନ୍ନ ପ୍ରକାର ଦାଗ ଦୂର କରିଥାଏ।

## ଭିଟାମିନ୍ ଇ କ୍ୟାପସୁଲ୍

ରାତିରେ ମୁହଁକୁ ଭଲ ଭାବେ ସଫା କରିବା ପରେ ଭିଟାମିନ୍ ଇ କ୍ୟାପ୍ସୁଲ୍ ଲଗାନ୍ତୁ ବ୍ରଣ, ଆଖି ତଳ କଳା ଦାଗରୁ ମୁକ୍ତି ମିଳିଥାଏ।



# କେଶ ପାଇଁ ପିଆଜ ରସ

ଅନେକ ଥର ବିଭିନ୍ନ ପ୍ରକାର ହେୟାର୍ କେୟାର୍ ରୁଟିନ୍ ଆପଣାଇବା ସତ୍ତ୍ୱେ କେଶ ଝଡ଼ିବା ସହ ରୁକ୍ଷ ହୋଇଯାଏ। ଏଭଳି କ୍ଷେତ୍ରରେ କେଶ ସମସ୍ୟାର ସମାଧାନ ହୋଇ ନ ଥାଏ। ଏଭଳି କ୍ଷେତ୍ରରେ କେଶରେ ପିଆଜ ରସ ଲଗାଇଲେ କିଛି ମାସ ଭିତରେ କେଶକୁ ଘନ, କଳା ଓ ମଜଭୁତ କରିପାରିବେ। ପିଆଜ ରସରେ ସଲଫର ବ୍ୟତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ମଧ୍ୟ ଅଛି। ଏଣୁ ଏହାକୁ କେଶରେ ଲଗାଇଲେ କେଶ ଝଡ଼ା ସମସ୍ୟା କମ୍ ହୋଇଥାଏ। ଏହା ସହ ରୁପି ସମସ୍ୟା ମଧ୍ୟ ଦୂର ହୁଏ। ଏହା ବ୍ୟତୀତ ଧଳା କେଶର ସମସ୍ୟା ମଧ୍ୟ ଭଲ ହୋଇଥାଏ। ସେହିପରି ପିଆଜ ରସ କେଶକୁ ମଜଭୁତ ରଖିବା ସହ ଲମ୍ବା, ଘନ ଓ ମୁଲାୟମ୍ ରଖିଥାଏ। ନଡ଼ିଆ ତେଲରେ ପିଆଜ ମିଶାଇ କେଶରେ ଲଗାଇପାରିବେ। ଧଳା କେଶରୁ ମୁକ୍ତି ପାଇବା ପାଇଁ ମେହେନ୍ଦିରେ ପିଆଜ ରସକୁ ମିଶାଇ ଲଗାନ୍ତୁ। ପିଆଜ ରସ ଲଗାଇବା ପାଇଁ ଅଁଳା ରସକୁ ମଧ୍ୟ ବ୍ୟବହାର କରିପାରିବେ। ସେଥିପାଇଁ ସମପରିମାଣରେ ଅଁଳା ରସ ସହିତ ପିଆଜ ରସ ଲଗାନ୍ତୁ। ୨- ୩ ଘଣ୍ଟା କେଶରେ ଏହାକୁ ଲଗାଇ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ବ୍ୟବହାର କରିପାରିବେ।

# ହୋଲି ପାର୍ଟି ପାଇଁ ଧଳା ଡ୍ରେସ୍

ହୋଲିର ପର୍ବକୁ ନିଆରା କରିବା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହେଲାଣି। ହୋଲି ପାର୍ଟି ପାଇଁ ଡ୍ରେସ୍ କିଣାକିଣି ଅନେକ ଜଣ କରନ୍ତି। ତେବେ ପାର୍ଟିରେ ଷ୍ଟାଇଲିସ୍ ଲୁକ୍ ଚାହୁଁଥିଲେ, ପାରମ୍ପରିକ ଧଳା ଡ୍ରେସ୍ ପିନ୍ଧନ୍ତୁ। ରଙ୍ଗର ପର୍ବ ହୋଲିରେ ଧଳା ରଙ୍ଗର ଚୁଡିଦାର, ସଲୱାର ପିନ୍ଧିପାରିବେ। ସେହିପରି ଅନାରକଲି କୁର୍ତ୍ତା ସହିତ ଚଉଡା ଓଢ଼ଣି ପକାଇଲେ ସୁନ୍ଦର ଲାଗେ।। ଏଥିରୁ ରାଜକୀୟ ଲୁକ୍ ମିଳିଥାଏ। ଭାରି କାମ ହୋଇଥିବା ଧଳା ସଲୱାର ମଧ ଚାହିଁଲେ ପିନ୍ଧିପାରିବେ। ସଲୱାର ସୁଟ୍ ସହ ଧଳା ରଙ୍ଗବେରଙ୍ଗୀର ଓଢ଼ଣି ପକାଇପାରିବେ। ଧଳାର ସ୍ଲିଭ୍ଲେସ୍ ପ୍ଲାଜୋ ସୁଟ୍ ମଧ ହୋଲି ପାର୍ଟିରେ ସାମିଲ କରନ୍ତୁ। ଏଥିରେ ଏକ ନିଆରା ଷ୍ଟାଇଲିସ୍ ଲୁକ୍ ମିଳିଥାଏ। ପାର୍ଟିରେ କିଛି ଅଲଗା ପିନ୍ଧିବାକୁ ଚାହୁଁଥିଲେ, ହ୍ୱାଇଟ୍ ଲେହେଙ୍ଗା ବି ପିନ୍ଧିପାରିବେ। ସେହିପରି ଧଳା ଶାଢ଼ିରୁ ମଧ ସୁନ୍ଦର ଲୁକ୍ ମିଳିଥାଏ। ସାଦାସିଧା ଆଧୁନିକ ଲୁକ୍ ଚାହୁଁଥିଲେ, ଡେନିମ୍ ସହ ଧଳା ଟି-ସାର୍ଟ, କ୍ରପ୍ ଟପ୍ ତଥା ସର୍ଟ କୁର୍ତ୍ତା ପିନ୍ଧିପାରିବେ। ଅନ୍ୟପଟେ ଆଉଟ୍ଫିଟ୍ ହୋଲି ପାଇଁ କିଣିବା ପୂର୍ବରୁ ତାହା ଯେମିତି ଅଧିକ ମହଙ୍ଗା ହୋଇ ନ ଥିବ, ତାହା ଉପରେ ଧ୍ୟାନ ଦେବେ। କାରଣରଙ୍ଗ ଖେଳରେ ଡ୍ରେସ୍ ଖରାପ ହୋଇଯାଏ ଏବଂ ପୁଣି ଥରେ ତାହାକୁ ପିନ୍ଧି ହୁଏ ନାହିଁ।



# ମେକ୍ଅପ୍‌ରେ ଫରକ୍ ପଡ଼େ ନାହିଁ

ସାଧାରଣତଃ ମହିଳାମାନେ ମେକ୍ଅପ୍ ନେବାକୁ ଭଲପାଆନ୍ତି। ଏହା ହିଁ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ତେବେ ମେକ୍ଅପ୍କୁ ନେଇ ମହିଳାମାନଙ୍କୁ ବିଭିନ୍ନ ସମୟରେ ବହୁ କଟୁକ୍ତି ଶୁଣିବାକୁ ପଡ଼ିଥାଏ। ବିଶେଷକରି ଅଧିକ ମେକ୍ଅପ୍ ନେଉଥିବା ଯୁବତୀଙ୍କୁ ଅଧିକାଂଶ ପୁରୁଷ ପସନ୍ଦ କରି ନ ଥାନ୍ତି। ତେବେ ସେମାନଙ୍କର ଏଭଳି ମନ୍ତବ୍ୟରେ ମହିଳାଙ୍କୁ କୌଣସି ଫରକ୍ ପଡ଼ି ନ ଥାଏ। ବାସ୍ତବରେ ନିଜକୁ ଖୁସି କରିବା ପାଇଁ ମହିଳାମାନେ ମେକ୍ଅପ୍ ନେଇଥାନ୍ତି।

**ମହିଳାଙ୍କ ପ୍ରଶଂସା ଗୁରୁତ୍ୱ ବହନ କରେ:** ତେବେ ଏକଥା ସ୍ପଷ୍ଟ ହୋଇପାରି ନାହିଁ ଯେ ମହିଳାଙ୍କ ମେକ୍ଅପ୍ ନେବା ପୁରୁଷଙ୍କୁ କାହିଁକି ପସନ୍ଦ ନୁହେଁ। ମହିଳାଙ୍କ ବେଶ ପରିପାଟୀକୁ ନେଇ ପୂର୍ବରୁ ସମାଜରେ ବହୁ ମାନଦଣ୍ଡ ଅଛି। ସେମାନଙ୍କୁ ପେଟ ଦେଖାଇ ଡ୍ରେସ୍ ପିନ୍ଧିବା ମନା ତ ଆଉ କେତେବେଳେ ଅଧିକ ସଜବାଜ ହେବାକୁ ସେମାନଙ୍କୁ ବାରଣ କରାଯାଏ। ମାତ୍ର ଆଜିକାଲି ଏ ସବୁରେ ପରବର୍ତ୍ତନ ଆସିଲାଣି। ଏବର ସମୟରେ ମହିଳାମାନେ ପୁରୁଷଙ୍କୁ ଆକୃଷ୍ଟ କରିବା ପାଇଁ ଯେତିକି ସଜବାଜ ହେଉ ନାହାନ୍ତି, ଝିଅମାନଙ୍କୁ ଦେଖେଇ ହେବା ପାଇଁ ସଜ ହେଉଥିବା କହିଛନ୍ତି ଭୁବନେଶ୍ୱରର ଶୁଭଶ୍ରୀ ସାହୁ। ତାଙ୍କ ମତରେ, ଯଦିଓ ପୁରୁଷଙ୍କଠାରୁ ମିଳୁଥିବା ସୁନ୍ଦରତାର ପ୍ରଶଂସା ଖୁସି ଲାଗେ, ତଥାପି ଜଣେ ଝିଅ ଯଦି ଝିଅକୁ ତା' ବେଶଭୂଷାକୁ ନେଇ ପ୍ରଶଂସା କରେ ତାହା ଅଧିକ ମହତ୍ୱପୂର୍ଣ୍ଣ ହୋଇଥାଏ। ଅନ୍ୟପଟେ ମେକ୍ଅପ୍ ନେବା କିଛି ଖରାପ କଥା ନୁହେଁ ବୋଲି ସେ କହିଛନ୍ତି। ଏବେ ତ ମେକ୍ଅପ୍ ନେବା ସମସ୍ତଙ୍କ ପାଇଁ ଅତି ସାଧାରଣ ପାଲଟିଛି।

**ସମାଲୋଚନା କହିଁକି:** ମେକ୍ଅପ୍କୁ ନେଇ ମହିଳାଙ୍କୁ ଏତେ ସମାଲୋଚନା କାହିଁକି କରାଯାଉଛି, ତାହାକୁ ନେଇ ପ୍ରଶ୍ନ କରିଛନ୍ତି ଭୁବନେଶ୍ୱରର ଗୀତାଞ୍ଜଳି ପରିଜା। ଯଦି ମହିଳାଟିଏ ମେକ୍ଅପ୍ ନ ନିଏ ତାକୁ ଯୁଗ ସହିତ ତାଳ ଦେଇ ଚାଲି ଆସେ ନାହିଁ ବୋଲି କୁହାଯାଏ। ପୁଣି ଯଦି ମେକ୍ଅପ୍ ନେଲା, ନିଜକୁ କେତେ ସଜେଇ ହେଉଛି ବୋଲି ବି ଶୁଣିବାକୁ ପଡ଼େ। ତେବେ ପୁରୁଷଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କୌଣସି ମହିଳା ମେକଅପ୍ କରି ନ ଥାନ୍ତି। ମେକ୍ଅପ୍ ସେମାନଙ୍କୁ ପସନ୍ଦ ବୋଲି ସେମାନେ ମେକ୍ଅପ୍ ନିଅନ୍ତି। ପୁରୁଷଙ୍କ ପାଇଁ ଅବଶ୍ୟ ମହିଳାଙ୍କର ମେକ୍ଅପ୍କୁ ନେଇ ଏହି କଥାକୁ ସ୍ୱୀକାର କରିବା ସହଜ ନୁହେଁ। ମାତ୍ର ଏହା ସତ।

**ବଢ଼ାଏ ଆତ୍ମବିଶ୍ୱାସ:** ମେକ୍ଅପ୍ ମହିଳାଙ୍କ ଭିତରେ ଆମବିଶ୍ୱାସ ବୃଦ୍ଧି କରେ। କିଛି ନ ଲଗାଉ, ଯଦି ଯୁବତୀଟିଏ ଲିପ୍ଷ୍ଟିକ୍ ଲଗାଇ ବାହାରକୁ ବାହାରେ, ତାହା ମଧ ତା' ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ। ମେକ୍ଅପ୍ ହିଁ ମହିଳାଙ୍କୁ ଏକ ନିଆରା ତରିକାରେ ଅନ୍ୟମାନଙ୍କ ସାମ୍ନାରେ ଉପସ୍ଥାପନ କରିଥାଏ। ତେଣୁ ମେକ୍ଅପ୍ ନେବା ଜଣେ ମହିଳାଙ୍କ ପକ୍ଷେ କିଛି ଖରାପ କଥା ନୁହେଁ। ସେହିପରି ମହିଳାଙ୍କୁ ମଧ ମେକ୍ଅପ୍କୁ ନେଇ କିଏ କ'ଣ କହିଲେ, ତାହା ମଧ ଫରକ୍ ପକାଏ ନାହିଁ ବୋଲି କହିଛନ୍ତି ଶୁଭଶ୍ରୀ।



## ଛାଡିବନି ମେକ୍ଅପ୍

ଆଗକୁ ଆସୁଛି ରଙ୍ଗର ପର୍ବ ହୋଲି ଏବଂ ଏହାକୁ ନେଇ ସମସ୍ତଙ୍କ ମନରେ ଏକ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥାଏ। ତେବେ ହୋଲିରେ ମେକ୍ଅପ୍ ନେବା ସମୟରେ ମହିଳାଙ୍କୁ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ନଚେତ୍ ତ୍ୱଚାକୁ କ୍ଷତି ପହଞ୍ଚିଥାଏ। ଅଫିସ୍ କିମ୍ବା କଲୋନିର ହୋଲି ପାର୍ଟିରେ ସାମିଲ ହେବାକୁ ଚାହୁଁଥିଲେ, ମେକ୍ଅପ୍ ଉପରେ ବିଶେଷ ଯତ୍ନବାନ ହେବା ଉଚିତ। ୱାଟରପ୍ରୁଫ୍ ମେକ୍ଅପ୍ ନିଅନ୍ତୁ, ଏହା ସହଜରେ ଛାଡି ନ ଥାଏ ଏବଂ ମୁହଁ ସୁନ୍ଦର ଦିଶେ।

- ଫାଉଣ୍ଡେସନ ମେକ୍ଅପ୍ର ଗୁରୁତ୍ୱପୂର୍ଣ୍ଣ ଅଂଶ। ହୋଲିରେ ତ୍ୱଚାରେ ୱାଟରପ୍ରୁଫ୍ ଫାଉଣ୍ଡେସନ ଲଗାନ୍ତୁ।
- ସେହିପରି ଆଖିର ମେକ୍ଅପ୍ ବି ଗୁରୁତ୍ୱ ବହନ କରେ। ଆଖିରେ ୱାଟର ପ୍ରୁଫ୍ ମସ୍କରା ଓ ଆଇଲାଇନର୍ ଲଗାନ୍ତୁ। ଏହା ଦ୍ୱାରା ଆଖି ବଡ଼ ଦେଖାଯାଏ।
- ରଙ୍ଗର ପର୍ବରେ ୱାଟର୍ପ୍ରୁଫ୍ ଲିପ୍ଷ୍ଟିକ୍ ଲଗାଇ ଅଧିକ ସୁନ୍ଦର ଦିଶନ୍ତୁ।
- ସନ୍ସ୍କିନ୍ ଅତିବାଇଗଣୀ ରଶ୍ମିରୁ ସୁରକ୍ଷିତ ରଖେ। ହୋଲି ପାର୍ଟି ଯଦି ଖୋଲା ସ୍ଥାନରେ ଆୟୋଜିତ ହୋଇଛି, ସନସ୍କ୍ରିନ୍ ଲଗାନ୍ତୁ। ୱାଟର୍ପ୍ରୁଫ୍ ସନ୍ସ୍କ୍ରିନ୍ ଲଗାଇଲେ ଏହା ଛାଡିବ ନାହିଁ। ମୁଖ୍ୟତଃ ପାଣି ତଥା ଝାଳ ସଂସ୍ପର୍ଶରେ ଆସିଲେ, ଏହା ଛାଡ଼େ ନାହିଁ।

# ଧୂମ୍‌ଧାମରେ ପାଳିତ ହେଲା ସମ୍ବଲପୁରୀ ଦିନ୍

● ଯୋଗ ଦେଲେ ସୁବର୍ଣ୍ଣପୁର ଏସପି ଓ ଏଡିଏମ୍



**ସୁବର୍ଣ୍ଣପୁର,୧୮ (ସଂଚାର ବ୍ୟୁରୋ):** ଆଜି ହେଉଛି ସୋନପୁର ର ବରପୁତ୍ର ତଥା କୋଶଲି ଭାଷା ସାହିତ୍ୟ ସଂସ୍କୃତି ର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ଙ୍କ ଜନ୍ମଦିନ। ବିଶିଷ୍ଟ କବି, ଲେଖକ ତଥା ଭାଷାବିତ୍ ସମ୍ବଲପୁରୀ ଭାଷାକୁ ପରିଚୟ ଦେଇଥିବା ର ସେଇ ମହାନ ବ୍ୟକ୍ତିତ୍ୱ ଜନ୍ମ ଦିନକୁ ଆଜି ସାରା ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ ଦିନ୍ ଭାବରେ ପାଳନ କରାଯାଏ। ଏହି ଅବସରରେ ଆଜି ସୋନପୁର- ସମ୍ବଲପୁର ରାସ୍ତା ପାର୍ଶ୍ୱ ବ୍ଲକ ଛକ ନିକଟରେ ସମ୍ବଲପୁରୀ ଦିନ୍ ୨୦୨୫ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜନା ପ୍ରଧାନ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ବୀର ମହାରାଜ ପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ନାଟ୍ୟଶ୍ରୀ ଗଦା ଧର ବାରିକ, ଯୁବ ନେତା ଅମିୟ ରଞ୍ଜନ ଦାଶ ଓ ଶ୍ରଦ୍ଧାଞ୍ଜଳୀ ମିଶ୍ର ଯୋଗ ଦେଇ ସମ୍ବଲପୁରୀ ଦିନ ପାଳନ ର ମହତ୍ତ୍ୱ ଓ କୋଶେଲି ଭାଷା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ସର୍ଗତ ସତ୍ୟ ନାରାୟଣ ବହିଦାର ଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଗୁରୁ ଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ଫଟୋଚିତ୍ର ରେ ଅତିଥି ମାନେ ଧୂପ ଦୀପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ କଳାକାର ଶାଶ୍ୱତ ତ୍ରିପାଠୀ ଏବଂ ସହଯୋଗୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସୋନପୁର ର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ, ସାହିତ୍ୟିକ, ସଂସ୍କୃତି ସମ୍ପର୍କୀୟ ବ୍ୟକ୍ତି, ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ, କଳାକାର ଅତିଥି ଙ୍କ ସହ ସମ୍ବଲପୁରୀ ନାଚ ଗୀତ ରେ ଖୁବ୍ ମଜା ନେଇ ଥିଲେ। ଯାହାକି ସୋନପୁର ସହରର ଶତାଧିକ ଦର୍ଶକ, ବସ ଯାତ୍ରୀ ଉପଭୋଗ କରିଥିଲେ। ଏହି ଉତ୍ସବ ସଂଯୋଜନା ରେ ଶ୍ରୀ ବହିଦାର ସ୍ମୃତି କମିଟି ର ଅରୁଣ ବହିଦାର, ବିବେକ ପଣ୍ଡା, ସନ୍ତୋଷ ମିଶ୍ର, ଦେବାଶିଷ ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ବେଣୁଧର ପଧାନ, ଲଡୁ କିଶୋର ମଲ୍ଲିକ, ସୁଶାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ସ୍କାନର ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲୁଟ୍

# ଜନସେବା କେନ୍ଦ୍ର ଅଧିକାରୀଙ୍କଠୁ ଚୂନା



**ବୋରିଗୁମ୍ମା,୧୮ (ସଂଚାର ବ୍ୟୁରୋ):** ଦିନକୁ ଦିନ ସାଇବର ଠକେଇ ବଢୁଥିବା ଯୋଗୁଁ ଲୋକେ ସଚେତନ ହେବା ବେଳେ ଠକ ଏବେ ନୂଆ ନୂଆ ତାରିକାରେ ଠକେଇ ଆରମ୍ଭ କଲେଣି।କୋରାପୁଟ ଜିଲ୍ଲା ବୋରିଗୁମ୍ମା ଏବଂ କୋଟପାଡ଼, ସୋସାହାଣ୍ଡି ଅଞ୍ଚଳରେ ଠୋକଙ୍କ ଠାରୁ ଠକେଇ ଅଭିଯୋଗ ଆସିଛି। ଏବେ ଠକ ବିଭିନ୍ନ ଦୋକାନ କିମ୍ବା ଗ୍ରାହକ ସେବା କେନ୍ଦ୍ର କୁ ଯାଇ ଅଭିନୟ କରୁଛନ୍ତି କି ମେଡ଼ିକାଲ କେସରେ ଆର୍ଜେଣ୍ଟ ଟଙ୍କା ଦରକାର ଆଉ ଆପଣଙ୍କ କ୍ୟୁଆର କୋଡ଼ ଦିଅନ୍ତୁ ଆମ ଘର ଲୋକ ଟଙ୍କା ପଠେଇ ଦେବେ ମୋତେ କେସ ଦିଅନ୍ତୁ।ବୋରିଗୁମ୍ମା ରାମ ମନ୍ଦିର ନିକଟରେ ବିରେନ ଘାରାମି ନାମକ ଯୁବକ ଗ୍ରାହକ ସେବା କେନ୍ଦ୍ର କୁ ଜଣେ ଯୁବକ ଆସି ଏଭଳି କହିଥିଲେ କ୍ୟୁଆର କଡ଼ ଫୋଟ ଉଠାଇ ହୁଆଟ୍ସ ଆପ ରେ କାହାକୁ ପଠାଇଥିଲେ ପରେ ସେପଟରୁ ବି ଗୁରୁମୂର୍ତ୍ତି ନାମରେ ୭୦ ହଜାର ଟଙ୍କା ବିରେନ ଙ୍କ ଆକାଉଣ୍ଟ କୁ ଆସିବା ପରେ ବିରେନ ସେହି ଯୁବକକୁ ୭୦ ହଜାର ଟଙ୍କା କେସ ଆକାରରେ ଦେଇଥିଲେ। ପରେ ଦୁଇ ଦିନ ପରେ ବିରେନ ଙ୍କ ଆକାଉଣ୍ଟ କୁ ସାଇବର ସେଲ ଦ୍ୱାରା ଫ୍ରିଜ୍ କରାଯାଇଛି। ସାଇବର ସେଲ ଦ୍ୱାରା ବିରେନ ଙ୍କ ହ୍ୱାଟ୍ସଆପ ରେ ବିରେନ ଙ୍କ ବିରୁଦ୍ଧରେ ସାଇବର କେସ ଡ଼ିଟେଇଲ ଆସିଛି କି ୭୦ ହଜାର ଟଙ୍କା ସାଇବର ଫ୍ରଡ଼ ଟଙ୍କା ସେଥିପାଇଁ ତୁମ ନା ରେ କେସ ହୋଇଛି। ସେହିପରି କୋଟପାଡ଼ ଅଞ୍ଚଳରେ ଜଣେ ମୋବାଇଲ ଦୋକାନୀ ଙ୍କୁ ମଧ୍ୟ ୧୫ ହଜାର ଟଙ୍କା ଠକି ନେଇଛି ଠକ। ଏ ସମ୍ପର୍କରେ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବିରେନ ଘାରାମି।ଯେଉଁ ବ୍ୟକ୍ତିଙ୍କ ଆକାଉଣ୍ଟ ରୁ ଟଙ୍କା ଆସିଥିଲା ସେ ବ୍ୟକ୍ତିଙ୍କ ନାମ ବି ଗୁରୁମୂର୍ତ୍ତି, ବାପା ଗଂଗେୟା, ମୁଥାଲାରେଡ଼ିପାଲି ଥାନା, ତିରୁପତି ଜିଲ୍ଲା ଆନ୍ଧ୍ରପ୍ରଦେଶ ବୋଲି ଜଣାପଡ଼ିଛି।

## ବିଡ଼ିଓ ଓ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ

**ନୀଳଗିରି,୧୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ନାନା କଥା ଶୁଣିବାକୁ ମିଳୁଥିବା ବେଳେ ଟେଣ୍ଡର କାର୍ଯ୍ୟକୁ ଜବ୍ ମାଧ୍ୟମରେ କରିବା ଏବଂ କାର୍ଯ୍ୟକୁ ପ୍ରିୟାପ୍ରୀତି ତୋଷଣ ମାଧ୍ୟମରେ କରାଯାଉଥିବାରୁ ଏ ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେବା ସଙ୍ଗେ ସଙ୍ଗେ ଭିଜିଲାନ୍ସ ତଦନ୍ତର ଆବଶ୍ୟକତା ରହିଛି ବୋଲି ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧୀନରେ ବିଭିନ୍ନ ମଠ, ମନ୍ଦିର ଏବଂ ବିଦ୍ୟାଳୟ ମରାମତି ଓ ପୁନରୁଦ୍ଧାର ନିମିତ୍ତ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ସ୍ଥାନୀୟ ବିଡିଓ ଏହାକୁ ପ୍ରିୟାପ୍ରୀତି ତୋଷଣ ମାଧ୍ୟମରେ ବଣ୍ଟନକରି ହାତଚିକ୍କଣ କରୁଥିବାର ଅଭିଯୋଗ ଉଠିଛି। ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କାର ଊର୍ଦ୍ଧ୍ୱ କାର୍ଯ୍ୟକୁ ଟେଣ୍ଡର କରାଯିବାର ନିୟମ ଥିବାବେଳେ ବିଡିଓ ମହୋଦୟ କିପରି ଓ କାହା ଆଦେଶରେ ନୀଳଗିରି ବ୍ଲକର ସଜନାଗଡ଼ ଠାରେ ଥିବା ମା ଭୂଧାରଚଣ୍ଡୀ ମନ୍ଦିର ଏବଂ ଅଯୋଧ୍ୟା ସ୍ଥିତ ମା ମାରିଚୀ ମନ୍ଦିରର ମରାମତି ଏବଂ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉଭୟ ମନ୍ଦିର ପାଇଁ କ୍ରମାନୁଯାୟୀ ଚିଠି ନମ୍ବର ୩୨୪୨ ଏବଂ ୩୧୫୪ ତାରିଖ ୨୧.୨.୨୫ ଅନୁଯାୟୀ ଜିଲ୍ଲାପାଳ ବାଲେଶ୍ୱର ଙ୍କୁ ଉକ୍ତ ଦୁଇଗୋଟି ପ୍ରକଳ୍ପ ପାଇଁ ୪୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ତଦନୁଯାୟୀ ବାଲେଶ୍ୱର ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୩୭୦ ଏବଂ ୩୭୧ ତାରିଖ ୬.୬.୨୫ରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଉପରୋକ୍ତ ଦୁଇଟି ମନ୍ଦିର ପାଇଁ ମୋଟ ୪୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ମାତ୍ର ନୀଳଗିରି ବିଡିଓ ଉକ୍ତ କାର୍ଯ୍ୟକୁ ଟେଣ୍ଡର ନକରି ଜବ ମାଧ୍ୟମରେ ସଜନାଗଡ଼ ସ୍ଥିତ ମା ଭୁଧାରଚଣ୍ଡୀ ମନ୍ଦିରକୁ ୨୦ ଲକ୍ଷ ଟଙ୍କା ଏବଂ ଅଯୋଧ୍ୟା ଠାରେ ଥିବା ମା ମାରିଚୀ ମନ୍ଦିରକୁ ୨୦ ଲକ୍ଷ ଟଙ୍କା ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦେଇ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି।

## ସ୍ୱଚ୍ଛ ଭାରତ ଅଭିଯାନକୁ ପ୍ରଶଂସା



**ବୈଶିଙ୍ଗା,୧୮ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ 'କାର୍ଯ୍ୟକ୍ରମ କୁ ସଫଳ ରୂପାୟନ ରେ ପରିଣତ କରିବା ପାଇଁ ବୈଶିଙ୍ଗା ବିଇଡି ଆନୁକୁଲ୍ୟରେ ଆଜି ଅନୁଷ୍ଠିତ ସଫେଇ ଓ ବୃକ୍ଷରୋପଣ ପ୍ରୟାସ କୁ ସବୁ ମହଲରେ ପ୍ରଶଂସା କରାଯାଇଛି। ବୈଶିଙ୍ଗା ବିଇଡି ଶିକ୍ଷାନୁଷ୍ଠାନର ଡାଇରେକଟର ମଧୁସୁଦନ ମହାନ୍ତି ଏବଂ ପ୍ରିନ୍ସିପାଲ ବଳରାମ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନ ରେ ୫୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ କଲେଜରୁ ବାହାରି ଏକ ଶୋଭାଯାତ୍ରାରେ ବଜାର ପଦକ୍ରମା କରି ବସଷ୍ଟପ୍ ନିକଟରେ ସଫେଇ କରିବା ସହିତ ଯାତ୍ରୀ ମାନଙ୍କୁ ସଚେତନତାର ବାର୍ତ୍ତା ବଖାଣିଥିଲେ।ଏହା ପରେ ବୈଶିଙ୍ଗା ଥାନା ପରିସରକୁ ସଫେଇ କରିବା ସହିତ ୧୦ଟି ଚାରା ରୋପଣ କରାଇଥିଲେ। ସେଠାରୁ ବୈଶିଙ୍ଗା ଡାକ୍ତରଖାନା ଯାଇ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ପରେ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସର୍ବଦା ପରିଚ୍ଛନ୍ନ ରଖିବା ପାଇଁ ଡାକ୍ତରଖାନା କର୍ମଚାରୀ ଙ୍କ ସମେତ ଆସୁଥିବା ରୋଗୀ ଏବଂ ଆତ୍ମୀୟ ମାନଙ୍କୁ ସଚେତନ କରାଇଥିଲେ। ଲୋକ ଚଳପ୍ରଚଳ ସ୍ଥାନ ମାନଙ୍କରେ ନୂଆ ମଇଳା କୁଣ୍ଡ ବସାଇଥିଲେ। ଏଭଳି କାର୍ଯ୍ୟକ୍ରମ କୁ ବୈଶିଙ୍ଗା ବଜାର କମିଟି, ବୈଶିଙ୍ଗା ମିଡ଼ିଆ ସେଣ୍ଟର ତରଫରୁ ଭୁରି ଭୁରି ପ୍ରଶଂସା କରାଯାଇଛି। ଆଗକୁ ଏଭଳି ସମାଜସେବା କାର୍ଯ୍ୟ କରିବା ପାଇଁ ବିଇଡି ଡାଇରେକଟର ମଧୁସୂଦନ ମହାନ୍ତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଅଧିକରୁ ଅଧିକ ଗଛ ଲଗାଇବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ଭଞ୍ଜନଗର,୧୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି ଓ୍ୱିଙ୍ଗ୍ ଏବଂ ଜାତୀୟ ସେବା ଯୋଜନା ଶାଖା (୧) ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି।
ଏଥିରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ମା'ଙ୍କ ନାମରେ ଗଛଟିଏ ଲଗାଇବା କାର୍ଯ୍ୟକ୍ରମ ସମଗ୍ର ଦେଶରେ ସଫଳତାର ସହ ଚାଲିଛି। ଏହା ଏକ ଭଲ କାର୍ଯ୍ୟକ୍ରମ ବୋଲି ବକ୍ତାମାନେ କହିଥିଲେ। ଏନ୍‌ସି ସି ଆର୍ମି ଓ୍ୱିଙ୍ଗ୍ ସିଟି ଓ ଅର୍ପଣ ପ୍ରଧାନ, ଏନ୍‌ଏସ୍‌ଏସ ପୁରୁଷ ଶାଖା ଯୋଜନା ଅଧିକାରୀ ବି.କେ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## କଲେଜ ଆଲୁମିନୀ ଆସୋସିଏସନ ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ



**ସୁବର୍ଣ୍ଣପୁର,୧୮ (ସଂଚାର ବ୍ୟୁରୋ):** ସୋନପୁର କଲେଜ ଆଲୁମିନୀ ଏସୋସିଏସନ ପକ୍ଷରୁ ଆଜି ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ନୃପରାଜ ସାହୁ ଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷା ବିଭାଗରୁ ଆସିଥିବା ଶ୍ରୀ ସାହୁ ଆଲୁମିନୀ ଏସୋସିଏସନ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିବା ସହ ସୋନପୁର କଲେଜର ସମସ୍ତ ବିଷୟ ପଚାରି ବୁଝିଥିଲେ। ଏହି ଅବସରରେ ସଦସ୍ୟ ମାନେ କଲେଜ ରେ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ନିବେଦନ କରିଥିବା ବେଳେ କଲେଜ ର ବାଡ ଭାଙ୍ଗିଯାଇଥିବା ଯୋଗୁଁ ଅସାମାଜିକ ବ୍ୟକ୍ତିଙ୍କ ଅନଧିକାର ପ୍ରବେଶ ସହ ଗାଇ ମଧ୍ୟ କଲେଜ ଭିତରକୁ ପ୍ରବେଶ କରୁଥିବା ବିଷୟ ଜଣାଇ ଥିଲେ। ଏବଂ କଲେଜକୁ ନାକ୍ ର ପୁନଃ ସ୍ୱୀକୃତି ପାଇଁ ପଦକ୍ଷେପ ନେବା ସହ ସର୍ବ ପୁରାତନ ସୋନପୁର କଲେଜକୁ ସରକାରୀ ମାନ୍ୟତା ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା। ଏହି ସାକ୍ଷାତ ସମୟରେ ଆଲୁମିନୀ ଏସୋସିଏସନ ର ସଭାପତି ଡଃ ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି ଗତିକୃଷ୍ଣ ମିଶ୍ର, ସଂପାଦକ ଭାରତ ଭୁଷଣ ଦାଶ, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପୂଝାରୀ, ସଂଯୋଜକ ସୁଦାମ ମିଶ୍ର, ଅର୍ଥ ବିଭାଗ ନିଶାନ୍ତ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ପ୍ଲାବନ ମହାପାତ୍ରଙ୍କ ସହ ମିଡିଆ ସେଲ ମେମ୍ବର ରାଜ କିଶୋର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜନ ସୁରକ୍ଷା ଯୋଜନା ଅଧୀନରେ ପରିପୂର୍ତ୍ତି ଅଭିଯାନ



**ବେତନଟୀ,୧୮ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ବେତନଟୀ ବ୍ଲକ ପରିସରରେ ସଭାଗୃହ କକ୍ଷରେ ଏକ ଜନ ସୁରକ୍ଷା ଯୋଜନା ଅଧିନରେ ଓଡିଶାର ସମସ୍ତ ଜିଲ୍ଲାରେ ଗ୍ରାପ ସ୍ତରୀୟ ପରିପୂର୍ତ୍ତି ଅଭିଯାନ ଯାହା ଗତ ୧/୭/୨୫ ରୁ ୩୦/୯/୨୫ ରିଖ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅନୁଷ୍ଠିତ ହେବାର ଯେଉଁ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି ଏହା ଆଜି ଏଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଗ୍ରାପ ସ୍ତରୀୟ ଜନ ସଚେତନତା କାର୍ଯ୍ୟକ୍ରମରେ ଏଠାକାର ସମସ୍ତ ଜାତୀୟ କରଣ ବ୍ୟାଙ୍କ ଶାଖା ସମେତ ବେସରକାରୀ ବ୍ୟାଙ୍କ ଶାଖା ଗୁଡିକର ପରିଚାଳକ ମାନଙ୍କ ସହିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ର ଏଲଡିଓ ସନ୍ତୋଷ କୁମାର ମିଶ୍ର ଏଲଡିଏମ ସୂର୍ଯ୍ୟ ନାରାୟଣ ମିଶ୍ର ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାର ବେତନଟୀ ଗ୍ରାପ ସରପଞ୍ଚ ପାନମଣି ମୁର୍ମୁ ବେତନଟୀ ବ୍ଲକ ସିଡିପିଓ ପ୍ରମୁଖ ଙ୍କ ସମେତ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ। ବିଶେଷ କରି ପ୍ରଧାନ ମନ୍ତ୍ରୀ ଜନ ଧନ ଯୋଜନାରେ ଖାତା ଖୋଲା ଯିବା ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ ସହିତ ଅଟଳ ପେନସନ ଯୋଜନାରେ ନାମାଙ୍କନ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ନାମାଙ୍କନ ଅଚଳ ହୋଇ ଯାଇ ଥିବା ଜମା ଖାତାର ପୁର୍ନଃନବୀକରଣ ଅନକ୍ଲେମ ଜମାରାଶି ଏବଂ ଅଭିଯୋଗ ସମାଧାନ ବିଷୟରେ ସଚେତନ ହେବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ସହିତ ଯୋଗାଯୋଗ କରାଯିବା ନେଇ ରିଜର୍ଭ ବ୍ୟାଙ୍କର ମାର୍ଗ ଦର୍ଶନ ନିର୍ଦ୍ଦେଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ଆଜି ଏହି ଗ୍ରାପ ସ୍ତରୀୟ ପରିପୂର୍ତ୍ତି ଅଭିଯାନରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ୟୁକୋ ବ୍ୟାଙ୍କ ୟୁନିଅନ ବ୍ୟାଙ୍କ କାନାରା ବ୍ୟାଙ୍କ ଏଚଡିଏଫସି ବ୍ୟାଙ୍କ ଆଇସିଆଇସି ବ୍ୟାଙ୍କ ଶାଖାର ପରିଚାଳକ ମାନେ ଯୋଗ ଦେଇଥିଲେ। ଶେଷରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକ ହରିପଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆୟୋଜିତ କର୍ମଶାଳା ବେତନଟୀ ବ୍ଲକ ରେ ଆୟୋଜିତ ହୋଇଥିଲେ ହେଁ ବେତନଟୀ ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବିଡିଓ ଙ୍କ ପକ୍ଷରୁ ଯଦିଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅଟେ ସୂଚନା ମଧ୍ୟ ପ୍ରଦାନ କରା ଯାଇ ନ ଥିଲା।

## ବାପା ସାମ୍ନାରେ ଟଳି ପଡ଼ିଲା ପୁଅ, ଅପମୃତ୍ୟୁ ମାମଲା ରୁଜୁ

**ବୈଶିଙ୍ଗା,୧୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡ଼ଦେଉଳିଆ ଗ୍ରାମରେ ଗୁରୁବାର ଅପରାହ୍ନରେ ବାପାଙ୍କ ସହ ବାଇକରେ ଯାଉଥିବା ୪୦ ବର୍ଷିୟ ପୁଅଙ୍କୁ ହଠାତ୍ ଟାଣିନେଲା ଯମ। ଏଭଳି ଏକ ଦୁଃଖଦ ଘଟଣା ଯୋଗୁଁ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବେତନଟୀ ନିକଟସ୍ଥ ସଠିଲୋ ଗ୍ରାମର ରାକେଶ କୁମାର ଦାସ ଗଡ଼ଦେଉଳିଆ ସ୍ଥିତ ଏକ କାଗଜ କାର୍ଟୁନ୍ କାରଖାନାରେ କାମ କରନ୍ତି। ସେ ତାଙ୍କ ଘରଠାରୁ ଫ୍ୟାକଟ୍ରି କୁ ବାଇକ ଯୋଗେ ଦୈନିକ ଯିବାଆସିବା କରିଥାନ୍ତି। ତେବେ ତାଙ୍କ ବାପା ଅମିୟଙ୍କ ସହ ଏକ ବାଇକ ଯୋଗେ ଗୁରୁବାର ଯାଉଥିବା ବେଳେ ଫ୍ୟାକଟ୍ରି ଠାରୁ ଅଳ୍ପ ଦୂରରେ ହଠାତ୍ ମୁଣ୍ଡ ବୁଲାଇ ଦେଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ଓହ୍ଲେଇ ଗାଡ଼ିକୁ ଗଡ଼ାଇ ଗଡ଼ାଇ ଦୁଇଜଣ ଯାଉଥିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନରେ ପଡ଼ିଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବୈଶିଙ୍ଗା ପୋଲିସ ପକ୍ଷରୁ ୩୬ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତେବେ ରାକେଶ ପୂର୍ବରୁ କୌଣସି ରୋଗରେ ପୀଡିତ ନଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବେତନଟୀ,୧୮(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଗବପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ପାଢୀ ଅବସର ଗ୍ରହଣ କରିଛନ୍ତି। ତେଣୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କିଶୋର କୁମାର ବିନ୍ଧାଣୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାଢୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କର ସମୟାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣତା ଓ ଛାତ୍ରବତ୍ସଳତା ଆଦି ମହାନ ଗୁଣ ଗୁଡିକ ବିଷୟରେ ଭୂୟସୀ ପ୍ରଶଂସା କରାଯାଇଥିଲା। ଏହି ସଭାରେ ଆଗ୍ରିଆ ପଞ୍ଚାୟତ ଗବପାଳ ଗ୍ରାମର ୧ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଦୟାନିଧି ମୋଦି, ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ।

## ଉତେଇ ନଦୀ ଡ୍ୟାମ୍‌ରେ ଭିତରେ ଭାସୁଛି ଶିଶୁପୁତ୍ର ମୃତଦେହ



**ମ.ରାମପୁର,୧୮(ସଂଚାର ବ୍ୟୁରୋ):** ମ. ରାମପୁର ବ୍ଲକ ର ଆମ୍ବ ଗାଁ ସ୍ଥିତ ଉତେଇ ନଦୀ ଡେମ୍ ର ପାଣି ଭିତରେ ଏକ କଅଁଳ ଶିଶୁ ପୁତ୍ର ଟିର ମୃତ ଦେହ ଭାସମାନ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁସାରେ ଆଜି ଅପରାହ୍ନ ୫ ଟା ସମୟରେ ସ୍ଥାନୀୟ କିଛି ଲୋକ ଏହା ଦେଖିବାକୁ ପାଇଥିଲେ। କିନ୍ତୁ ଉକ୍ତ ଶିଶୁଟି କାହାର ଓ ଏହାକୁ କିଏ କେଉଁ ଉଦ୍ଦେଶ୍ୟ ରେ ନଦୀ ରେ ଭସେଇ ଦେଇଛି ତାହା ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ଉକ୍ତ ନଦୀଟି ପଡୋଶୀ ଜିଲ୍ଲା କନ୍ଧମାଳ ବେଲଘର ଅଞ୍ଚଳ ରୁ ଏହାର ଉତ୍ପତ୍ତି ସ୍ଥଳ ହୋଇଥିବାରୁ ଏହା କେଉଁଠିକାର ସେନେଇ ସଠିକ୍ ତଥ୍ୟ ଆକଳନ ହୋଇ ପାରୁନାହିଁ। ତେବେ ଏହା କୌଣସି କାରଣରୁ ଶିଶୁଟିର ସ୍ୱାଭାବିକ ମୃତ୍ୟୁ କିମ୍ବା କାହାର ଅବୈଧ ପ୍ରେମ ସମ୍ପର୍କ ରୁ ଜନ୍ମିତ ହେଇଥାଏ ପାରେ ଏଣୁ ଭସେଇ ଦେଇଥିବା ଚର୍ଚ୍ଚା ହେଉଛି। ତେବେ ପୁଲିସ୍ ର ଅନୁ ସନ୍ଧାନ ପରେ ହିଁ ଘଟଣା ର ସତ୍ୟାସତ୍ୟ ଉନ୍ମୋଚନ ହେବା ନେଇ ଆଶା କରାଯାଉଛି।

## ଭୟଙ୍କର ଅଗ୍ନିକାଣ୍ଡ: ଜଳିଗଲା ୧୨ ବଖରା

**ସାକ୍ଷୀଗୋପାଳ,୧୮(ସଂଚାର ବ୍ୟୁରୋ):** ପୁରୀ ଜିଲା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଘାସିଭବାନୀପୁର ଗ୍ରାମରେ ଶୁକ୍ରବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୯ଟି ପରିବାରର ୧୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ମୁତାବକ, ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ଈଶର ଜେନା, ଓକିଲ ଜେନା ଓ ମକରା ଜେନାଙ୍କ ଘରେ କୌଣସି କାରଣକୁ ନେଇ ନିଆଁ ଲାଗିଯାଇଥିଲା। ଫଳରେ ୯ଟି ପରିବାରର ୧୨ ବଖରା ଛପର ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଦିପ୍ତ ମହାପାତ୍ର ଦୁଇଟି ଦମକଳ ଗାଡ଼ି ଏବଂ ଅଗ୍ନିଶମ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



# ୪ ମାସ ହେଲା ପୂରଣ ହୋଇନି ଶିକ୍ଷାଧିକାରୀ ଆସନ

**ବାଲିପାଟଣା,୧୮(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଶିକ୍ଷାବିଭାଗ ଏବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦୀର୍ଘ ୪ ମାସ ହେଲା ଶିକ୍ଷାଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଥିଲେ ଆଜି ପର୍ଯ୍ୟନ୍ତ କୌଣସି ନୂତନ ଅଧିକାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଇନାହିଁ କ୍ଷକେବଳ ତାଳିପକା କାମ ଭଳି ବରମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅସ୍ଥାୟୀ ଭାବେ ଏଠାରେ ନିଯୁକ୍ତି ଦିଆଯାଇଛି କ୍ଷସେ କେତେବେଳେ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ତ କେତେବେଳେ ଏଠାକୁ ଆସୁଛନ୍ତି। କେଉଁ ସମୟରେ ଏଠାକୁ ଆସୁଛନ୍ତି ତାହା କହିବା ମୁସ୍କିଲ ହୋଇପଡ଼ିଛି। ଏହାର ଫାଇଦା ନେଉଛନ୍ତି କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଅସାଧୁ କର୍ମଚାରୀ। କିଛି କର୍ମଚାରୀ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଥିବା ଦେଖାଯାଇଛି। ଏପରିକି କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ଗୁଲିଖଟି କରି ସମୟ ଅତିବାହିତ କରୁଛନ୍ତି। ଏପରିକି କିଛି କର୍ମଚାରୀ ମଦ୍ୟପାନ କରି କାର୍ଯ୍ୟାଳୟକୁ ଆସୁଥିବା ଦେଖାଯାଇଛି। କିଛି କର୍ମଚାରୀ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବାହାରେ ପ୍ରକାଶ କରୁଛନ୍ତି। କିଛି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ଭେଦଭାବ ସୃଷ୍ଟି କରୁଛନ୍ତି। ସେହିପରି କେତେକାଂଶରେ ଏହାର ଫାଇଦା କିଛି ଶିକ୍ଷକ/ଶିକ୍ଷୟତ୍ରୀ ମାନେ ମଧ୍ୟ ଉଠାଉଛନ୍ତି। କିଛି ଶିକ୍ଷକ/ଶିକ୍ଷୟତ୍ରୀ ଶିକ୍ଷାଦାନକୁ ନିଜର ବ୍ରତ ଓ୍ କର୍ତ୍ତବ୍ୟ ଭାବି ଅଧ୍ୟୟନ କରୁଥିବା ବେଳେ କିଛି ଶିକ୍ଷାଦାନ କରିବାରେ ବହୁ ଅବହେଳା କରୁଛନ୍ତି। କିଏ ସଠିକ ସମୟରେ ଆସୁନଥିବା ବେଳେ ଆଉ





କିଏ କିଛି ବାହାନା କରି ଅଧ୍ୟୟନ ସମୟରେ ବାହାରେ ବୁଲାବୁଲି କରୁଥିବା ଦେଖାଯାଇଛି। ଶିକ୍ଷାଧିକାରୀ ନଥିବାରୁ ଏକପ୍ରକାର ଭୟଶୂନ୍ୟ ହୋଇଯାଇଛି ବ୍ଲକ ଶିକ୍ଷା ବିଭାଗ। ଅନ୍ୟପଟେ କିଛି ଶିକ୍ଷକ/ଶିକ୍ଷୟତ୍ରୀ ଅବସର ନେଇଥିଲେ ମଧ୍ୟ ସେମାନଙ୍କ ପେନସନ କାମ ହେବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ସେହିପରି ଦେଢ଼ ମାସ ହେବ ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୫ ଟି ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ/ଶିକ୍ଷୟତ୍ରୀ ଅଧ୍ୟୟନ କରୁଛନ୍ତି କ୍ଷଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଆବଶ୍ୟକିୟ କାଗଜପତ୍ର କାମ ମଧ୍ୟ ଉକ୍ତ ଶିକ୍ଷକ ମାନଙ୍କୁ କରିବାକୁ ପଡ଼ିଥାଏ କ୍ଷଯାହାଦ୍ୱାରା ୫ଟି ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ଏକକାଳୀନ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡ଼ିଛି। ଫଳରେ ଶିକ୍ଷା ପ୍ରଦାନ କରିବାରେ ବ୍ୟତିକ୍ରମ ଦେଖାଯାଉଛି। ସିଲାବସ ଅନୁସାରେ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡ଼ିଛି। ସେହିପରି ରାଜଧାନୀ ଭୁବନେଶ୍ୱର ଠାରୁ ମାତ୍ର ୮/୯ କିଲୋମିଟର ରାସ୍ତା ହୋଇଥିଲେ ମଧ୍ୟ ଏହି ବ୍ଲକରେ ଶିକ୍ଷାଧିକାରୀ ପଦ ପୂରଣ ନ ହେବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି କିଛି ଶିକ୍ଷାବିତ ଓ ବରିଷ୍ଠ ନାଗରୀକ।ତୁରନ୍ତ ବ୍ଲକରେ ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ଦେବାପାଇଁ ଦାବି ହୋଇଛି।